


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୦ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 SEPTEMBER 2022
Vol.No. 35 ■ No. 238 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


### ଭାରତ-ଚୀନ୍ ସୀମା ଉତ୍ତେଜନା ମଧ୍ୟରେ ଭଲ ଖବର

# ପୂର୍ବ ଲଦାଖର ଗୋଗ୍ରା ହଟ୍ ସ୍ପ୍ରିଙ୍ଗ ଅଞ୍ଚଳରୁ ସୈନ୍ୟ ଅପସାରଣ ଆରମ୍ଭ

ନୂଆଦିଲ୍ଲୀ, ୦୯/୦୯ : ଭାରତ ଓ ଚୀନ୍ ମଧ୍ୟରେ ସୀମାରେ ଉତେଜନା ଜାରି ରହିଥିବା ବେଳେ କିଛିଟା ଭଲ ଖବର ଆସିଛି । ପୂର୍ବ ଲଦାଖର ଗୋଗ୍ରା ହଟ୍ ସ୍ପ୍ରିଙ୍ଗ ଅଞ୍ଚଳରୁ ଦୁଇ ଦେଶର ସେନା ସୈନ୍ୟ ଅପସାରଣ ଆରମ୍ଭ କରିଥିବାର ସୂଚନା ମିଳିଛି । ଉଭୟ ଦେଶ ମଧ୍ୟରେ ୧୬ତମ କମାଣ୍ଡର ସ୍ତରୀୟ ବୈଠକ ପରେ ଏହି ସୈନ୍ୟ ଅପସାରଣ ହୋଇଛି । ଉଭୟ ଦେଶ ପକ୍ଷରୁ ଏକ ମିଳିତ ବିବୃତିରେ ଏହି ସୂଚନା ଜାରି କରାଯାଇଛି । ୨୦୨୦ ଏପ୍ରିଲ ମାସରୁ ଲାଇନ୍ ଅଫ୍ ଏକଚୁଆଲ କଂଟ୍ରୋଲ ବା ଏଲଏସିରେ ଉତ୍ତେଜନା ଲାଗି ରହିଛି । ୨୦୨୦ ଜୁନ୍ ମାସରେ ଗଲୱାନ ଘାଟିରେ ଉଭୟ ଦେଶର ସେନା ମଧ୍ୟରେ ସଂଘର୍ଷ ହୋଇଥିଲା । ଏଥିରେ



ଆମର ୨୦ ଜଣ ଯବାନ ସହିଦ ହୋଇଥିବା ବେଳେ ଚୀନ୍ ମଧ ବ୍ୟାପକ କ୍ଷତି ସହିଥିଲା । ଯଦିଓ ଚୀନ୍ ଏହାର କ୍ଷୟକ୍ଷତି କଥା ସାମ୍ନାକୁ ଆଣି ନାହିଁ, ତେବେ ଆମେରିକୀୟ ଗୁଇନ୍ଦା ଆକଳନ ଅନୁସାରେ ଏହି ସଂଘର୍ଷରେ ଚୀନର ୪୦ରୁ ଅଧିକ ସୈନିକ ମୃତାହତ ହୋଇଥିଲେ । ଏହି ସଂଘର୍ଷ ପରେ ଉତ୍ତେଜନା କମାଇବାକୁ ଉଭୟ ଭାରତ ଓ ଚୀନ କୂଟନୈତିକ ଆଲୋଚନା ଆରମ୍ଭ କରିଥିଲେ । ଏପରିକି ରୁଷରେ ଉଭୟ ଦେଶର ପ୍ରତିରକ୍ଷାମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହାପରେ ଗଲୱାନ ଘାଟି ଓ ପାଙ୍ଗଙ୍ଗ ସୋ ନିକଟରେ ଉଭୟ ଦେଶ ସେନା ଅପସାରଣ କରିଥିଲେ । ହେଲେ ଅନ୍ୟ କିଛି ଜାଗାରେ ଉଭୟ ସେନା ମୁତୟନ ରହିଥିଲେ । ଏହାକୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ଲଗାତର ଭାବେ ଆଲୋଚନା ଜାରି ରହିଛି ।

# ୨୦୨୪ ପାଇଁ ବିଜେଡିର ନୂଆ ଟାର୍ଗେଟ

## ଦେଢ଼ କୋଟି ଭୋଟରଙ୍କୁ ଯୋଡ଼ିବା ଲକ୍ଷ୍ୟ !

ଭୁବନେଶ୍ୱର,୦୯/୦୯ (ନି.ପ୍ର): ନିର୍ବାଚନ ଆସିନି ହେଲେ ଏବେଠୁ ରାଜ୍ୟରେ ଅନୁଭୂତ ହେଲାଣି ନିର୍ବାଚନୀ ମାହୋଲ । ଦିଲ୍ଲୀରୁ ନବୀନ ଫେରିବା ଦିନ ବିଶାଳ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଥିବା ଶାସକ ଦଳ ଏବେ ଆଗାମୀ ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ଏଥର ପୂର୍ବ ତୁଳନାରେ କେମିତି ଅଧିକ ଭୋଟ ମିଳିବ ସେଥିପାଇଁ ଦଳ ଟାର୍ଗେଟ କରିଛି । ସୂଚନା ଅନୁସାରେ ୨୦୧୯ ସାଧାରଣ ନିର୍ବାଚନରେ କୋଟିଏ ୫ ହଜାର ଭୋଟ ପାଇଥିବା ବିଜେଡି ଆଗକୁ ଦେଢ଼ କୋଟି ଭୋଟ ପାଇବାକୁ ଲକ୍ଷ୍ୟ ରଖିଛି । ଅର୍ଥାତ ରାଜ୍ୟରେ କ୍ଲିନ ସୁଇପ କରିବା ଲକ୍ଷ୍ୟରେ ରହିଛି ବିଜୁ ଜନତା ଦଳ ।



ସାଧାରଣ ନିର୍ବାଚନକୁ ଆଉ ଦେଢ଼ ବର୍ଷ ବାକି ଅଛି, ହେଲେ ଏବେ ଠାରୁ ରାଜ୍ୟ ରାଜନୀତି ଉଷୁମ ହେବାରେ ଲାଗିଛି । ସାଙ୍ଗଠନିକ ବୈଠକରେ ନୂଆ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି ବିଜେଡି । ଦଳ ଯେଉଁ ଟାର୍ଗେଟ ନେଇଛି, ସେଥିରୁ ଜଣାପଡୁଛି ଏକତରଫା ବିଜୟ ଲକ୍ଷ୍ୟରେ ରହିଛି ବିଜେଡି । ତେବେ ଦୁଇ ଦିନ ଧରି ରାଜଧାନୀରେ ଚାଲିଥିବା ସାଙ୍ଗଠନିକ ବୈଠକରେ ଆଗାମୀ ନିର୍ବାଚନ ପାଇଁ ଦେଢ଼ କୋଟି ଭୋଟ ପାଇଁ ଟାର୍ଗେଟ ରଖିଛି ବିଜେଡି । ଅର୍ଥାତ ବିରୋଧୀ ଦଳକୁ ଆହୁରି ପଛକୁ ଠେଲି ଦେବାକୁ ଯୋଜନା କରିଛି ଦଳ । ୨୦୧୯ ବିଧାନସଭା ନିର୍ବାଚନରେ ୧ କୋଟି ୫ ଲକ୍ଷରୁ ଅଧିକ ଭୋଟ ପାଇଥିଲା ବିଜେଡି । ୪୪ ପ୍ରତିଶତରୁ ଅଧିକ ଭୋଟ ପାଇ ୧୧୨ଟି ବିଧାନସଭା ଆସନରେ ବିଜୟୀ ହୋଇଥିଲା । ଏହାର ଦୁଇ ବର୍ଷ ପରେ ଅର୍ଥାତ ୨୦୨୨ ପଞ୍ଚାୟତ ନିର୍ବାଚନରେ ଦଳ ୧ କୋଟି ୧୦ ଲକ୍ଷରୁ ଅଧିକ ଭୋଟ ପାଇ ୭୫୯ଟି ଜିଲ୍ଲା ପରିଷଦ ଆସନ ଅକ୍ତିଆର କରିଥିଲା । ସବୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ବିଜେଡି ହାତକୁ ଯାଇଥିଲା । ୨୦୨୪ ପାଇଁ ଟାର୍ଗେଟକୁ ଆହୁରି ବଢ଼ାଇ ଦେଇଛି । ଦେଢ଼ କୋଟି ଭୋଟ ପାଇଁ ଲକ୍ଷ୍ୟ ରଖିଛି ଦଳ ।୨୦୧୯ ନିର୍ବାଚନରେ ତତ୍କାଳୀନ ବିଜେପି ଅଧ୍ୟକ୍ଷ ଅମିତ ଶାହା ଓଡ଼ିଶା ପାଇଁ ୧୨୦ ପ୍ଲସ୍ ଟାର୍ଗେଟ ରଖିଥିଲେ । ବିଧାନସଭା ନିର୍ବାଚନରେ ଯଦିଓ ଅଧିକ ସିଟ୍ ▶▶ପୃଷ୍ଠା ୭

### ୧୦ଦିନ ଧରି ପେଣ୍ଡାଲରେ ପୂଜା ପାଇବା ପରେ ହେଲା ଗଜାନନଙ୍କ ବିସର୍ଜନ

ନୂଆଦିଲ୍ଲୀ, ୦୯/୦୯ : ଶ୍ରଦ୍ଧାଳୁଙ୍କ ସହ ୧୦ ଧରି ରହିବା ପରେ ଶେଷରେ ବିଦାୟ ନେଇଛନ୍ତି ଗଣପତି । ଭକ୍ତମାନେ ଯେଉଁଭଳି ଆଦର,ଶ୍ରଦ୍ଧା ଓ ଭକ୍ତି ସହ ବପ୍ପାଙ୍କ ପୂଜା କରିଥିଲେ ଠିକ୍ ସେହିଭଳି ଧୁମଧାମ ଓ ଆଡମ୍ବର ସହ ବିଦାୟ ଦିଆଯାଇଛି । ଭସାଣ ଯାତ୍ରାକୁ ନେଇ ଦୁଲୁକୁଛି ମୁମ୍ବାଇ ସମେତ ପୂରା ମହାରାଷ୍ଟ୍ର । ଗଣପତିଙ୍କ ବିଶାଳ ମୂର୍ତି ଗୁଡିକ ଅତି ଯତ୍ନ ସହକାରେ ଶ୍ରଦ୍ଧାର ସହ ବିସର୍ଜନ କରାଯାଉଛି । ତେବେ ଗଣପତିଙ୍କୁ ବିସର୍ଜନ ସମୟରେ ଶ୍ରଦ୍ଧାଳମାନେ ଭାବବିହ୍ୱଳ ହୋଇପଡିଛି । ମହାରାଷ୍ଟ୍ର ପୁଣେରେ ବେଶ ଧୁମ୍ ଧାମରେ ଗଣେଶ ଭଷାଣ ଉତ୍ସବ ଅନୁଷ୍ଠିତ ହୋଇଛି । ବାଜା ରୋଷଣୀର ତାଳେ ତାଳେ ଭକ୍ତମାନେ ପ୍ରଭୁ ଗଣେଷଙ୍କ ଚଳିତବର୍ଷ ପାଇଁ ବିଦାୟ ଦେଉଛନ୍ତି । ମହାରାଷ୍ଟ୍ରର ଗଣପର୍ବ ଭାବେ ଗଣପତି ଉତ୍ସବ ପାଳନ କରାଯାଏ । ୧୦ ଦିନ ଧରି ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଏ । ସେପଟେ ଯେଭଳି ପରିବେଶ ଦୂଷିତ ନହୁଏ ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯାଇଛି । ବପ୍ପା ବିସର୍ଜନ ପାଇଁ ନଦୀ ମାନଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି, କେତେକ ସ୍ଥାନରେ କୃତିମ ଜଳାଶ୍ରୟରେ ବାପାଙ୍କୁ ବିସର୍ଜନ କରାଯାଇଛି । ବିଭିନ୍ନ ନଦୀ ଓ ଜଳାଶୟରେ ଗଣେଷଙ୍କୁ ମେଲାଣି ଦିଆଯାଉଛି ।

## ବଜାରରେ ବୁଲୁଛି ନକଲି ଔଷଧ : ଭୁବନେଶ୍ୱର ବିଭିନ୍ନ ଔଷଧ ଦୋକାନରେ ରେଡ୍

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଔଷଧ ଟେଲମା-୪୦ର ନକଲି ଔଷଧ ବଜାରରେ ମିଳୁଥିବା ଅଭିଯୋଗ ପରେ ଚଢ଼ାଉକୁ ଜୋରଦାର କରିଛି ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ । ଆଜି ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଔଷଧ ଦୋକାନରେ ଚଢ଼ାଉ କରାଯାଇଛି । ଔଷଧ ଦୋକାନ ଗୁଡିକରୁ ଟେଲମା-୪୦ର ଏକ ନିର୍ଦ୍ଦିଷ୍ଟ ବ୍ୟାଚର ମେଡିସିନକୁ ଫେରାଇ ନିଆଯାଉଛି । ତେବେ ନକଲି ଔଷଧ କଥା ଶୁଣି ସାଧାରଣ ଲୋକଙ୍କ ଚିନ୍ତା ବଢ଼ି ଯାଇଛି । ଉଚ୍ଚ



ରକ୍ତଚାପ ନିୟନ୍ତ୍ରଣ ପାଇଁ ବହୁଳ ବ୍ୟବହାର ହେଉଥିବା ଔଷଧ 'ଟେଲମା-୪୦'ର ନକଲି ଔଷଧ ବଜାରରେ ମିଳୁଥିବା ଅଭିଯୋଗ ପରେ ଚଢ଼ାଉକୁ ଜୋରଦାର କରିଛନ୍ତି ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ । ନକଲି ଟେଲମା-୪୦ ଔଷଧ ବିକ୍ରି ହେଉଥିବା ଅଭିଯୋଗରେ ଶୁକ୍ରବାର ଭୁବନେଶ୍ୱର, କଟକ, ବଲାଙ୍ଗୀର ସମେତ ରାଜ୍ୟର ▶▶ପୃଷ୍ଠା ୭

## ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କୁ ସମ୍ମାନ ଜଣାଇ ସେପ୍ଟେମ୍ବର ୧୧ରେ ରାଷ୍ଟ୍ରୀୟ ଶୋକ ପାଳିବ ଭାରତ

ନୂଆଦିଲ୍ଲୀ, ୦୯/୦୯ : ଗୁରୁବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ବ୍ରିଟେନର ମହାରାଣୀ ଏଲିଜାବେଥ ଦ୍ୱିତୀୟ । ୯୬ ବର୍ଷରେ ସ୍କଟଲ୍ୟାଣ୍ଡରେ ମହାରାଣୀଙ୍କ ପରଲୋକ ହୋଇଛି । ବ୍ରିଟେନ ରାଜପରିବାର ପକ୍ଷରୁ ସୂଚନା ଦିଆଯାଇଛି । ତାଙ୍କ ପରଲୋକରେ ବ୍ରିଟେନ ଇତିହାସରେ ଏକ ଯୁଗର ଅବସାନ ଘଟିଛି । ଗତବର୍ଷ ତାଙ୍କ ସ୍ୱାମୀ ପ୍ରିନ୍ସ ଫିଲିପଙ୍କର ୯୯ ବର୍ଷ ବୟସରେ ପରଲୋକ ହୋଇଥିଲା । ଏଲିଜାବେଥ୍ ଦ୍ୱିତୀୟଙ୍କ ପରଲୋକ ନେଇ ବିଶ୍ୱର ସବୁ କୋଣରୁ ଶୋକବାର୍ତା ଛୁଟିଛି ।ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ



ଏଲିଜାବେଥଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ଦୀର୍ଘ ୭ ଦଶନ୍ଧୀ ଧରି ବ୍ରିଟେନ ଓ ବ୍ରିଟେନବାସୀଙ୍କୁ ଏଲିଜାବେଥ୍ ନେତୃତ୍ୱ ଦେଇ ଆସୁଥିଲେ । ବିଶ୍ୱର ସବୁଠୁ ଲମ୍ବା ସମୟ ଶାସନ କରିଥିବା ଶାସକଙ୍କ ତାଲିକାରେ ସେ ଦ୍ୱିତୀୟରେ ଅଛନ୍ତି । ▶▶ପୃଷ୍ଠା ୭

# ୨୦୨୪ ପାଇଁ 'ସେନାପତି' ବାଛିଲା ବିଜେପି

ନୂଆଦିଲ୍ଲୀ, ୦୯/୦୯ : ୨୦୨୪ ସାଧାରଣ ନିର୍ବାଚନ ପାଇଁ ସେନାପତି ବାଛିଛି ଭାରତୀୟ ଜନତା ପାର୍ଟି । ୧୫ ରାଜ୍ୟରେ ନୂଆ ପ୍ରଭାରୀ ଏବଂ ସହ ପ୍ରଭାରୀଙ୍କୁ ନିଯୁକ୍ତ କରିଛି ଦଳ । ଶୁକ୍ରବାର ପାର୍ଟିର ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ ସୂଚନା ଦେଇଛନ୍ତି ଯେ, ଜେପି ନଡ୍ଡା ନୂଆ ନାଁ ଉପରେ ମୋହର ମାରିଛନ୍ତି । ଯାହାକୁ ତତ୍କାଳ ପ୍ରଭାବରେ ଲାଗୁ କରାଯିବ । ଜାରି କରାଯାଇଥିବା ସୂଚୀ ମୁତାବକ, ବିନୋଦ ତାବଡେଙ୍କୁ ବିହାର, ଓମ୍



ମାଥୁରଙ୍କ ଛତିଶଗଡ, ବପ୍ଲବ କୁମାର ଦେବଙ୍କୁ ହରିୟାଣା, ଲକ୍ଷ୍ମୀକାନ୍ତ ବାଜପେୟୀଙ୍କୁ ଝାଡଖଣ୍ଡ, ପ୍ରକାଶ ଜାଭେଦକରଙ୍କୁ କେରଳ, ରାଧାମୋହନ ଅଗ୍ରୱାଲଙ୍କୁ ଲାକ୍ଷାଦ୍ୱୀପ, ପି ମୁରଲୀଧର ରାଓଙ୍କୁ ମଧ୍ୟପ୍ରଦେଶ, ବିଜୟ ରୂପାଣୀଙ୍କୁ ପଞ୍ଜାବ ଓ ଚଣ୍ଡୀଗଡ, ତରୁଣ ଚୁଘଙ୍କୁ ତେଲେଙ୍ଗାନା, ଅରୁଣ ସିଂହଙ୍କୁ ରାଜସ୍ଥାନ, ମହେଶ ଶର୍ମାଙ୍କୁ ତ୍ରିପୁରା, ମଙ୍ଗଳ ପାଣ୍ଡେଙ୍କୁ ପଶ୍ଚିମବଙ୍ଗ ଏବଂ ସମ୍ବିତ ପାତ୍ରଙ୍କୁ ପୂର୍ବୋତ୍ତର ରାଜ୍ୟର ପ୍ରଭାରୀ ନିଯୁକ୍ତ କରାଯାଇଛି । ସେହିପରି ସାଂସଦ ହରିଶ ଦ୍ୱିବେଦୀଙ୍କୁ ବିହାର, ବିଧାୟକ ନିତିନ ନବୀନଙ୍କୁ ଛତିଶଗଡ ରାଜ୍ୟର ସହ ପ୍ରଭାରୀ ନିଯୁକ୍ତ କରାଯାଇଛି । ତାଙ୍କ ସହିତ ସାଂସଦ ▶▶ପୃଷ୍ଠା ୭

### ଓୟୁଏଟି କୁଳପତି ହେଲେ ପ୍ରଭାତ ରାଉଳ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଓଡିଶା ୟୁନିଭର୍ସିଟି ଅଫ୍ ଅଗ୍ରିକଲଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି)ର କୁଳପତି ଭାବେ ପ୍ରଫେସର ପ୍ରଭାତ କୁମାର ରାଉଳଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଏହି ନିଯୁକ୍ତି ଦେଇଛନ୍ତି। ଆଗାମି ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସୂଚନା ଅନୁଯାୟୀ ପ୍ରଫେସର ରାଉଳ ବର୍ତମାନ ଆପିକଲର ମ୍ୟାନେଜିଂ ଡାରେକ୍ଟର ଭାବେ କାର୍ଯ୍ୟରତ । ତାଙ୍କ ନିକଟରେ ୨୯ ବର୍ଷର ଶିକ୍ଷକତା ଅଭିଜ୍ଞତା ରହିଛି। ସେ ୨୪ ଟି ବହି ଲେଖିଥିବା ବେଳେ ତାଙ୍କ ଅଧୀନରେ ୯ ଜଣ ପିଏଚଡି କରିଛନ୍ତି।

### କୋର୍ଟରେ ୫ ହଜାର ଟଙ୍କା ଲେଖାଏଁ ଦାଖଲ କରିବେ ବର୍ଷା-ଅନୁଭବ

ଭୁବନେଶ୍ୱର,୦୯/୦୯ (ନି.ପ୍ର): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଓ ପତ୍ନୀ ବର୍ଷା ପ୍ରିୟଦର୍ଶନୀ ପାରିବାରିକ ବିବାଦ ମାମଲାରେ ଉଭୟଙ୍କୁ ୫ ହଜାର ଲେଖାଏଁ ଟଙ୍କା ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କାରବାରରେ ଅଯଥା ବିଳମ୍ବ କରିଥିବାରୁ ଏହି ଟଙ୍କା ଦାଖଲ କରିବାକୁ କଟକ ଫ୍ୟାମିଲି କୋର୍ଟ ଦୁହିଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୧୪ ତାରିଖ ସୁଦ୍ଧା ଉଭୟଙ୍କୁ ୫ ହଜାର ଲେଖାଏଁ ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ କୋର୍ଟ ଉଭୟ ବର୍ଷା ଓ ଅନୁଭବଙ୍କ ନୂଆ ପିଟିସନଙ୍କୁ ମଧ ଗ୍ରହଣ କରିଛନ୍ତି । ସାକ୍ଷ୍ୟ ଗ୍ରହଣ ପାଇଁ ବର୍ଷାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି କୋର୍ଟ । ବିବାହ ସ୍ଥାନ ତଥ୍ୟରେ ସଂଶୋଧନ ପାଇଁ ଅନୁଭବଙ୍କ ଆବେଦନ ବି ଗ୍ରହଣ କରାଯାଇଛି। ବାରମ୍ବାର ତାରିଖ ସତ୍ୱେ ସାକ୍ଷ୍ୟଗ୍ରହଣ ପାଇଁ ଆସୁନଥିଲେ ବର୍ଷା । ଛାଡ଼ପତ୍ର ପିଟିସନରେ ବିବାହ ସ୍ଥାନ ବି ଭୁଲ୍ ଦେଇଥିଲେ ସାଂସଦ ଅନୁଭବ ମହାନ୍ତି ।

# ବିଜେପି ଫୋକସ୍‌ରେ ଓଡ଼ିଶା



ଭୁବନେଶ୍ୱର,୦୯/୦୯ (ନି.ପ୍ର): ବିଜେପି ଫୋକସରେ ରହିଛି ଓଡ଼ିଶା। ଦଳୀୟ ସଂଗଠନକୁ ମଜବୁତ୍ କରିବା ପାଇଁ ନିକଟରେ ନୂଆ ପ୍ରଭାରୀ ଓଡିଆ ଆସି ଫେରିଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ମାନେ ଓଡିଶା ଗସ୍ତରେ ଆସିଛନ୍ତି। ଶୁକ୍ରବାର ୬ ଜଣ କେନ୍ଦ୍ରମନ୍ତ୍ରୀ ପହଂଚିଥିବା ବେଳେ ଆସନ୍ତାକାଲି ଆଉ ଜଣେ କେନ୍ଦ୍ରମନ୍ତ୍ରୀ ଓଡିଶା ଆସୁଛନ୍ତି। ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଜୁନ ମୁଣ୍ଡା, ନିତ୍ୟାନନ୍ଦ ରାୟ, ଅଶ୍ୱିନୀ ଚୌବେ, ଭୂପେନ୍ଦ୍ର ଯାଦବ ଓ ବିଶେଶ୍ୱର ଟୁଡୁ ଓଡିଶା ଗସ୍ତରେ ଆସିଛନ୍ତି। ସେହିପରି ଆସନ୍ତାକାଲି କେନ୍ଦ୍ର ମନ୍ତ୍ରୀ ନିଶିଥ ପାରମାଣିକ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଆଜି ସକାଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଭୁବନେଶ୍ୱରରେ ପହଂଚିଥିଲେ। ଅର୍ଜୁନ ମୁଣ୍ଡା ଯାଜପୁର ଯାଇ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହ ସଂଗଠନ କଥା ବୁଝିବେ। ସେହିପରି ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ଦଳୀୟ ସଂଗଠନର ସମୀକ୍ଷା କରିବେ। ଏହାସହ ୨୯ରେ ଆସୁଥିବା ବିଜେପି ସଭାପତି ଜେ.ପି ନଡ୍ଡାଙ୍କୁ ଗସ୍ତ ନେଇ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି କଟକରେ କେନ୍ଦ୍ର ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଦଳୀୟ ସଂଗଠନର ସମୀକ୍ଷା କରିବେ। ▶▶ପୃଷ୍ଠା ୭

## କୋଣାର୍କରୁ ବାଲି କାଢ଼ିବାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର,୦୯/୦୯ (ନି.ପ୍ର): କୋଣାର୍କ ସୂର୍ଯ୍ୟମନ୍ଦିରରୁ ବାଲି କାଢିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ନିଷ୍ପତ୍ତି କରିବା ପରେ, ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଗବେଷକ । କାହା ପରାମର୍ଶରେ ଏଏସଆଇ ଏଭଳି ନିଷ୍ପତ୍ତି କରିଛି ଏବଂ ବାଲି କାଢିବା ହିଁ ଏକମାତ୍ର ବିକଳ୍ପ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ବାଲି କାଢିବା ଫଳରେ ଏହା ଅଧିକ ସୁରକ୍ଷିତ ହେବ ନା ବିପଦ ବଢାଇବ, ତାକୁ ନେଇ ସନ୍ଦିହାନ ହୋଇପଡିଛନ୍ତି । ବାଲି କାଢିବା ପାଇଁ ଭୂମି ପୂଜନ କରାଯାଇ ସାରିଲାଣି । ଅର୍ଥାତ ଏଏସଆଇ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଏତେବଡ କାମ ପାଇଁ ରାଜ୍ୟ ସରକାରଙ୍କ କୌଣସି ପଦାଧିକାରୀଙ୍କୁ ସାମିଲ କରାନଯିବା ସ୍ଥାନୀୟ ଲୋକଙ୍କ ସନ୍ଦେହକୁ ବଢାଇ ଦେଇଛି । ଉପରକୁ ଥିବା ଜଗମୋହନକୁ ପ୍ରଥମେ ସୁରକ୍ଷା ନଦେଇ, ବାଲି କାଢିବା ପାଇଁ ହୋଇଥିବା ନିଷ୍ପତିକୁ ସେମାନେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । ବିଗତ ଦିନରେ ସୂର୍ଯ ମନ୍ଦିର ଜଗମୋହନରୁ ବାରମ୍ବାର ପଥର ଖସିବା ପରେ ୨୦୦୬ ମସିହାରେ ଏକ ୧୫ ଜଣିଆ ବିଶେଷଜ୍ଞ ଦଳ ସ୍ଥିତି ଅନୁଧ୍ୟାନ କରି ଗର୍ଭଗୃହର ବାଲି ୧୬ ଫୁଟ ତଳକୁ ଖାସିଯାଇଥିବା ରିପୋର୍ଟ ଦେଇଥିଲେ । ତେଣୁ ଭିତର କାନ୍ଥରେ ଚାପ ସୃଷ୍ଟି ହୋଇ ବିଭିନ୍ନ ସ୍ଥାନରେ ଫାଟ ଦେଖାଯାଇଥିବା ସୂଚନା ଦେଇଥିଲେ । ଏହାପରେ ବାଲି ନିଷ୍କାସନ ସହ ଭିତରପଟ କାନ୍ଥକୁ ଷ୍ଟେନଲେସ ଷ୍ଟିଲ ସପୋର୍ଟ ଦେବାପାଇଁ ବିଶେଷଜ୍ଞମାନେ ସେତେବେଳେ ପରାମର୍ଶ ଦେଇଥିଲେ । ହେଲେ ଏଏସଆଇ ଏହି ପରାମର୍ଶକୁ ▶▶ପୃଷ୍ଠା ୭

## ୩୬ ଘଂଟାରେ ସୁଦୃଶ୍ୟ ଲଘୁଚାପ ସମ୍ଭାବନା, ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୯/୦୯ (ନି.ପ୍ର): ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରୀ ରହିଛି। ଆଗାମୀ ୩୬ ଘଂଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ତତସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗର ତଥା ଉତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳ ସମୁଦ୍ର ଏକ ସୁଦୃଶ ଲଘୁଚାପ କ୍ଷେତ୍ରରେ ପରିଣତ



ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ▶▶ପୃଷ୍ଠା ୭

## ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ଅଭିଯୁକ୍ତମାନେ ଫେରାର୍

ଜୟପୁର,୯/୦୯ (ନି.ପ୍ର): ଟିକାପୁଟ ଗ୍ରାମ ନିକଟ ଛକରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖି ପ୍ରସ୍ତୁତି ଚାଲିଥିବା ବେଳେ କୋରାପୁଟ ଜିଲ୍ଲା ଲମତାପୁଟ ପୋଲିସ ସେଠାରେ ଚଢଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ବିଶେଷ ସୂତ୍ରରୁ ଖବର ପାଇ କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଏସଡିପିଓ ସଂଜୟ କୁମାର ମହପାତ୍ରଙ୍କ ନେତୃତ୍ୱରେ ମାଛକୁଣ୍ଡ ଏବଂ ଲମତାପୁଟ ପୋଲିସ ଟିକାପୁଟ ଗ୍ରାମ ଛକ ନିକଟରେରେ ଚଢଉ କରିଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚିବା ଦେଖି ଅନ୍ଧାରର ସୁଯୋଗ ନେଇ ମାଫିଆ ଫେରାର ହୋଇଯାଇଥିଲେ । ଗଚ୍ଛିତ ରଖିଥିବା ୮ ଟି ବସ୍ତାରେ ପ୍ରାୟ ୨ କ୍ୱିଂଟାଲ ଗଞ୍ଜେଇ ଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ରଖାଯାଇଥିବା ଏବଂ ସ୍ଥାନୀୟ ଯୁବକ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି । ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ନାମ ଗୋପନ ରଖିଛି ପୋଲିସ ଏବଂ ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଥିବା ଗଣମାଧମକୁ ସୂଚନା ଦିଆଯାଇଛି ।

## ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର ,୯/୦୯ (ନି.ପ୍ର): ଓଡିଶା ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ତିନି ଜଣିଆ ପ୍ରତିନିଧି ମଣ୍ଡଳୀ କମିଟିର ଅଧକ୍ଷ ତଥା ବରିଷ୍ଠ ବିଧାୟକ ନରସିଂହ ମିଶ୍ର ଙ୍କ ନେତୃତ୍ୱରେ ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ପହଂଚିଥିଲେ । ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ପ୍ରଥମେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦାନ କରି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ବିଶେଷ ଭାବେ ଖାଦ୍ୟ ନିରାପତ୍ତା, ସ୍କୁଲ ଗୁଡିକୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନ ନିମନ୍ତେ ଚାଉଳ ଯୋଗାଣର ସୁବ୍ୟବସ୍ଥା, ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସାଧାରଣ ବଣ୍ଟନ ବ୍ୟବସ୍ଥା, କୃଷି ବୀମା ଯୋଜନାର କାର୍ଯ୍ୟକାରିତା, ଧାନ କିଣା ବିକା ତଥା ବିଭିନ୍ନ ମଣ୍ଡି ର ସୁପରିଚାଳନା ନିମନ୍ତେ ମଣ୍ଡି ପରିସରରେ ସି ସି ଟି ଭି କ୍ୟାମେରା ଲଗାଇବାକୁ ସୁନିଶ୍ଚିତ କରିବା,ସେବା ସମବାୟ ତରଫରୁ କୃଷି ଋଣ ପ୍ରଦାନ, ଚାଷୀ ପଞ୍ଜିକରଣ ଉପରେ ଆବଶ୍ୟକ ପଦକ୍ଷେପ, ଜିଲ୍ଲାରେ ବୟନ ଶିଳ୍ପ ଓ ହସ୍ତ ତନ୍ତର ବିକାଶ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିବା ସହ ଆବଶ୍ୟକ ତଥ୍ୟ ସଂଗ୍ରହ କରିଥିଲେ କମିଟିର ପ୍ରତିନିଧି ମଣ୍ଡଳୀ । ପରେ ପରେ କମିଟି ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ମହାଦା ପେକ୍ସ, ବୀରମହାରାଜପୁର ଠାରେ ସ୍ଥିତ କିରୋସିନି ହୋଲ ସେଲ ଡିପୋ ର ପରିଦର୍ଶନ କରିଥିଲେ । ତତ ପରେ କମିଟି ବୟନ ଗ୍ରାମ କେନ୍ଦୁପାଲି ଠାରେ ବୁଣାକାର ସମବାୟ ସମିତି କେନ୍ଦ୍ରରେ ସମିତି କର୍ମକର୍ତ୍ତା ତଥା ଗ୍ରାମର ଅନ୍ୟାନ୍ୟ ବୁଣାକାର ପରିବାର ଓ ବୁଣାକାରଙ୍କ ସହ ବୟନ ଓ ହସ୍ତ ତନ୍ତ ସମ୍ବନ୍ଧୀୟ ଯୋଜନା ଓ କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ ଏବଂ ବୁଣାକାର ମାନଙ୍କ ଦ୍ୱାରା ଅନୁଷ୍ଠିତ ଏକ ସଭାରେ ଯୋଗଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ବୁଣାକାରସମୂହ କମିଟି ଆଗରେ ବୟନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ । ଏହି ଗସ୍ତ ଅବସରରେ କମିଟି ଅଧକ୍ଷ ଶ୍ରୀ ମିଶ୍ର ଙ୍କ ସହ କମିଟିର ସଦସ୍ୟ କଣ୍ଡାମାଲ ବିଧାୟକମହୀଧର ରଣା, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶିରୀ ପ୍ରମୁଖ ଯୋଗଦାନ କରି ଜିଲ୍ଲାରେ ସରକାରୀ ଯୋଜନାର ବ୍ୟବସ୍ଥିତ ଓ ସଫଳ ରୂପାୟନ ପାଇଁ ଅଧିକାରୀ ବୃନ୍ଦ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । କମିଟି ଗସ୍ତ ନିମନ୍ତେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନିଲ ନରଓ୍ୱଣେ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ଉପଜିଲ୍ଲାପାଳ ବୀର ମହାରାଜପୁର ଶ୍ରୀ ଅଶୋକ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ, ଉପ କୃଷି ନିର୍ଦ୍ଦେଶକ, କୋ ଅପରେଟିଭ ଅଧିକାରୀ, ଜିଲ୍ଲା ବୟନ ଶିଳ୍ପ ଅଧିକାରୀ, ଜିଲ୍ଲା ବେସାମାରିକ ଯୋଗାଣ ଅଧିକାରୀ, ପ୍ରତିନିଧି ମଣ୍ଡଳୀ ଙ୍କ ସହ ଆସିଥିବା ଅଧିକାରୀ ବୃନ୍ଦ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ

ନୂଆପଡ଼ା,୯/୦୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମର ୧ ନମ୍ବର ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି ଚୟନ ରେ ଅନିୟମିତତା ହୋଇଥିଲା ଅଭିଯୋଗ ସାମ୍ନାକୁ ଆସିଛି । ଏନେଇ ଗୁରୁବାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ସାକ୍ଷ୍ୟାତ କରି ଆଶାୟୀ ଯୋଗ୍ୟ ଆବେଦନ କାରୀ ଅଭିଯୋଗ କରିଛନ୍ତି ।ସୂଚନା ଅନୁଯାଇ ଗତ ୨୭.୭. ୨୨ ରେ ଅଙ୍ଗନବାଡି ପଦବୀ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଥିଲା କ୍ଷ ଏହି ପଦବୀ ସକାଶେ ବରଗାଁ ଗ୍ରାମର ୯ ଜଣ ମହିଳା ଆବେଦନ କରିଥିଲେ କ୍ଷ ସେଥିମଧରୁ ଯାଜ୍ଞସେନୀ ଜଗତ ଅଙ୍ଗନବାଡି ଚୟନରେ ୮୫ ପ୍ରତିଶତ ଦିପ୍ତିମୟୀ ଜଗତ ୮୧.୩୩, ଚମ୍ପା ଶବର ୮୮.୩୩ ପ୍ରତିଶତ,ଲୋପ୍ୟ ମଞ୍ଜୁରୀ ଜଗତ ୭୯.୦୫ ପ୍ରତିଶତ ମାର୍କ ରଖିଛନ୍ତି । କିନ୍ତୁ ପ୍ରଥମ ସ୍ଥାନରେ ଥିବା ଯାଜ୍ଞସେନୀ ଜଗତକୁ ଅଙ୍ଗନବାଡି କର୍ମୀ ପଦବୀରେ ନିଯୁକ୍ତି ପ୍ରଦାନ କରାନଯାଇ ଷଷ୍ଠ ସ୍ଥାନରେ ଥିବା ସୁଫେଲି ଭୋଇ (କାଣ୍ଡ)କୁ ନିଯୁକ୍ତି ପ୍ରାଦକ୍ଷନ କରାଯାଇଥିବା ଅଭିଯୋଗ କରିଛନ୍ତି । ଏନେଇ ସମନୟୀତ୍ୱ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୀନା କୁମାରୀ ଅଗ୍ରୱାଲ ଙ୍କୁ ଯୋଗାଯୋଗ କରାଯିବାରୁ ଗାଇଡଲାଇନ ଅନୁଯାଇ ସୁଫେଲି ଭୋଇ (କାଣ୍ଡ)ଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ନେଇ ସୂଚନା ଦେଇଥିଲେ ।

## ପିକରଡି ପଂଚାୟତରେ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ ,୯/୦୯ (ନି.ପ୍ର): ଟିକାବାଲି ବ୍ଲକ ର ପିକରଡ଼ି ପଞ୍ଚାୟତ ର ପିକରଡ଼ି ଅଙ୍ଗ ନ ବାଡ଼ି କେନ୍ଦ୍ର ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ସମାନିତ ଶିଶୁ ବିକାଶ ଟିକାବାଲି ର ମିଳିତ ଆନୁକୂଲ୍ୟରେ ପୋଷଣ କାର୍ଯ୍ୟକ୍ରମ ଅନୁଠିତ ହୋଇଯାଇଅଛି । ଅନୁଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟ ବିଭାଗ ର କର୍ମୀ ଭିକ୍ଟୋରିୟା ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅଙ୍ଗନୱାଡି କର୍ମୀ ପଦ୍ମାବତୀ ପ୍ରଧାନ, ଏ ନ ମ ସୁଲମା ପ୍ରଧାନ, ସୁଲୋଚନା ପ୍ରଧାନ ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛା ସେବୀ ଦିଗବିଜୟ ପ୍ରଧାନ ପ୍ରମୁଖ ଯୋଗ ଦେ ଇ ଥିଲେ । ଅନୁଠିତ କାର୍ଯ୍ୟକ୍ରମ କୁ ଗ୍ରାମ ର ସ୍ୱୟଂ ସହାୟକ ଦଳ ଗୁଡିକ ଭାଗ ନେ ଇ ଥିଲେ ୧ମୁଖ୍ୟ ଅଥିତି ଅନୁଥିତ ଦିବସ ର ମୁଖ୍ୟ ଲକ୍ଷ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଜନ ସାଧାରଣ ମାନଙ୍କୁ ଅବ ଗତ କରି ଥିଲେ । ବୈଠକରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛାସେବୀ ଶେଫାଳି ପ୍ରଧାନ ସ୍ୱାଗତ କରିଥିବା ବେଳେ ଦିଗବିଜୟ ପ୍ରଧାନ ଧନ୍ୟବାଦ ଦେ ଇ ସଭା ଶେଷ କରିଥିଲେ ।

## ୧୦ରେ କେନ୍ଦ୍ରାପଡା ଆସିବେ କେନ୍ଦ୍ରମନ୍ତ୍ରୀ ନିଶିଥ ପ୍ରମାଣିକ

କେନ୍ଦ୍ରାପଡ଼ା,୯/୦୯ (ନି.ପ୍ର): ବିଜେପି ସାଂଗଠନିକ ଲୋକସଭା ପ୍ରବାସ ଯୋଜନାରେ କେନ୍ଦ୍ରୀୟ ଗୃହ, କ୍ରୀଡା ଓ ଯୁବ ବେପାର ରାଷ୍ଟ୍ରମନ୍ତ୍ରୀ ନିଶିଥ ପ୍ରମାଣିକ ୩ ଦିନ ପାଇଁ କେନ୍ଦ୍ରାପଡା ଗସ୍ତରେ ଆସିବେ । ସେପ୍ଟେମ୍ବର ୧୦ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଂଚଳ ପରିଦର୍ଶନ କରି ଜିଲ୍ଲା ବିଜେପି ନେତା ଓ କମକର୍ତାଙ୍କ ସହ ଦଳୀୟ ଭିତିକ ଆଲୋଚନା କରିବେ । ଏଥି ସହିତ ଜନସଂଘର ପୁରାତନ କାର୍ଯ୍ୟକର୍ତା ମାନଙ୍କ ସହିତ ବୈଠକରେ ଉପସ୍ଥିତ ରହିବେ ବୋଲି ଜଣାପଡିଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରମାଣିକ ଆଳିରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାର ସୂଚନା ମିଳିଛି । ଏଥି ନିମନ୍ତେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସଭାପତିତ୍ୱ ରେ ଅୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ବିଷ୍ଣୁ ଦାସ, ସୁନାକର ବେହେରା, ସାଧାରଣ ସଂପାଦକ ଅବିମନ୍ୟୁ ଗୋଛାୟତଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ମାସେ ହେଲା ଅନ୍ଧାରରେ ବିଶିସାହିର ୮୦ ପରିବାର

କନ୍ଧମାଳ,୯/୦୯ (ନି.ପ୍ର): ବିଦ୍ୟୁତ ବିଭାଗର ଅବହେଳା ପାଇଁ ଦିର୍ଘ ମାସେ ହେଲା ଅନ୍ଧାରରେ ୮୦ ରୁ ପରିବାର । ଘଟଣାଟି, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କେଳାପଡା ପଂଚାୟତ ଅଧିନରେ ଥିବା ବିଶିସାହିର । ଗତ ଲଗାଣ ବର୍ଷା ଯୋଗୁଁ ଏହି ବିଶିସାହି ଠାରେ ଥିବା ବିଦ୍ୟୁତ ଟ୍ରାନ୍ସଫରମର ଟି ପୋଡି ଯିବ ଗାଁ କୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯିବାରୁ, ମାସେ ହେଲା ଏଠାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସାହି ପାଖକୁ ଜଙ୍ଗଲ ଲାଗି ରହିଥିବା ବେଳେ ରାତିରେ କେହି ଘରବାହାର କୁ ବାହାରି ପାରୁନାହାନ୍ତି । ବିଶେଷ କରି ବିଦ୍ୟୁତ ନଥିବାରୁ ପଠାପଢୁଥିବା ଛାତ୍ରଛାତ୍ରି ମାନଙ୍କ ପାଠପଢା ଠପ ହୋଇ ଯାଇଥିବା ବେଳେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ବାରମ୍ବାର ଅଭିଯୋଗ ପରେ ମଧ ବିଦ୍ୟୁତ୍ ବିଭାଗ କୈାଣଷି ପଦକ୍ଷେପ ନେଉନଥିବାରୁ ସାହି ବାସିନ୍ଦା ମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ଅନ୍ୟପଟେ ବିଦ୍ୟୁତ ବିଭାଗ ର ଅବହେଳା ହିଁ ଏଥିପାଇଁ । ଦାୟୀ ବୋଲି ଗାଁ ଲୋକେ କହିଛନ୍ତି । ତେଣୁ ବାଧ ହୋଇ କେଳାପଡା ସରପଂଚ ସ୍ୱର୍ଣ୍ଣଲତା ପ୍ରଧାନ ଙ୍କୁ ସାହି ବାସିନ୍ଦା ମାନେ ନିଜର ଅସୁବିଧା ଜଣେଇଛନ୍ତି । ସରପଂଚ ମଧ ଅଳ୍ପଦିନ ମଧରେ ବିଦ୍ୟୁତ ବିଭାଗ ସହ ଯୋଗାଯୋଗ କରି ସମସ୍ୟା ର ସମାଧାନ ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶୃତି ଦେଇଛନ୍ତି । ଅନ୍ୟପଟେ ଏହି ଘଟଣା ବିଷୟରେ ଫିରିଙ୍ଗିଆ ବିଦ୍ୟୁତ ବିଭାଗ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜୟଦେବ ସାହୁ ଙ୍କୁ ଯୋଗେଯାଗ କରିବାକୁ ଚେଷ୍ଟା କରିବାରେ, ଯୋଗାଯୋଗ ହୋଇପାରିନଥିବା ବେଳେ ଫିରିଙ୍ଗିଆ ବିଦ୍ୟୁତ ବିଭାଗ ଦାୟିତ୍ୱରେ ଥିବା ସୁପରଭାଇଜର ସୁଶାନ୍ତ କୁମାର ପ୍ରଧାନ ଙ୍କୁ ପଚାରିବାରୁ ଜିଲ୍ଲା କାର୍ଯ୍ୟାଳୟ ରେ ଟ୍ରାନ୍ସଫରମର ମହଜୁଦ ନଥିବା ବେଳେ ଅଳ୍ପଦିନ ମଧରେ ଟ୍ରାନ୍ସଫରମର ଆସିଲେ ଟ୍ରାନ୍ସଫରମର ଲଗାଯିବ ବୋଲି କହିଛନ୍ତି । ଅନ୍ୟପଟେ ଆଗାମି ଦୁଇଦିନ ମଧରେ ଏହି ବିଶିସାହି ରେ ଟ୍ରାନ୍ସଫରମର ନଲାଗିଲେ ସାହି ବାସିନ୍ଦା ବାଧ ହୋଇ ରାଜରସ୍ତା କୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି କହିଛନ୍ତି ସାହିର କେଦାର ଭୁକ୍ତା, ଗୋପିନାଥ ଭୁକ୍ତା, ବିଜୟ ବିସୋୟୀ ,ଇଶ୍ୱର ମାହାରା ,ଲକ୍ଷ୍ମୀଧର ପ୍ରଧାନ, ଶ୍ୟାମଘନମ ମାହାରା, ସୁନିଲ ନାୟକ , କୁନା ସାହୁ ,ବିଷ୍ଣୁ ନାୟକ, ବୃଷବ ମୁଖୀ ଙ୍କ ସହ ଅନ୍ୟାନ୍ୟ ସାହି ବାସିନ୍ଦା ।

## ଭୋଟର ସଚେତନତା ରଥର ଶୁଭାରମ୍ଭ କଲେ ଉପଜିଲ୍ଲାପାଳ

ଜୟପୁର,୯/୦୯ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ଭୋଟର ସଚେତନତା ରଥର ଶୁଭାରମ୍ଭ ହୋଇଛି । ଉପ ଜିଲାପାଳ ବେଦବର ପ୍ରଧାନ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ଜୟପୁର ପୌରାଞ୍ଚଳର ସାହି ସାହି ବୁଲି ଭୋଟର ସଚେତନତା ଏବଂ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗୀକରଣ ଉପରେ ଡାକବାଜୀ ଯନ୍ତ୍ର ଦ୍ୱାରା ସଚେତନ କରିବ । ଏହି ରଥ ୫ ଦିନ ଧରି ସାହି ସାହି ବୁଲି ଲୋକଙ୍କୁ ସଚେତନ କରିବ । ଭୋଟର ମାନେ ନିଜର ଆଧାର ଭୋଟର ହେଲପ ଲାଇନ ଦ୍ୱାରା ସଂଯୋଗ କରିପାରିବେ । ବିଏଲଓ ମାନଙ୍କ ଦ୍ୱାରା ମଧ କରିପାରିବେ । ଏଣକି ବର୍ଷକୁ ୪ ଥର ଜାନୁଆରୀ,ଏପ୍ରିଲ, ଜୁଲାଇ ଅକ୍ଟୋବର ମାସରେ ୧୮ ବର୍ଷରୁ ଉଦ୍ଧ ସମସ୍ତେ ନିଜର ନାମ ଭୋଟର ଲିଷ୍ଟରେ ସଂଯୋଗ କରିପାରିବେ ବୋଲି ସଚେତନ କରାଯାଇଛି ।

## ଖଡ଼ିଆଳ ଏନଏସି ୱାର୍ଡ ନମ୍ବର ଦୁଇର ମୁଖ୍ୟ ସଡ଼କ ଦୂରବସ୍ଥା

ନୂଆପଡ଼ା,୯/୦୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ରେ ୧୩ ଗୋଟି ୱାର୍ଡ ରହିଛି । ଖଡ଼ିଆଳ ଏନଏସି ର ଅନେକ ୱାର୍ଡ ରେ ନାର୍ଦ୍ଦମା ଜଳ ନିଷ୍କାସନ ପଥ କୁ ପୋତି ଦେବା କାରଣରୁ ଜଳ ନିଷ୍କାସନ ର ସମସ୍ୟା ସୃଷ୍ଟି ହେଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ୱାର୍ଡ ନମ୍ବର ୨ର ମୁଖ୍ୟ ସଡ଼କ ଉପରେ ନିର୍ମାଣ ହୋଇଥିବା ଜଳ ନିଷ୍କାସନ ପଥ କିମ୍ବା ପୋଲ କୁ ପୋତି ଦେଇଥିବା କାରଣ ରୁ ନାର୍ଦ୍ଦମା ଜଳ ସଡ଼କ ଉପରେ ପ୍ରବାହିତ ହେଉଅଛି । ଜମିର ମାଲିକାନା ହସ୍ତାନ୍ତର ହେଉଥିବା ବେଳେ ପାରମ୍ପରିକ ଜଳ ନିଷ୍କାସନ ପଥ କୁ ରାଜସ୍ୱ ବିଭାଗ ପକ୍ଷରୁ ଏକ ସ୍ୱୀକୃତି ନେବା ଆବଶ୍ୟକ ରହିଛି । ବେଆଇନ ଭାବରେ ସେହି ଜମି ଉପରେ ଥିବା ପୋଲ ଏବଂ ଜଳ ନିଷ୍କାସନ ପଥ ଅବରୋଧ କରିଛନ୍ତି । ଯଦି ପଥ ନିଜ ସୁବିଧାରେ ପୋତିବାକୁ ଚାହାନ୍ତି ତେବେ ଅନ୍ୟତ୍ର ସ୍ଥାନରେ ଏକ ଜଳ ନିଷ୍କାସନ ପାଥ ଦେଇ ପୂର୍ବ ସ୍ଥାନ କୁ ପୋତିବା ପାଇଁ ଅନୁମତି ଦେବା କଥା । କିନ୍ତୁ ବେଆଇନ ଭାବରେ ଜଳ ନିଷ୍କାସନ ପଥ ପୋତି ଦେଉଛନ୍ତି । ଆବଶ୍ୟକ ପଦକ୍ଷେପ ପାଇଁ ଅନୁରୋଧ ।

## ବଲାଙ୍ଗିର ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପଂଚମ ଦିବସ

ବଲାଙ୍ଗିର,୯/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆଜି ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ଅମାମୁଣ୍ଡା ୪-୦ ଗୋଲରେ ବରକାନି କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରିଡା ସଂସଦର ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ ଓ ପଦ୍ମଚରଣ ଆଚାର୍ଯ୍ୟ ଯୋଗ ଦେଇଥିଲେ । ରେଫରି ସଂଜିବ ମହାରଣା, ସୁଦର୍ଶନ ସେଠ, ନିଶାରକାନ୍ତ ନାଗ ଓ ସୁଧାଂଶୁ ସେଠ ଖେଳ ପରିଚାଳନା କରିଥିଲେ । ମିଶନ ପଡିଆରେ ଜନକପୁର ୨-୦ ଗୋଲରେ ସୁଦପଡା ଏଫ୍ଏ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ପୂର୍ବତନ ଫୁଟବଲ ଖେଳାଳି ଅସିମ ପାଲ ଓ ବିରେନ୍ଦ୍ର ସୁନା ଯୋଗ ଦେଇଥିଲେ । ରେଫରି ଅବଦୁଲ ମୁଜିବ, ସୁଶାନ୍ତ ନାଗ, ସୁରେଶ ନାଏକ ଓ ରୂପେଶ କୁମାର ନାଗ ଖେଳ କୁ ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ ଅନୁଷ୍ଠିତ ଖେଳରେ ଭାଲେର ୧-୦ ଗୋଲରେ ଖୁଜେନପାଲି କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରିଡା ସଂସଦ ଟୁର୍ଣ୍ଣାମେଣ୍ଟ କମିଟି ଅଧକ୍ଷ ପ୍ରଭାତ କୁମାର ମିଶ୍ର ଓ କ୍ରିଡା ସଂଗଠକ କିଶୋର କୁମାର ସିଂନିନା ଯୋଗ ଦେଇଥିଲେ । ରେଫରି ଭାବରେ ସୁଦୟ କୁମାର ବାରିକ, କରୁଣାକର ପ୍ରଧାନ, ଜିତେନ୍ଦ୍ର ପାତ୍ର ଓ ଶ୍ରବଣ କୁମାର ବାଗ ଦାୟିତ୍ୱ ତୁଲାଇଥିଲେ । ପାଟଣାଗଡ ପଡିଆରେ ତେନ୍ତୁଳିମୁଣ୍ଡା ୧୧-୦ ଗୋଲରେ ଦେଦର୍ହୋ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ରାଧାମାଧବ କମିଟିର ବିଜୟ ଦାଶ, ମୁନା ମହାନ୍ତି, ପ୍ରମୋଦ ବେହେରା ଓ ଅଶ୍ୱିନୀ ସାହୁ ଯୋଗ ଦେଇଥିଲେ । ରେଫରି ରାଜେନ୍ଦ୍ର ଧରୁଆ, ଉପେନ୍ଦ୍ର ଚନ୍ଦନ, ତ୍ରିନାଥ ଚନ୍ଦନ ଓ ବିକି ବିଶି ଖେଳ ପରିଚାଳନା କରିଥିଲେ । ଚୁଡାପାଲି ପଡିଆରେ ନକଟାସର ଟ୍ରାଏବେକର ୪-୩ ଗୋଲରେ ଭାଲୁପିଟା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ଇଓ ସୂର୍ଯ୍ୟମଣି ମେହେର ଓ ଶିକ୍ଷକ ବିଭୂପ୍ରସାଦ ଯାଦବ ତଥା ଜଗଦିଶ ଶବର ଯୋଗ ଦେଇଥିଲେ । ରେଫରି ଭାବେ ଦେବରାଜ ନାହାକ, ପୁରୁଷୋତ୍ତମ ବୁଡେକ, ବୈକୁଣ୍ଠ ଜେନା ଓ ମଣ୍ଟୁ ବେହେରା ଦାୟିତ୍ୱ ତୁଲାଇଥିଲେ । ହଳଦି ପଡିଆରେ ବଙ୍ଗୋମୁଣ୍ଡା ୩-୧ ଗୋଲରେ ଡୁଡୁକାପଡା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ପିଏସ୍ ମେମ୍ବର ଟୁନାମଣି ମହାନନ୍ଦ ଯୋଗଦେଇଥିଲେ । ରେଫରି ଭାବେ ଆଶିଷ ଦେବସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ଓ ଆଶିର୍ବାଦ ସା ଦାୟିତ୍ୱ ତୁଲାଇଥିଲେ । ଜରାସିଂହା ପଡିଆରେ ହାତିସରା ୨-୧ ଗୋଲରେ ତୁଷୁରା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ବିଡିସିସି ବ୍ରାଞ୍ଚ ମ୍ୟାନେଜର ଦେବଦତ୍ତ ନେଗୀ ଯୋଗ ଦେଇଥିଲେ । ରେଫରି ଭାବରେ ସଞ୍ଜନ କୁଦେଇ, କୈଳାସ କର୍ଣ୍ଣ, ଶ୍ରୀବସ୍ତ ମେହେର ଓ କୁନ୍ତେ ମେହେର ଖେଳ ପରିଚାଳନା କରିଥିଲେ । ତୁର୍ଲା (ଟିଟିଲାଗଡ) ପଡିଆରେ ସିହିନି ୪-୦ ଗୋଲରେ ଭାଟିପଡା କୁ ହରାଇ ବିଜୟୀ ହୋଇଛି । ସଦାନନ୍ଦ ନାଏକ ଙ୍କ ଉପସ୍ଥିତି ରେ ଅତିଥି ଭାବରେ ନିରାକାର ସୁନାନି, ଗୁରୁପତି ଖର୍ସେଲ, ଧରଣିଧର ବେହେରା ଯୋଗ ଦେଇଥିଲେ । ରେଫରି ଭାବରେ ମଳୟ ଘିଭେଲା, ଲବ ସୁନାନି, ରାଜେଶ ସୁନାନି ଓ ବୈଷ୍ଣବ କବାଟ ଦାୟିତ୍ୱ ତୁଲାଇଥିଲେ । ଲୋଇସିଂହା ଷ୍ଟାଡିୟମରେ ଅନୁଷ୍ଠିତ ଖେଳରେ ଏପିଜେ ଲୋଇସିଂହା ୩-୧ ଗୋଲ ରେ ସଲତରପାଲି କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ପେକ୍ସ କୋପୋରେଟିଭ୍ ସଭାପତି ମୋହିତ କୁମାର ମିଶ୍ର ଯୋଗ ଦେଇଥିଲେ । ରେଫରି ଭାବେ ଦେବାଶିଷ ବାଗ, ବିଜୟ ରଣା, ଅଞ୍ଜନ ବେସ୍ରା ଓ ଜ୍ୟୋତି ରଂଜନ ରାଉତ ଦାୟିତ୍ୱ ତୁଲାଇଥିଲେ ।

## ତଥ୍ୟ ଉପସ୍ଥାପନ କରିନପାରିବାରୁ ଅଧିକାରୀମାନଙ୍କ ଉପରେ ବର୍ଷିଲେ କମିଟି ଚେୟାରମେନ

ବୌଦ୍ଧ, ୦୮ ସେପ୍ଟେମ୍ବର (ହି.ସ.)- ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଆବଶ୍ୟକିୟ ସଠିକ ତଥ୍ୟ ଉପସ୍ଥାପନ କରିନପାରିବାରୁ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନଙ୍କ ଉପରେ ବର୍ଷିଛନ୍ତି କମିଟି ଚେୟାରମେନ ନରସିଂହ ମିଶ୍ର । ବିଧାନସଭା ଷ୍ଟାଣ୍ଡି କମିଟିର ଅନ୍ୟତମ ଉପ-କମିଟି ବଲାଙ୍ଗିର ବିଧାୟକ ତଥା କମିଟି ଚେୟାରମେନ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଆଜି ବୌଦ୍ଧ ଜିଲା ଗସ୍ତ କରିଛନ୍ତି । ବୌଦ୍ଧ ସର୍କିଟହାଉସ ଠାରେ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେବା ସହ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି । ବୈଠକରେ କୃଷି, ହସ୍ତତନ୍ତ, ଯୋଗାଣ , ଧାନକ୍ରୟ ସ୍ଥିତି ଓ ବ୍ୟବସ୍ଥା, ହସ୍ତଶିଳ୍ପ ସହିତ ଅନ୍ୟାନ୍ୟ ବିଷୟରେ ଅଧିକାରୀମାନଙ୍କୁ କମିଟି ସଦସ୍ୟମାନେ ପଚାରି ବୁଝିଥିଲେ । ପୂର୍ବ ପ୍ରସ୍ତୁତି ଅଭାବରୁ କମିଟି ଜାଣିବାକୁ ଚାହୁଁଥିବା ତଥ୍ୟ ଉପସ୍ଥାପନ କରିବାରେ ଅଧିକାରୀମାନେ ବିଫଳ ହେବାରୁ କମିଟି ଚେୟାରମେନ ଶ୍ରୀ ମିଶ୍ର ଅସନ୍ତୋଷ ପ୍ରକାଶ କରିବା ସହ ଆମେ କଣ ଏଠାକୁ ଚାହା ପିଇବାକୁ ଆସିଛୁ କି ? ବୋଲି ତାଚ୍ଛଲ୍ୟ କରିଥିଲେ । ସମୀକ୍ଷା ବୈଠକରେ କମିଟି ସଦସ୍ୟ ତଥା କଣ୍ଟାମାଳ ବିଧାୟକ ମହୀଧର ରଣା, ଅନ୍ୟତମ ସଦସ୍ୟ ଲାଞ୍ଜିଗଡ ବିଧାୟକ ପ୍ରଦିପ କୁମାର ଦିଶିରୀ , ବୌଦ୍ଧ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସାମିଲ ହୋଇଥିଲେ କ୍ଷ ବୈଠକରେ ଜିଲାରେ ଚାଷୀମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ବୀମା ସୁବିଧା ,ଧାନକ୍ରୟ ବ୍ୟବସ୍ଥା, ଚାଷୀଙ୍କୁ ଋଣ ପ୍ରଦାନ ବ୍ୟବସ୍ଥା, ପଞ୍ଜିକରଣରୁ ବାଦ ପଡିଥିବା ଚାଷୀମାନଙ୍କ ସମସ୍ୟା ସଂପର୍କରେ ଅଧିକାରୀମାନଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା । ସେହିପରି ଜିଲାରେ ବୁଣାକାରମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭାଗୀୟ ଯୋଜନା, ତନ୍ତଶାଳା ପାଇଁ ସରକାରୀ ସହାୟତା, ବୁଣାକାର ସମବାୟ ସମିତିମାନଙ୍କୁ ଆର୍ଥିକ ସହାୟତା, ବୁଣାକାରଙ୍କୁ ଇନଭର୍ଟର ପ୍ରଦାନ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ କିମିଟିକୁ ପ୍ରଦାନ କରାଯାଇଥିବା ତଥ୍ୟକୁ ନେଇ କମିଟି ସନ୍ତୋଷ ପ୍ରକାଶ କରିଥିବାବେଳେ ଆଗାମୀ ଦିନରେ କମିଟି ସଦସ୍ୟମାନେ ଧାନମଣ୍ଡି ସଂପର୍କ ଉପରେ ଦିଆଯାଇଥିବା ତଥ୍ୟର ସତ୍ୟତା ସଂପର୍କରେ ଅନୁଧାନ କରିବେ ଏବଂ ଭୁଲ ତଥ୍ୟ ଦିଆଯାଇଥିଲେ ବିଧାନସଭାରେ ହୋଇଥିବା ନିଷ୍ପତି ଅନୁଯାୟୀ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯିବ ବୋଲି କମିଟି ଅଧକ୍ଷ ଶ୍ରୀ ମିଶ୍ର ସତର୍କ କରାଇଦେଇଥିଲେ । ସେହିପରି ମନ୍ତ୍ରୀ ଶ୍ରୀ ଅମାତ ସମବାୟ ବ୍ୟାଙ୍କ ପକ୍ଷରୁ ଚାଷୀମାନଙ୍କୁ ଯୋଗାଇଦିଆଯାଉଥିବା ଋଣ ଓ ବୀମା ସୁବିଧା ସଂପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିବା ସହିତ ଚାଷୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ । ସେହିପରି ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ଏବଂ ଏହାକୁ କୌଳିକ ବୃତି କରି ପରିବାର ପ୍ରତିପୋଷଣ କରୁଥିବା ବେତେରା ସଂପ୍ରଦାୟ ବର୍ତମାନ ଜୀବନ ଜିବିକା ପାଇଁ ସଂଘର୍ଷ କରୁଥିବା ନେଇ ବୈଠକରେ ଉଦବେଗ ପ୍ରକାଶ କରାଯାଇଥିଲା ।

## ଜୁନିୟର ରେଡ୍‌କ୍ରସ୍ ତରଫରୁ ମେଧାବୀ ଛାତ୍ରଙ୍କୁ ସହାୟତା

ସୋନପୁର,୯/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ତରଫରୁ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୋନପୁର , ଶିଶୁ ମନ୍ଦିରରେ ଅଧ୍ୟୟନ କରୁଥିବା ଛାତ୍ର କ୍ରିସ୍ ନାଏକ ମାଟ୍ରିକ୍ ପରୀକ୍ଷା-୨୦୨୨ ରେ ୮୨% ମାର୍କ ରଖି ପାଶ କରିଛନ୍ତି । ମାଟ୍ରିକ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ତାଙ୍କ ବାପା ଆର ପାରିକୁ ଚାଲି ଯାଇଥିଲେ । ତଥାପି ସେ ଦୁଃଖରେ ଭାଙ୍ଗି ନପଡି ଧୈର୍ଯ୍ୟର ସହିତ ନିଜର ପାଠ ସମ୍ପାଦନ କରିଥିବାରୁ ଏଭଳି ସଫଳତା ହାସଲ କରିଛନ୍ତି । ତାଙ୍କ ବିଦ୍ୟାଳୟର ସୁବ୍ରତ ଗୁରୁଜୀ କ୍ରିସଙ୍କ ମାଆଙ୍କ ତରଫରୁ ପ୍ଲସ୍ ଟୁ ପଢିବା ନିମନ୍ତେ କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଏହି କଥାକୁ ଦୃଷ୍ଟିରେ ରଖି ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଫିସର ଶ୍ରୀ ପ୍ରସାୟତ ବରିଷ୍ଟ ସାଧନ କର୍ମୀ ଚନ୍ଦ୍ରମଣୀ ବାଘ, ହୃଷିକେଶ ଡାଙ୍ଗ , ପରାମର୍ଶଦାତା ହେମନ୍ତ ମେହେର, ଜୁନିୟର ରେଡ୍ କ୍ରସ୍ ପରାମର୍ଶଦାତା ତଥା ରକ୍ଷକ ସାଧନ କର୍ମୀ ଗୋପେଶ ପଣ୍ଡା ପ୍ରମୁଖ ଅସହାୟ ଗରିବ ପରିବରକୁ ଭେଟି ରାଜ୍ କଲେଜରେ କ୍ରିସ୍ ର ନାମ ଲେଖା ତଥା ବହିପତ୍ର କିଣିବା ପାଇଁ ଦଶହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଜୁନିଅର ରେଡକ୍ରସର ଏଭଳି ମହନୀୟ କାର୍ଯ୍ୟରେ ଖୁସି ବ୍ୟକ୍ତ କରିଛନ୍ତି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡା. ରାଧାକାନ୍ତ ଗଡ଼ତିଆ ଏବଂ ମଞ୍ଜୁଲତା ଭୋଇ, ସଂପାଦକ ହିମାଂଶୁ ଶେଖର କର , ଉପ ସଭାପତି ଗତିକୃଷ୍ଣ ମିଶ୍ର, ରାଜ୍ୟ ଜୁନିୟର ରେଡ୍ କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ସୁବର୍ଣ୍ଣପୁର ଜିଲ୍ଲାର ଜୁନିୟର ରେଡ୍ କ୍ରସର ଏଭଳି ମାନବୀୟ ତଥା ଲୋକାଭିମୁଖି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ଆହ୍ୱାନ ଦେଇ ଛନ୍ତି । ଉକ୍ତ ପ୍ରୋତ୍ସାହନ ମୂଳକ ପାଣ୍ଠି ସଂଗ୍ରହ ତଥା ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲା ଜୁନିୟର ରେଡ୍ କ୍ରସର ସାଧନ କର୍ମୀ ତଥା ପରାମର୍ଶଦାତା ଆଶିଷ ନାଏକ , ଗୌରୀଶଙ୍କର ସାହୁ , ସସ୍ମିତା ସାହୁ, ନିମାଇଁ ମଲ୍ଲିକ, କୁମୁଦ କୁମାର ମଝାରୀ, ଧ୍ରୁବ ବାରିକ, ତପସ୍ୱିନୀ ଦାଶ, ଦ୍ୱେକୀ ବାଘ , ରମେଶ ପଧାନ, ଆକୁନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ଶିକ୍ଷକ : ନିଲମ୍ବିତ ଶିକ୍ଷକଙ୍କଠାରୁ ଦାୟିତ୍ୱ ନେଉନାହାନ୍ତି ସହକାରୀ ଶିକ୍ଷକ

ମାଲକାନଗିରି,୯/୦୯ (ନି.ପ୍ର): ମାଥିଲି ବ୍ଲକ ଗୋଷ୍ଠି ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଶଶିଭୂଷଣ ମିଶ୍ରଙ୍କ ପତ୍ରାଙ୍କ ୩୮୯୦ ତା ୦୨/୦୯/ ୨୦୨୨ ପ୍ରକାରେ ଟେମୁରୁପାଲ୍ଲୀ ପଂଚାୟତ କଂସାରୀପୁଟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ପୁରୁଷୋତ୍ତମ ବେହେରାଙ୍କୁ ଗତ ୨ ସେପଟ୍ଟେମ୍ବରରେ ନିଲମ୍ବନ କରାଯାଇଛି । ଏହି ବିଦ୍ୟାଳୟରେ ୪୦ ଶଯ୍ୟା ବିଶିଷ୍ଟ ପ୍ରାଥମିକ ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ଖାଦ୍ୟବ୍ୟବସ୍ଥା ସହ ୧୬୦ ରୁ ଉର୍ଦ୍ଧ ଡେସ୍କଲାର ଛାତ୍ରୀ ଛାତ୍ରଙ୍କ ମଧ୍ୟାହ୍ନ ଭୋଜନ କଥା ବୁଝିବାକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଲମ୍ବିତ ଶିକ୍ଷକ ଶ୍ରୀ ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ମିଳିଥିବା ସୂଚନା ପ୍ରକାରେ ଏପର୍ଯ୍ୟନ୍ତ ଦାୟିତ୍ୱ ହସ୍ତାନ୍ତର ହୋଇ ନାହିଁ । ପିଲା ମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ନିଲମ୍ବିତ ଶିକ୍ଷକ ପୁରୁଷୋତମ ବେହେରା ୪ ଦିନ ହେଲା ଅନଔପଚାରିକ ଭାବେ ପିଲା ମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ବୁଝୁଛନ୍ତି । ତାଙ୍କୁ ବିଦ୍ୟାଳୟ ଠାରୁ ୨୭ କି.ମି. ଦୂର ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଉପସ୍ତିତତା ଜଣାଇବାକୁ କୁହାଯାଇଛି । ଏପରି ଅବ୍ୟବସ୍ଥା ପାଇଁ ଦାୟୀ କିଏ ? ଛୋଟ ପିଲା ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖାନଯାଇ ପୂର୍ବରୁ କୌଣସି ପଦେକ୍ଷେପ ନ ନିଆଯିବା ପରିତାପର ବିଷୟ । ଗୋଷ୍ଠି ଶିକ୍ଷାଧିକାରୀ ଆଦେଶ କରିଦେଲେ ହେଲେ ବିଦ୍ୟାଳୟରେ ଥିବା ତିନି ଜଣ ଶିକ୍ଷା ସହାୟକଙ୍କ ମଧ୍ୟରୁ କେହି ବି ଆଜି ସୁଦ୍ଧା ଦାୟିତ୍ୱ ନେଇନାହାନ୍ତି । ଫଳରେ ଅନ୍ତେବାସୀ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଖାଦ୍ୟପେୟରେ ଯଦି କୌଣସି ଅସୁବିଧା ହୁଏ ସେଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ନିଲମ୍ବିତ ଶିକ୍ଷକ ଶ୍ରୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ମୁଁ ନିଲମ୍ବନ ଆଦେଶ ପାଇବା ପରେ ଦାୟିତ୍ୱ ଦେବା ପାଇଁ ପ୍ରତିଦିନ ବିଦ୍ୟାଳୟକୁ ଯାଉଛି ହେଲେ କେହି ବି ଦାୟିତ୍ୱ ନେଉନାହାନ୍ତି ।


# ମଧ୍ୟପ୍ରଦେଶର ଜବଲପୁର







ପବିତ୍ର ନର୍ମଦା ନଦୀ କୂଳରେ ଅବସ୍ଥିତ ଜବଲପୁର ମଧ୍ୟ ପ୍ରଦେଶର ଏକ ପ୍ରାଚୀନ ଓ ପ୍ରସିଦ୍ଧ ସହର । ଔଦ୍ୟୋଗିକ ସହରର ଭାବରେ ପରିଚିତ ଜବଲପୁରର ସହରର ଆକର୍ଷିତ ଘାଟ, ଝରଣା, ଐତିହାସିକ ଓ ସାଂସ୍କୃତିକ ସଂରଚନାର ଏକ ଉଦାହରଣ । ପର୍ଯ୍ୟଟନ ଦୃଷ୍ଟିରୁ ମଧ ଜବଲପୁର ଏକ ସୁନ୍ଦା ସ୍ଥାନ । ସେଠାରେ ଥିବା ଦର୍ଶନୀୟ ସ୍ଥାନ ମଧ୍ୟରୁ ନର୍ମଦା ନଦୀ ପାର୍ଶ୍ୱସ୍ଥିତ ଶପ୍ତଦଶ ଶତାବ୍ଦୀ ସମୟର କିଲ୍ଲା, ରୂପନାଥ ପାର୍ଶ୍ୱରେ ଥିବା ଭବ୍ୟ ମନ୍ଦିର, ଭେଡାଘାଟ, ଶଙ୍ଖ ମଲମଲର ପଥର ଓ ଧୂଆଁଧାର ଜଳପ୍ରପାତ ଅନ୍ୟତମ । ଜବଲପୁର ସହର ୩୬୭ ବର୍ଗ କି.ମି. କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ୍ୟ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ୍ୟ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ । ସେଠାକୁ ଭ୍ରମଣ କରିବାକୁ ଗଲେ କେତେକ ଆକର୍ଷଣୀୟ ସ୍ଥାନ ଭ୍ରମଣ କରିପାରିବେ ।



**ଜବଲପୁର ସହର ୩୬୭ ବର୍ଗ କି.ମି କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ ।**

♦ ଜବଲପୁର ଦେଖିବାଯୋଗ୍ୟ ସ୍ଥାନ ମଧ୍ୟରୁ ଧୂଆଁଧାର ଜଳପ୍ରପାତ ବେଶ୍ ଲୋକପ୍ରିୟ । ଏହି ପ୍ରପାତର ପାଣି ୫୦ ଫୁଟ୍ ଉଚ୍ଚରୁ ପଡୁଥିବାରୁ ପାଣରି ଧୂଆଁ ପରି ଦେଖାଯାଏ । ସେଥିଲାଗି ଏହାକୁ ଧୂଆଁଧାର ଜଳପ୍ରପାତ କୁହାଯାଏ । ଜବଲପୁରଠାରୁ ଏହା ୩୧ କି.ମି ଦୂରରେ ଅବସ୍ଥିତ । ନର୍ମଦା ନଦୀରେ ଏହି ଜଳପ୍ରପାତ ସୃଷ୍ଟି ହୋଇଛି ।

♦ ଜବଲପୁରର ଭେଡାଘାଟ ନୌକାବିହାର ପାଇଁ ଉପଯୁକ୍ତ । ପଞ୍ଚବଟୀ ଘାଟରୁ ଭେଡାଘାଟ ପର୍ଯ୍ୟନ୍ତ ପାଖାପାଖି ୨୨ କି.ମି ଜଳମାର୍ଗରେ ସକାଳ ୭ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ମୋଟର ବୋଟ ସବାରୀର ମଜା ଉଠାଇପାରିବେ । ପିଲା ଓ ଯୁବକମାନଙ୍କ ପାଇଁ ୱାର୍ଲଡ ୱାଟର ପାର୍କ ଏକ ଆକର୍ଷଣୀୟ ସ୍ଥାନ । ଏହି ୱାଟର ପାର୍କ ଦି'ପହରଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହେ ।

♦ ଜବଲପୁରଠାରୁ ୨୫ କି.ମି ଦୂରତା ନର୍ମଦା ନଦୀ କୂଳରେ ଅବସ୍ଥିତ ଭେଡାଘାଟ ମାର୍ବଲ ରକ୍ସ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଅନ୍ୟତମ । ଶଙ୍ଖ ମଲମଲର ଏହି ପଥରଗୁଡ଼ିକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ୧୦୦ ଫୁଟ ଉଚ୍ଚରେ ଅବସ୍ଥିତ ଓ ୨୫ କି.ମି ଦୂର ପର୍ଯ୍ୟନ୍ତ ବ୍ୟାପ୍ତ ଏହି ପଥରଗୁଡ଼ିକରେ ସୂର୍ଯ୍ୟଙ୍କ କିରଣ ପଡ଼ି ଭିନ୍ନ ଭିନ୍ନ ରଙ୍ଗ ଦେଖାଯାଏ ।

♦ ମଦନ ମହଲ କିଲ୍ଲା ଏକ କାହାଡ଼ର ଶୀର୍ଷରେ ଅବସ୍ଥିତ ଏହି ସୁନ୍ଦର କିଲ୍ଲାକୁ ଗୋଣ୍ଡ ଶାସକ ରାଜା ମଦନ ଶାହା ୧୧୧୬ରେ ନିର୍ମାଣ କରିଥିଲେ । ଏହି କିଲ୍ଲାର ଚତୁଃପାର୍ଶ୍ୱରୁ ଜବଲପୁର ସହରର ଦୃଶ୍ୟ ଦେଖିବାକୁ ମିଳିଥାଏ ।

♦ ଜବଲପୁର ସହରର ଭୀମ ନଗରସ୍ଥିତ ଟ୍ରେଜର ଆଇଲାଣ୍ଡ ମଲ୍ ସହରର ସବୁଠାରୁ ପ୍ରସିଦ୍ଧ ମଲ୍ । ମାର୍କେଟିଂ ପାଇଁ ତାହା ଉପଯୁକ୍ତ ସ୍ଥାନ ।

♦ ଭେଡାଘାଟର ଗୋଟେ ପାର୍ଶ୍ୱରୁ ଅନ୍ୟ ଗୋଟେ ପାର୍ଶ୍ୱକୁ ଯିବା ପାଇଁ ହେଲେ କେବୁଲ କାର୍ ରାଇଡ୍‌ର ମଜା ପର୍ଯ୍ୟଟକମାନେ ଉଠାଇ ପାରିବେ ।

♦ ଡୁମନା ନେଚର ରିଜର୍ଭ ପାର୍କ ଏକ ଲୋକପ୍ରିୟ ଇକୋ-ଟୁରିଜ୍‌ମ ସାଇଟ୍ । ପାର୍କଟିରେ ସମୃଦ୍ଧ ବନସ୍ପତି, ବିଭିନ୍ନ ପ୍ରକାରର ଜୀବ ଓ ଏଭିଏନ ପ୍ରଜାତି ରହିଥିବାର ଦେଖାଯାଏ । ମାଛ ଧରିବା, ସୁଇମିଂ, ଟୟ ଟ୍ରେନ ସବାରୀ ଇତ୍ୟାଦିର ମଜା ଉଠାଇ ପାରିବେ । ଏହା ବ୍ୟତୀତ ତିଲୱାରା ଘାଟ, ଉବରତାଲା, ଗାର୍ଡେନ, କଙ୍କାଳୀ ଦେବୀ ମନ୍ଦିର ସଂଗ୍ରାମ ସାଗର ହ୍ରଦ, ଶ୍ରୀ ବିଷ୍ଣୁ ବରାହ ମନ୍ଦିର, ଗ୍ୱାରୀ ଘାଟ ଇତ୍ୟାଦି ବୁଲି ଦେଖିପାରିବେ ।

♦ ଅଦ୍ଭୁତ ବାଲାନ୍‌ସିଙ୍ଗ ରକ୍ ମଧ୍ୟ ଏକ ଦର୍ଶନୀୟ ସ୍ଥାନ । ସ୍ଥାନୀୟ ଲୋକଙ୍କ ଅନୁସାରେ କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ହେଲେ ମଧ ଏହି ପଥରର ସନ୍ତୁଳନ ସେହିପରି ଥାଏ । ପୂର୍ବରୁ ପ୍ରଚଣ୍ଡ ଭୂମିକମ୍ପ ହୋଇଥିଲେ ମଧ ଏହି ପଥର ନିଜର ସନ୍ତୁଳନ ବଜାୟ ରଖିତିବାର ଶୁଣିବାକୁ ମିଳେ ।

♦ ଚୌଷଠି ଯୋଗିନୀ ମନ୍ଦିର ଜବଲପୁରରୁ ମାତ୍ର ଏକ ଘଣ୍ଟାର ରାସ୍ତା । ଏହା ଭେଡାଘାଟ ପାର୍ଶ୍ୱରେ ଅବସ୍ଥିତ । ଦଶମ ଶତାବ୍ଦୀ ସମୟରେ ନିର୍ମିତ ଏହି ମନ୍ଦିରର ନିର୍ମାଣ ପ୍ରସିଦ୍ଧ କଲଚୁରୀ ରାଜବଂଶଙ୍କ ଅନୁସାରେ କରାଯାଇଛି । ୧୫୦ଟି ଶିଢ଼ି ଥିବା ଏହି ମନ୍ଦିରରେ ଭଗବାନ ଭୋଳାନାଥ



ଓ ମାତା ଗୌରୀଙ୍କର ମୂର୍ତ୍ତି ଓ ନନ୍ଦୀଶ୍ୱର ମହାରାଜଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି ।

♦ ନର୍ମଦା ନଦୀରେ ନିର୍ମିତ ବରଗୀ ଡ୍ୟାମରର ଉପଯୋଗ ବିଜୁଳି ଉତ୍ପାଦନ ଓ ସିଞ୍ଚନ ପରିଯୋଜନା ପାଇଁ କରାଯାଇଛି । ଏହା ବ୍ୟତୀତ ପର୍ଯ୍ୟଟନ ପାଇଁ ମଧ ଏହି ବନ୍ଧ ଆକର୍ଷଣୀୟ । ନୌକା ସବାରୀ ମଧ କରାଯିବାର ସେଠାରେ ଦେଖାଯାଏ ।

♦ ଜବଲପୁର ଯାଇଥିବା ପର୍ଯ୍ୟଟକମାନଙ୍କୁ ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ବିଶେଷ ଭାବରେ ଆକର୍ଷିତ କରିଥାଏ ଯେଉଁଠାରେ ମହାତ୍ମା ଗାନ୍ଧିଙ୍କର କିଛି ଫଟୋ ଓ ଚୌଷଠି ଯୋଗିନୀ ମନ୍ଦିରର ମୂର୍ତ୍ତି ରଖାଯାଇଛି । ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ରସେଲ ଚୌକ ପାର୍ଶ୍ୱରେ ଅବସ୍ଥିତ । ସେଠାରେ ଆଦିବାସୀ ସଂସ୍କୃତି ଓ କଳାକୃତିର ଝଲକ ମଧ ଦେଖିବାକୁ ମିଳେ ।

### କେବେ ଯିବେ:

ସେପ୍ଟେମ୍ବରଠାରୁ ଫେବୃଆରୀ ଜବଲପୁର ଯିବା ପାଇଁ ଉପଯୁକ୍ତ ସମୟ । ସେଠାରେ ଏହି ସମୟ ମଧରେ ୮ ଡିଗ୍ରୀ ସେଲ୍‌ସିୟସରୁ ୨୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଥାଏ । ଧୂଆଁଧାର ଜଳପ୍ରପାତକୁ ଦେଖିବା ପାଇଁ ବର୍ଷାଦିନେ ବହୁତ ପର୍ଯ୍ୟଟକ ମଧ ଯାଇଥାଆନ୍ତି ।

### କିପରି ଯିବେ:

ଜବଲପୁର ସହରଠାରୁ ୨୦ କି.ମି ଦୂରରରେ ଅବସ୍ଥିତ ଡମନା ବିମାନ ବନ୍ଦର ଦେଶର ପ୍ରମୁଖ ସହରଗୁଡ଼ିକ ଯୋଡ଼ି ହୋଇ ରହିଛି । ସେଠାରେ ପହଞ୍ଚିଲେ ଟ୍ୟାକ୍ସି ଦ୍ୱାରା ସହରରକୁ ଯାଇପାରିବେ । ଜବଲପୁର ରେଲୱେ ଷ୍ଟେସନ ମୁମ୍ବାଇ-ହାୱଡ଼ା ଭାୟା ଆହ୍ଲାବାଦ ମୁଖ୍ୟ ରେଲୱେ ଲାଇନରେ ଅବସ୍ଥିତ । ଦେଶର ପ୍ରମୁଖ ସହରଗୁଡ଼ିକ ସହିତ ଏହାର ସମ୍ପର୍କ ଥିବାରୁ ଯାତାୟତରେ କୌଣସି ଅସୁବିଧା ହେବ ନାହିଁ । ଭାରତର ପ୍ରମୁଖ ସହର- ନାଗପୁର, ଇନ୍ଦୋର, ଔରଙ୍ଗାବାଦ, ଭୋପାଳ, ପୁନେ, ବାନ୍ଧବଗଡ଼, ସହିତ ସଡ଼କ ମାର୍ଗଦ୍ୱାରା ଜବଲପୁର ଯୋଡ଼ି ହୋଇ ରହିଛି ।

# ଚିକେନ୍ ନୀଲ୍‌ଗିରି

**ଆବଶ୍ୟକ ସାମଗ୍ରୀ:**

ଚାରିବିଡ଼ା ପାଳଙ୍ଗ ସାଗ, ୨ ବିଡ଼ା ଧନିଆ ପତ୍ର, ପାଞ୍ଚଶହ ଗ୍ରାମ ଚିକେନ୍, ୨ଟି ବଡ଼ ପିଆଜ, ଅଳ୍ପ ଗୋଟା ଗରମ ମସଲା, ଦୁଇଟି ତେଜପତ, ଦୁଇ ଛୋଟ ଚାମଚ ରସୁଣ ବଟା, ଏକ ଛୋଟ ଚାମଚ ଲେଖାଏଁ ବଟା ଅଦା, ଗୁଣ୍ଡ ଲଙ୍କା, ଗୁଣ୍ଡ ହଳଦୀ ଓ ଗୁଣ୍ଡ ଗରମ ମସଲା, ଅଧା କପ୍ ଦହି, ୪ ବଡ଼ ଚାମଚ ସୋରିଷ ତେଲ, ୨ ଛୋଟ ଚାଚମ ଲହୁଣୀ । ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ:**

ପାଳଙ୍ଗ ଶାଗକୁ ଧୋଇ କଡ଼େଇରେର ଅଧାକନ୍ ପାଣି, ଅଧା ଚାମଚ ଚିନି ଓ ସ୍ୱାଦ ଅନୁସାରେ ଲୁଣ ପକାଇ ସିଝାଇ ରଖନ୍ତୁ । ଶାଗ ଥଣ୍ଡା ହୋଇଗଲେ ଧନିଆ ପତରକୁ ଧୋଇ ଶାଗ ସହିତ ମିଶାଇ ଏକାଠି ବାଟି



ରଖନ୍ତୁ । ଚିକେନ୍‌କୁ ଧୋଇ ସ୍ୱାଦ ଅନୁସାରେ ଲୁଣ, ଗୁଣ୍ଡ ହଳଦୀ, ଦହି ଓ ସୋରିଷ ତେଲ ଗୋଳାଇ ଅଧଘଣ୍ଟା ରଖନ୍ତୁ । ପିଆଜକୁ ବାଟି ରଖନ୍ତୁ । ପ୍ୟାନ୍‌ରେ ତେଲ ଗରମ କରି ତେଜପତ୍ର ଓ ଗୋଟା ଗରମ ମସଲା ପକାନ୍ତୁ । ଏଥିରେ ଅଦା ଓ ରସୁଣ ବଟା ପକାଇ ଅଳ୍ପ ସମୟ ମସଲାକୁ ଭାଜନ୍ତୁ । ବର୍ତ୍ତମାନ ବଟା ପିଆଜ, ଗୁଣ୍ଡ ହଳଦୀ, ଗୁଣ୍ଡ ଲଙ୍କା ପକାଇ ମସଲାରୁ ପାଣି ଶୁଖି ତେଲ ଉପରକୁ ଉଠିବା ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ପୂର୍ବରୁ ଗୋଳାଇ ରଖିଥିବା ଚିକେନ୍‌କୁ ପକାଇ ପାଣି ଶୁଖିବା ପର୍ଯ୍ୟନ୍ତ ଧିମା ଆଞ୍ଚରେ ଭାଜନ୍ତୁ । ବଟା ପାଳଙ୍ଗ ଶାଗକୁ ଏଥିରେ ପକାଇ ଭଲ ଭାବରେ ଗୋଳାନ୍ତୁ । ଧିମା ଆଞ୍ଚରେ ୫/୧୦ ମିନିଟ୍ ଚିକେନ୍ ସିଝିବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଚିକେନ୍ ସିଝି ଝୋଳ ବହଳିଆ ହୋଇ ଆସିଲେ ଗୁଣ୍ଡ ଗରମ ମସଲା ଓ ଲହୁଣୀ ପକାଇ ଚୁଲୀରୁ ଓହ୍ଲାନ୍ତୁ ଓ ଗରମ ଗରମ ପରିବେଷଣ କରନ୍ତୁ ।

# ସ୍ୱାସ୍ଥ୍ୟ ପାଇଁ ବାସ୍ତୁ

ମଣିଷ ପାଇଁ ଧନସମ୍ପଦ ଯେମିତି ମୂଲ୍ୟବାନ ସ୍ୱାସ୍ଥ୍ୟ ବି ସେମିତି ଅପରିହାର୍ଯ୍ୟ । ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନଦେଲେ ଯେତେ ଧନସମ୍ପଦ ରୋଜଗାର କଲେ କ'ଣ ହେବ । ସେଥିପାଇଁ ସମସ୍ତେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଦରକାର ବୋଲି ଜାଣିଲେ ବି ଅଧିକାଂଶ ଲୋକ କିନ୍ତୁ ଏହାକୁ ଖାମଖିଆଲ ଭାବରେ ନେଇଥାନ୍ତି । ରୋଗ ହେଲେ ଡାକ୍ତର ଦେଖାଇବାର ମାନସିକତା ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ କରାଇ ପାରୁନାହିଁ । ଏଣୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ପ୍ରସଙ୍ଗରେ ବାସ୍ତୁର ମଧ୍ୟ ପ୍ରମୁଖ ଭୂମିକା ରହିଛି । ଏଣୁ ବାସ୍ତୁଶାସ୍ତ୍ରରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେଲେ ହୁଏତ କିଛି ଅସୁବିଧା ଦେଖାଦେଇ ନପାରେ ।

- ଉତ୍ତମ ନିଦ ପାଇଁ ଦକ୍ଷିଣମୁହାଁ ହୋଇ ଶୋଇବା ଆବଶ୍ୟକ ।
- ଘରର ମଧ୍ୟଭାଗ ବା ବଙ୍ଗଳାରେ ଏତେ ଆସବାବପତ୍ର ରଖନ୍ତୁ ନାହିଁ ଯେ ମୁକ୍ତବାୟୁ ଚଳାଚଳରେ ଯେମିତି ବାଧାପ୍ରାପ୍ତ ହେବ । ଘରେ ମୁକ୍ତବାୟୁ ଚଳାଚଳ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବ ।
- ରୋଷେଇଘରର ଓ ପାଇଖାନାର ଦ୍ୱାର ମୁହାଁମୁହିଁ ହେବା ଉଚିତ ନୁହେଁ । ଯଦି ଏପରି ରହିଛି ତା' ହେଲେ ଯେକୌଣସି ଦ୍ୱାରକୁ ସବୁବେଳେ ବନ୍ଦ ରଖିବା ଦରକାର ।
- ଯଦି କେହି ଘରେ ଅସୁସ୍ଥ ଅଛନ୍ତି, ଦୀପଟିଏ ଜଳାଇ ରଖନ୍ତୁ, ତା' ହେଲେ ସେ ଶୀଘ୍ର ସୁସ୍ଥ ହୋଇଯିବେ ।
- ଘର ଭିତରେ ଯେତେବେଳେ ପାଣି ପିଉଛନ୍ତି, ତା' ହେଲେ ଉତ୍ତର-ପୂର୍ବ ମୁହାଁ ହୋଇ ପାଣି ପିଅନ୍ତୁ । ସ୍ୱାସ୍ଥ୍ୟ ଭଲ ରହିବ ।

# ପେଣ୍ଟାଗନ୍



ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିରକ୍ଷା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ 'ପେଣ୍ଟାଗନ୍' କୁହାଯାଏ । ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜ୍‌ଭେଲ୍‌ଟଙ୍କ ସମୟରେ ଏହା ନିର୍ମିତ ହୋଇଥିଲା । ପ୍ରଥମେ ସେଠାରେ ପ୍ରତିରକ୍ଷା ବିଭାଗ ନଥିଲା । ପ୍ରତିରକ୍ଷା ବିଭାଗ ଅନ୍ୟତ୍ର ଚାଲୁଥିଲା । ପରେ ସ୍ଥାନାଭାବ ଯୋଗୁଁ 'ପେଣ୍ଟାଗନ୍' ଆସିଥିଲା । 'ପେଣ୍ଟାଗନ୍'ର କାର୍ଯ୍ୟାଳୟ ସ୍ଥାନ ୫୧ ଲକ୍ଷ ବର୍ଗଫୁଟ । 'ଏମ୍ପାୟାର୍ ଷ୍ଟେଟ୍ ବିଲ୍‌ଡିଂର ଅଫିସ୍ ସ୍ପେସ୍ ଏହା ଅଧାରୁ କମ୍ । ହେଲ୍‌ସ ବଟମ୍ ନାମକ ସ୍ଥାନରେ 'ପେଣ୍ଟାଗନ୍' ଅବସ୍ଥିତ । ଏକଦା ହେଲ୍‌ସ ବଟମ- ବେଶ୍ୟା ପଡ଼ା ଭାବେ କୁଖ୍ୟାତ ଥିଲା ଏବଂ ମୁଖ୍ୟତଃ ଗରିବ ନିଗ୍ରୋଙ୍କ ବାସସ୍ଥାନ ଥିଲା । 'ଶୀତଳ ଯୁଦ୍ଧ' କାଳରେ ଏହାକୁ କୁହାଯାଉଥିଲା 'ଗ୍ରାଉଣଡ୍ ଜିରୋ' । ସୋଭିଏତ୍ ରୁଷିଆ ସହ ଆଣବିକ ଯୁଦ୍ଧ ହେଲେ, ଏହା ଉପରେ ପ୍ରଥମ ଆକ୍ରମଣ ହେବ, ଏହି ଆଶଙ୍କାରେ ଏଭଳି ନାମିତ କରାଯାଇଥିଲା । 'ପେଣ୍ଟାଗନ୍'ର ସମସ୍ତ କରିଡର୍‌ର ମୋଟ ଲମ୍ବ ୧୭.୫ ମାଇଲ୍ । ଥରେ ଜେନ୍‌ରଲ୍ ଆଇଜେନ୍‌ହାୱାର୍ ସେଠାରେ ନିଜ ଅଫିସ୍ ଖୋଜୁଖୋଜୁ ହଜିଯାଇଥିଲେ । ୧୯୪୩ରେ 'ପେଣ୍ଟାଗନ୍' ଲୋକାର୍ପିତ ହେବା ପରଠାରୁ ମାତ୍ର ଥରେ ନବୀକରଣ ହୋଇଥିବା ଜଣାଯାଏ । ଉକ୍ତ ନବୀକରଣ କାର୍ଯ୍ୟ ସତର ବର୍ଷ ଚାଲିଥିଲା ଏବଂ ବ୍ୟୟ ହୋଇଥିଲା ୪୫୦ କୋଟି ଡଲାର୍ । ଏହା ପାଞ୍ଚ ମହଲା ବିଶିଷ୍ଟ । ଏଥିରେ ଆଦୌ ଲିଫ୍‌ଟ ବା ଏଲିଭେଟର୍ ନାହିଁ ।

# ଏମିତି ସଜାନ୍ତୁ ବାଥରୁମ୍

**ଆପଣ ପ୍ରାୟ ସମୟରେ ବେଡରୁମ୍, ଲିଭିଙ୍ଗ୍ ରୁମ୍‌ର ମେକଓଭର୍ କରିଥାନ୍ତି । କିନ୍ତୁ ବାଥରୁମ୍‌କୁ ଭୁଲି ଯାଆନ୍ତି । ବେଡରୁମ୍ ପରି ବାଥରୁମ୍‌ର ମଧ ମେକଓଭର୍ ଜରୁରି । ବାଥରୁମ୍‌କୁ କମ୍ ଖର୍ଚ୍ଚରେ କିପରି ସଜାଇ ହେବ ନିଅନ୍ତୁ କିଛି ଟିପ୍ସ ।**



**କଣ୍ଟେନର୍ସ:**

ବାଥରୁମ୍‌ରେ ସାବୁନ, ସାମ୍ପୋ, ସାୱାର ଜେଲ୍, ବାଥ୍ ଅଏଲ୍ ଆଦି ନିଶ୍ଚୟ ରଖୁଥିବେ । ତେବେ ବାଥରୁମ୍‌ର ଗୋଟିଏ କୋଣରେ ପଡ଼ି ରହୁଥିବ । ବାଥ୍‌ରୁମ୍‌କୁ ରଙ୍ଗୀନ ବନାଇବା ପାଇଁ ଏସବୁ ଜିନିଷର ବ୍ୟବହାର କରିପାରିବେ । ଏସବୁ ଜିନିଷକୁ ରଙ୍ଗୀନ କଣ୍ଟେନର୍ସରେ ରଖନ୍ତୁ ଏବଂ ବାଥରୁମ୍‌କୁ ନୂଆ ରୂପ ଦିଅନ୍ତୁ ।

**ୱାଟର୍ ଫାଉଣ୍ଟେନ:**


ଆପଣଙ୍କ ବାଥରୁମ୍ ବଡ଼ । କିନ୍ତୁ ତାହାକୁ କିପରି ସଜାଇବେ ଜାଣିପାରନ୍ତି ନାହିଁ । ଜିନିଷପତ୍ର ଅଦଳବଦଳ କରିବା ଆଦୌ ଦରକାର ନାହିଁ । ସବୁଠୁ ସହଜ ଉପାୟ ହେଉଛି ସେଥିରେ କିଛି ଜିନିଷ ନୂଆ କରି ଯୋଗ କରନ୍ତୁ । ଯେମିତିକି ୱାଟର ଫାଉଣ୍ଟେନ । ବାଥରୁମ୍‌ର ମଝିରେ ବା କୋଣରେ ଗୋଟିଏ ଛୋଟ ୱାଟର ଫାଉଣ୍ଟେନ ସ୍ଥାନ ଦିଅନ୍ତୁ ।

**ସେଲ୍ସ ରଙ୍ଗୀନ୍ ପେବଲ୍ସ:**

ବାଥରୁମ୍‌ରେ ସେଲ୍ସ ଏବଂ ପେବଲ୍ସ ଥିଲେ ତାହା ସ୍ପା ରୁମ୍ ପରି ଦେଖାଯାଇଥାଏ । ବାଥରୁମ୍‌ର ସେଲ୍ସ ଉପରେ ରଙ୍ଗୀନ୍ ପେବଲ୍ସ ବିଛାଇ ରଖନ୍ତୁ । ଏହାର ଆଖାପାଖରେ ସୁଗନ୍ଧିତ କ୍ୟାଣ୍ଡେଲକୁ ସ୍ଥାନ ଦେଇପାରିବେ । ଫୁଲରେ ମଧ ସଜାଇପାରିବେ । ଦେଖିବେ ଆପଣଙ୍କ ବାଥରୁମ୍ ସ୍ପା ରୁମ୍ ପରି ମନେ ହେବ ।

**ଫୁଲ:**

ବାଥରୁମ୍ ସଜାଇବାରେ ଫୁଲର ବ୍ୟବସ୍ଥା କରନ୍ତୁ । ଏହା ବାଥରୁମ୍‌କୁ ନୂଆ ଲୁକ୍ ଦେଇଥାଏ । କୌଣସି ପାତ୍ରରେ ପାଣି ଭର୍ତ୍ତି କରି ଏଥିରେ ଫୁଲଗୁଡ଼ିକୁ ଭସାଇ ଦିଅନ୍ତୁ । ନଚେତ୍ ଫୁଲର ପାଖୁନାକୁ ମଧ ଚଟାଣରେ ବିଛାଇ ସଜାଇ ପାରିବେ । ଛୋଟ ଛୋଟ ଇନଡୋର୍ ଗଛକୁ ବାଥରୁମ୍‌ରେ ରଖିପାରିବେ ।



**ସୁଗନ୍ଧିତ ତୈଳ:**

ସୁଗନ୍ଧିତ ତୈଳ ଏବଂ ଆରୋମା ଡିଫ୍ୟୁଜର୍ସ ବର୍ଷାଦିନ ପାଇଁ ଭଲ । ବାଥରୁମ୍‌ର ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ । ସବୁଥର କିଛି ନୂଆ ନୂଆ ସୁଗନ୍ଧି ବାଥରୁମ୍ ପାଇଁ ବ୍ୟବହାର କରନ୍ତୁ । ବାଥରୁମ୍‌ର ପରିବେଶ ପ୍ରତି ଥର ବଦଳିବାର ଅନୁଭବ ହେବ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୦ ସେପ୍ଟେମ୍ବର ୨୦୨୨, ଶନିବାର

## ଅମୃତ ବଚନ


ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୀତିଶଙ୍କ ଭବିଷ୍ୟତ ପନ୍ଥା...

୨୦୨୪ ନିର୍ବାଚନ ପାଇଁ ଆହୁରି ବର୍ଷାଧିକ ସମୟ ଅଛି । କିନ୍ତୁ ଏବେଠାରୁ ପ୍ରମୁଖ ଦଳମାନେ ନିଜ ନିଜର ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିବା ପରି ମନେହୁଏ । ବିଶେଷ କରି ୨୦୨୪ର ସାଧାରଣ ନିର୍ବାଚନ ପୂର୍ବରୁ ଶାସନ କ୍ଷମତାସୀନ ବିଜେପିକୁ କିପରି ମୁକାବିଲା କରିହେବ ସେଥିପାଇଁ ବିଜେପୀ ଦଳମାନେ ପ୍ରାରମ୍ଭିକ ଦଣ୍ଡବୈଠକ ଆରମ୍ଭ କରିଦେଇଛନ୍ତି । ବିଶେଷ କରି ବିହାରରେ ରାଜନୈତିକ ପଟ୍ଟ ପରିବର୍ତ୍ତନ ଘଟିବା ପରେ ଏବେ ଦିଲ୍ଲୀରେ ତାହାର ପ୍ରତିଧ୍ୱନି ଶୁଭିବା ଆରମ୍ଭ କରିଛି । ବିଜେପିଠାରୁ ହାତ ଛାଡ଼ି ରାଷ୍ଟ୍ରୀୟ ଜନତା ଦଳ, କଂଗ୍ରେସ ସହିତ ମିଶି ବିହାରରେ ନୂଆ ସରକାର ଗଢ଼ିବା ଦିନଠାରୁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଦଳମାନେ ଗୋଟିଏ ଫ୍ରଣ୍ଟର ଲଢ଼ିବାର ଆଶା କିଛି ମାତ୍ରାରେ ଉଜ୍ଜ୍ୱଳ ହୋଇଛି । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏନଡିଏ ମେଣ୍ଟ କାହିଁକି ଛାଡ଼ିଲେ ତାହାର ସହଜ ଉତ୍ତରଟି ହେଲା ତାହା ହୋଇଥିଲେ ତାଙ୍କର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ କଦାପି ସାକାର ହୋଇପାରି ନଥାନ୍ତା । ଅବଶ୍ୟ ସେ ସ୍ୱପ୍ନ ସାକାର ହେବ କି ନାହିଁ ତାହା ଭିନ୍ନ କଥା, କିନ୍ତୁ ବିରୋଧୀ ଦଳଙ୍କୁ ଏକଜୁଟ କରିବାରେ ନୀତିଶ ଏବେ ଅଣ୍ଟା ଭିଡ଼ିଛନ୍ତି । ଗତ ସୋମବାର ଦିନ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଇ ନୀତିଶ ଇତିମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଏନସିପି ପ୍ରମୁଖ ଶରତ ପାଓ୍ୱାର, ସିପିଏମ୍ ନେତା ସୀତାରାମ ୟେଚୁରୀ, ସିପିଆଇର ଡି ରାଜା, ସିପିଆଇ (ଏମଏଲ)ର ସାଧାରଣ ସଂପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ, ସମାଜ ପାର୍ଟିର ପ୍ରତିଷ୍ଠାତା ମୁଲୟମ ସିଂହ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ, ଏଚ.ଡି. କୁମାରସ୍ୱାମୀ, ଓମ୍ ପ୍ରକାଶ ଚୌଟାଲା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଆଦି ନେତୃବର୍ଗଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଯେ କେବଳ ସୌଜନ୍ୟମୂଳକ ତାହା କୁହାଯାଇନପାରେ । ଏକଥା ସ୍ୱୟଂ ନୀତିଶ କୁମାର ମଧ୍ୟ ସ୍ୱୀକାର କରିଛନ୍ତି । ଅବଶ୍ୟ ନିଜର ପ୍ରଧାନମନ୍ତ୍ରୀ ହେବାର କୌଣସି ଲାଳସା ନାହିଁ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଦଳଙ୍କୁ ଏକଜୁଟ କରିବା ପାଇଁ ସେ ସବୁମତେ ଉଦ୍ୟମ କରିବେ । ଏହି ଏକଜୁଟ କରିବା ତାଙ୍କ ପାଇଁ କେତେ ମାତ୍ରାରେ ଫଳପ୍ରସୂ ହେବ ତାହା ସମସ୍ତଙ୍କୁ ଜଣା । ଇତିପୂର୍ବରୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଖୋଦ୍ ପାଟନା ଆସି ନୀତିଶଙ୍କ ସହିତ ବିରୋଧୀ ମେଣ୍ଟ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଅବଶ୍ୟ ଏଥିରେ ଗୋଟିଏ କେଁ ରହିଛି । ତାହା ହେଲା, କଂଗ୍ରେସକୁ ବାଦ୍ ଦେଇ ଏହି ବିରୋଧୀ ମେଣ୍ଟ କରିବା ଲାଗି କେସିଆର ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଜିଦ୍ । ତେବେ କଂଗ୍ରେସକୁ ସାମିଲ ନକରି କୌଣସି ଫ୍ରଣ୍ଟ୍ ଗଠନ ସାକାର ହେବନାହିଁ ବୋଲି ଏନସିପି ନେତା ଶରଦ ପାଓ୍ୱାର ଭବିଷ୍ୟବାଣୀ ଶୁଣାଇ ସାରିଛନ୍ତି । ଏହି ଜିଦ୍‌ରୁ କେସିଆର ଏବଂ ମମତାଙ୍କୁ ଓହରାଇବା ଦାୟିତ୍ୱ ମଧ୍ୟ ନୀତିଶ ଇତିମଧ୍ୟରେ କରିସାରିଥିବା ପରି ମନେହୁଏ । ଶରଦ ପାଓ୍ୱାର ଏବଂ ଅନ୍ୟ ସମଭାବାପନ୍ନ ନେତାଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରି ମମତା ଓ କେସିଆରଙ୍କୁ ମଙ୍ଗାଇବା ବିଶେଷ କଷ୍ଟସାଧ ହେବନାହିଁ । ବିଜେପି ସହିତ ଲଢ଼ିବାକୁ ବିରୋଧୀ ମେଣ୍ଟ ଯେତେ ସୁଦୃଢ଼ ହେବ ଏବଂ ସେଥିରେ ଯେତେ ଅଧିକ ଦଳ ସାମିଲ ହେବେ ସେତେ ଭଲ ବୋଲି ନିର୍ବାଚନ ରଣନୀତି ବିଶାରଦ ପ୍ରଶାନ୍ତ କିଶୋର ସଦାବେଳେ ଯୁକ୍ତି ଦର୍ଶାଇ ଆସୁଛନ୍ତି । ତୃତୀୟ ସାମ୍ମୁଖ୍ୟ ଗଠନର ବାସ୍ତବତା ଦିଗରେ ଥିବା ପ୍ରତିବନ୍ଧକ ଏବଂ ଏହାର ସମ୍ଭାବ୍ୟ ଦୁର୍ବଳତା ମଧ୍ୟ ସମସ୍ତଙ୍କୁ ଚେତାଇ ସାରିଛନ୍ତି । ଏହି ଦୃଷ୍ଟିରୁ ଏବେ ନୀତିଶ ଏବଂ ଅନ୍ୟ ଅଣ-ବିଜେପି ନେତୃବର୍ଗଙ୍କ ଘନଘନ ସାକ୍ଷାତ ଆଲୋଚନା ଏବଂ ମନ୍ତ୍ରଣା ଚଳିତ ବର୍ଷ ଶେଷସୁଦ୍ଧା ଏ ଦିଗରେ କିଛି ଫଳାଫଳ ଦର୍ଶାଇପାରେ । କଂଗ୍ରେସ ଦଳର ସ୍ଥାୟୀ ସଭାପତି ନିର୍ବାଚନ ପରେ ବିରୋଧୀ ମେଣ୍ଟ ପ୍ରୟାସ ଅଧିକ ଗତି ଧରିବ । ବାମ ଦଳଙ୍କର ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଆଶା କରାଯାଏ । ଏହି ସମ୍ଭାବ୍ୟ ମେଣ୍ଟ କେବଳ ବିରୋଧୀଙ୍କୁ କେବଳ ଗୋଟିଏ ଛତା ପ୍ରଦାନ କରିବ ନାହିଁ, ନୀତିଶ କୁମାରଙ୍କୁ ମଧ୍ୟ ତାଙ୍କର ସ୍ୱପ୍ନ ସାକାର କରିବାର ଏକ ସୁଯୋଗ ପ୍ରଦାନ କରିବ । ଯେଉଁ ଗୋଟି ଖେଳି ସେ ଗୋଟାଏ ମେଣ୍ଟରୁ ଓହରି ଆଉ ଗୋଟିଏ ମେଣ୍ଟ ଗଢ଼ିବାର ପ୍ରୟାସ କରିଛନ୍ତି ତାହା ପରଖିବା ଲାଗି ସେ ଅବସର ପାଇବେ । ତେବେ ୨୦୨୪ ପାଇଁ ଆହୁରି ଢେର୍ ସମୟ ବାକି । ଅତୀତରେ ମେଣ୍ଟ ଗଢ଼ିବାକୁ ନେଇ ଅନେକ ଉପକ୍ରମ ବିଫଳ ହୋଇଛି । ଏବେ ତାହା କେଉଁ ରୂପ ଧାରଣ କରିବାକୁ ଯାଉଛି ତାହା ଦେଖିବାକୁ ବାକି ।

## ଭାଗବତ ଜନ୍ମ

ଡ. ରାଜକିଶୋର ମିଶ୍ର




ଦୀର୍ଘ ଛଅଶହ ବର୍ଷର ଉତ୍‌ଥାନ ପତନ ପରେ ଆଜି ମଧ୍ୟ ଭକ୍ତକବି ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ପ୍ରଭାବ ଓଡ଼ିଆ ଜନଜୀବନରେ ଅଖଣ୍ଡ ରହିଛି । ସାଂପ୍ରତିକ ଝଡ଼ଝଞ୍ଜାମୟ ଯାତ୍ରାରେ ପଥପ୍ରଦର୍ଶକ ଓ ଶାନ୍ତି ପ୍ରଦାୟକ ଭାବରେ ଭାଗବତ ପ୍ରତ୍ୟେକ ଓଡ଼ିଆର ଘରେ ଘରେ ସୁପରିଚିତ । ସନ୍ତାନ ଜନ୍ମ ହେବା ସୂତିକାଗୃହରେ, ମୁମୂର୍ଷୁର ଶଯ୍ୟା ପାର୍ଶ୍ୱରେ, ବସନ୍ତ, ମହାମାରୀ, ହଇଜା ଓ ଗ୍ରାମର ଅନିଷ୍ଟ ଆଶଙ୍କା ଭୟରେ ଭାଗବତ ପାଠ କରାଯାଏ । ସଂକ୍ଷେପରେ କହିଲେ ଅତିବଡ଼ି ଜଗନ୍ନାଥ ଦାସ ହେଉଛନ୍ତି ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଜଗନ୍ନାଥ ଦାସଙ୍କର ଭାଗବତ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ରତ୍ନ । ଓଡ଼ିଆର ଧର୍ମ ପରମ୍ପରାରେ ଭାଗବତ ଗାଦି, ଭାଗବତ ଗୋସାଇଁ ଅତୀବ ମହତ୍ତ୍ୱପୂର୍ଣ୍ଣ । ଜଗନ୍ନାଥ ମହାପ୍ରଭୁଙ୍କ ପରି ଭାଗବତ ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କ ପ୍ରିୟ । ଏହି ଗ୍ରନ୍ଥରେ ଭକ୍ତ ଓ ଭଗବାନ ଏକୀଭୂତ ହୋଇଯାଇଛନ୍ତି ।

ଏ ସମ୍ପର୍କରେ ଏକ ପ୍ରାଚୀନ କାହାଣୀ । କାହାଣୀର ପୃଷ୍ଠଭୂମି ଶ୍ରୀମଦ୍ ଭାଗବତ ମହାପୁରାଣର ମାହାତ୍ମ୍ୟ । ପୃଥିବୀର ହାଲଚାଲ ବୁଝିବା ପାଇଁ ଦିନେ ଦେବର୍ଷି ନାରଦଙ୍କର ମନ ବଳିଲା । ତେଣୁ ସେ ବୀଣାବାଦନ ସହ ନାରାୟଣ ନାମ ଉଚ୍ଚାରଣ ପୂର୍ବକ ଧରାବତରଣ କଲେ । ପୃଥିବୀ ପରିଭ୍ରମଣ କରୁଥିବାବେଳେ ଏକ ଅଦ୍ଭୁତ ଦୃଶ୍ୟ ତାଙ୍କ ଦୃଷ୍ଟିରେ ପଥାରୂଢ଼ ହେଲା । ଜନୈକା ସୁନ୍ଦରୀ ତରୁଣୀର ଉଭୟ ପାର୍ଶ୍ୱରେ ଶାୟିତ ଦୁଇଜଣ ବୃଦ୍ଧ । ଅବସ୍ଥା ଜୀବନ୍ମୃତ । ତରୁଣୀ ଥିଲେ ରୋରୁଦ୍ୟମାନା । ଦେବର୍ଷି ଏହି ବିରଳ ଦୃଶ୍ୟର ଅର୍ଥ ହଠାତ୍ ବୁଝିପାରିଲେ ନାହିଁ । ତରୁଣୀର ନିକଟବର୍ତ୍ତୀ ହୋଇ ଜିଜ୍ଞାସା କଲେ – 'କାହିଁକି କାନ୍ଦୁଛ ? ଏ ବୃଦ୍ଧ ଦ୍ୱୟ କିଏ ? ତରୁଣୀ କହିଲେ – ମୁଁ ହେଉଛି 'ଭକ୍ତି' ଓ ମୋର ଏହି ପୁତ୍ରଦ୍ୱୟ ହେଉଛନ୍ତି 'ଜ୍ଞାନ ଓ ବୈରାଗ୍ୟ' । ମୁଁ ମାତା ହୋଇ ମଧ୍ୟ ତରୁଣୀ, ଅଥଚ ମୋର ପୁତ୍ରଦ୍ୱୟ ବାର୍ଦ୍ଧକ୍ୟ ପ୍ରପୀଡ଼ିତ । ଏହାର ରହସ୍ୟ ଓ ମୁକ୍ତ ହେବାର ଉପାୟ ବତାଇ ଦିଅନ୍ତୁ ମୁନିବର । ନାରଦ ଦିବ୍ୟ ଦୃଷ୍ଟିରେ ଭକ୍ତି ଦେବୀଙ୍କ ଦୁଃଖର କାରଣ ବୁଝିଲେ । ତେବେ ସନକାଦି ଋଷିମାନଙ୍କର ପରାମର୍ଶ ଥିଲା ଯେ ଶ୍ରୀମଦ୍ ଭାଗବତ ମହାପୁରାଣ ଶ୍ରବଣ କଲେ ଭକ୍ତିଦେବୀଙ୍କ ପୁତ୍ରଦ୍ୱୟ ତାରୁଣ୍ୟ ଫେରିପାଇବେ । ସେମାନଙ୍କ ମୃତ ପ୍ରାୟ ଶରୀରରେ ସ୍ପନ୍ଦିତ ହେବ ନବଜୀବନ । ଭାଗବତ ଶ୍ରବଣମାତ୍ରକେ ତାହାହିଁ ଘଟିଲା । ଭାଗବତ ଶ୍ରବଣର ମହତ୍ତ୍ୱ ବିଷୟରେ ଏହିପରି ଅନେକ କାହାଣୀ ରହିଛି ।

ଭକ୍ତମାନଙ୍କର ପାଇଁ ଭଗବାନଙ୍କ କଣ୍ଠରୁ ଓମ୍‌କାର ରୂପକ ତିନି ଅକ୍ଷର ସୃଷ୍ଟି ହେଲା ଓ ଏହା ଅନନ୍ତଙ୍କୁ ଅର୍ପିତ ହେଲା । ଅନନ୍ତ ଚବିଶ ଅକ୍ଷର ବିଶିଷ୍ଟ ଗାୟତ୍ରୀ ମନ୍ତ୍ର ସୃଷ୍ଟି କରି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ସମର୍ପଣ କଲେ । ବ୍ରହ୍ମା ଚାରିଗୋଟି ଶ୍ଳୋକରେ ନାରାୟଣ ଋଷିଙ୍କୁ ପ୍ରଦାନ କଲେ । ଋଷି ବ୍ୟାସଦେବଙ୍କୁ, ବ୍ୟାସ ଅଠର ହଜାର ଶ୍ଳୋକରେ ଶୁକମୁନିଙ୍କୁ ଅର୍ପଣ କରିଥିଲେ । ଶୁକମୁନି ପରୀକ୍ଷିତ ମହାରାଜଙ୍କୁ ସପ୍ତାହବ୍ୟାପୀ ବୁଝାଇ ବ୍ରହ୍ମଲୀନ କରାଇଥିଲେ । ତା'ପରେ ଜନସାଧାରଣ ତାହାକୁ ଭାଗବତ ବୋଲି ଜାଣି ପୂଜାଅର୍ଚ୍ଚନା ଓ ଆଲୋଚନା କରିବାରେ ଲାଗିଲେ । ବ୍ୟାସଦେବ ସଂସ୍କୃତ ଭାଷାରେ ରଚନା କରିଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ପକ୍ଷରେ ତାହା ଆବୃତ୍ତ ହୋଇପାରିନଥିଲା । ପଞ୍ଚସଖା ଯୁଗର ପଣ୍ଡିତ କବି ମହାପୁରୁଷ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦରେ ଅନୁବାଦ କରି ଅମର ହୋଇ ରହିଯାଇଛନ୍ତି ।

ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ପୁରାଣ ପାଠ ହୁଏ, ଭକ୍ତଗଣ ଶୁଣିବାକୁ ଆସନ୍ତି । ଜଗନ୍ନାଥଙ୍କ ପିତା ଭଗବାନ ଦାସ ମନ୍ଦିରର ପୁରୁଣା ପଣ୍ଡା ଥିଲେ । ତାଙ୍କ ପରେ ଜଗନ୍ନାଥ ପୁରାଣପଣ୍ଡା ହେଲେ । ସେ ସଂସ୍କୃତ ଭାଗବତକୁ ସରଳ ଭାଷାରେ ବୁଝାଇ ଦିଅନ୍ତି । ଜଗନ୍ନାଥଙ୍କ ମା' ଓଡ଼ିଆ ଭାଷାରେ ପଦ୍ୟରୂପରେ ଶୁଣିବା ପାଇଁ ପୁଅକୁ ନିର୍ଦ୍ଦେଶ ଦିଅନ୍ତି । ବିଧବା ମା' ବାର୍ଦ୍ଧକ୍ୟର ପୁଣ୍ୟ ସଞ୍ଚୟ ଆଶାରେ କୃଷ୍ଣ ଚରିତ ଶୁଣିବାକୁ ଆଶାୟୀ ହେବାରୁ ବରେଣ୍ୟ ପୁତ୍ର ଜନନୀର ଅଭିଳାଷ ପୂରଣ ନିମନ୍ତେ ଅଧ୍ୟାୟେ ଅଧ୍ୟାୟେ ପଦ୍ୟାନୁବାଦ ଶୁଣାଇବାକୁ ଲାଗିଲେ । ସେହି ଗ୍ରନ୍ଥ ପୁରୁଷ ପୁରୁଷ ଧରି ଓଡ଼ିଶା ବାହାରେ କୋଟି କୋଟି ଲୋକର ଆତ୍ମାକୁ କେବଳ ମୁଗ୍ଧମଥିତ କରିନାହିଁ ବହୁ ଶତାବ୍ଦୀ ଧରି ତାହା ଖଣ୍ଡବିଖଣ୍ଡିତ ଜାତିକୁ ଐକ୍ୟବୋଧର ଲାଞ୍ଛନା ଦେଇଆସିଛି । ସନ୍ଥକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ମୂଳ ଭାଗବତ ଆଧାରରେ ରଚିତ ହୋଇଥିଲେ ବି ଏହା ଆକ୍ଷରିକ ଅନୁବାଦ ନୁହେଁ । ପ୍ରକୃତ ଭାଷାରେ ରଚିତ ଏହି କୃଷ୍ଣ ରଚିତ ଗାଥା । ଏଥିରେ କବିଙ୍କର ଭାଷା ଚାତୁରି ଓ କାବ୍ୟକତା ଅନନ୍ୟ ଭାବେ ପ୍ରତିପାଦିତ । ଜଗନ୍ନାଥ ଦାସ ମୋଟ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିବାବେଳେ ମହାଦେବ ଦାସଙ୍କ ରଚିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ମଧ୍ୟ ଉପଲବ୍ଧ ହୁଏ । ତେବେ ମଧ୍ୟଯୁଗୀୟ ଓଡ଼ିଶାରେ ଭାଗବତ ହିଁ ଧର୍ମ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିବା ଗବେଷକମାନେ ମତ ଦିଅନ୍ତି । ଏହା ଷୋଡ଼ଶ ଶତାବ୍ଦୀ ଠାରୁ ଉତ୍କଳୀୟ ଧର୍ମଧାରାକୁ ଅନେକ ପରିମାଣରେ ପ୍ରଭାବିତ କରିଆସୁଛି । ଲୋକେ କଥାକଥାରେ ଭାଗବତ ପଂକ୍ତି ଉଦ୍ଧାର କରନ୍ତି । ପ୍ରତିଘରେ ଭାଗବତକୁ ପୂଜା କରାଯାଉଥିବାବେଳେ ଗାଁ ଗାଁରେ ଭାଗବତ ଟୁଙ୍ଗୀ ମାଧ୍ୟମରେ ଜ୍ଞାନଚର୍ଚ୍ଚା ହୋଇପାରୁଥିଲା । ଭାଦ୍ରବ ପୂର୍ଣ୍ଣିମାରେ ଜଗନ୍ନାଥ ଦାସ ଭାଗବତ ଲେଖା ଆରମ୍ଭ କରିଥିବା ଜନଶ୍ରୁତି ଆଧାରରେ ଏହି ଦିନ ଭାଗବତ ଜନ୍ମ ଓ ଆଷାଢ଼ ଗୁରୁ ପୂର୍ଣ୍ଣିମାରେ ବଡ଼ା ଉତ୍ସବ ପାଳିତ ହେଉଥିଲା । ଓଡ଼ିଶାରେ ଭାଗବତର ଗଭୀରତା, ବ୍ୟାପକତା, ସ୍ୱର୍ଶକାତରତା ସହ ସମକକ୍ଷ ହେବା ପାଇଁ ସମଗ୍ର ଭାରତୀୟ ସାହିତ୍ୟରେ ଖୁବ୍ କମ୍ ଗ୍ରନ୍ଥ ଥାଇପାରେ । ଭାଗବତ ହିନ୍ଦୁମାନଙ୍କର ପବିତ୍ରତମ ଗ୍ରନ୍ଥ । ସମଗ୍ର ଓଡ଼ିଆ ଜାତି ଭାଗବତ ପଢ଼ିବା ପାଇଁ ସାକ୍ଷର ହେଉଥିଲେ । ଏହାର ପଠନ ସ୍ପୃହା ଜାତିର ମାନସ ପଟରୁ ଅପସରି ଯାଇନାହିଁ ।

ପୂର୍ବତନ ସମ୍ପାଦକ,
ଶ୍ରୀସତ୍ୟସାଇ ବିଦ୍ୟାଳୟ,
କଳାବିକାଶ କେନ୍ଦ୍ର ମାର୍ଗ, କଟକ,
(ମୋ) ୭୦୦୮୧୮୧୮୨୦

## ନବରଙ୍ଗପୁର ମାଟିର ଅମୃତ ସନ୍ତାନ 'ଶ୍ରୀ ସଦାଶିବ ତ୍ରିପାଠୀ'



ପ୍ରତାପ ଚନ୍ଦ୍ର ସାହୁ



ଶିକ୍ଷକରୁ ମୁଖ୍ୟମନ୍ତ୍ରୀ ହୋଇପାରିଥିବା କ୍ରାନ୍ତିକାରି ନେତା ଶ୍ରୀଯୁକ୍ତ ସଦାଶିବ ତ୍ରିପାଠୀ ନବରଙ୍ଗପୁର ପରି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଏକ ଜମିଦାର ପରିବାରରେ ୧୯୧୦ ମସିହା ଏପ୍ରିଲ୍ ୨୧ ତାରିଖରେ ପିତା ରାମ ନାଥ ତ୍ରିପାଠୀ ଓ ମାତା ରାଧାରାଣୀ ତ୍ରିପାଠୀଙ୍କର କୋଳ ମଣ୍ଡନ କରିଥିଲେ। କିନ୍ତୁ ରାମନାଥ ତ୍ରିପାଠୀଙ୍କର ଭାଇ ଲିଙ୍ଗରାଜ ତ୍ରିପାଠୀଙ୍କର ପୁଅ ଝିଅ ନ ଥିବାରୁ ସଦାଶିବ ତ୍ରିପାଠୀଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ବଂଶ୍ୱ ଶତାବ୍ଦୀର ଦୁଇ ଦଶକ ପରେ ନବରଙ୍ଗପୁର ସ୍ଥିତ ବୋର୍ଡ ମଧ୍ୟ ଇଂରେଜ ବିଦ୍ୟାଳୟ ଏବଂ ଜୟପୁର ସ୍ଥିତ ବୋର୍ଡ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ଉଚ୍ଚ ଶିକ୍ଷାର ସେମିତି ସୁବିଧା ନଥିବାରୁ ତାଙ୍କ ପିତା ସଦାଶିବଙ୍କୁ ନିଜର ଜମିଦାରିରେ ନିଯୁକ୍ତି କରି ଦେଇ ଥିଲେ। କିନ୍ତୁ ଏଥିରେ ସନ୍ତୁଷ୍ଟ ନହୋଇ ସଦାଶିବ ବାବୁ ଶିକ୍ଷକତା କରିଥିଲେ। ଜଣେ ନୀତିବାନ୍ ତଥା ଆଦର୍ଶ ଶିକ୍ଷକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ଜଣାଶୁଣା ଥିଲେ। ଛାତ୍ରଛାତ୍ରୀ ମାନଙ୍କର ଚରିତ୍ର ଗଠନ ଉପରେ ସେ ପ୍ରାଧାନ୍ୟ ଦେଇ ଆସୁ ଥିଲେ। ବାପୁଜୀଙ୍କ ଅସହଯୋଗ ଆନ୍ଦୋଳନ ଡାକରାରେ ସେ ସେଥିରେ ଯୋଗଦେଲେ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ। ଜମିଦାରି ପ୍ରଥାର ଭୋଗ ବିଳାସରୁ ଦୂରେଇ ଗାନ୍ଧିଜୀଙ୍କର ସରଳ ଜୀବନ, କୁଟି କରି ଖାଅ ଓ କାଟି କର ପିନ୍ଧ ଏଇ ନୀତି ଅନୁସରଣ କଲେ ସଦାଶିବ ବାବୁ। ଜନ ସାଧାରଣଙ୍କର ଅତି ନିକଟତର ଏବଂ ଆପଣାର ହେବାକୁ ଚେଷ୍ଟା ଜାରି ରଖିଲେ।

ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ଆଣିବା ପାଇଁ ସେ ବଦ୍ଧ ପରିକର ଥିଲେ। ସେ ଥିଲେ ଜଣେ ନିର୍ଭିକ ଓ ସଚ୍ଚୋଟ ରାଜନୀତିଜ୍ଞ । ନିଷ୍ଠାପର ସେବା ମନୋଭାବ ଯୋଗୁ ସେ ଶୀର୍ଷ ସ୍ଥାନରେ ପହଞ୍ଚ ପାରିଥିଲେ ଅର୍ଥାତ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଆସନ ଅଳଂକୃତ କରି ପାରିଥିଲେ। ସେତେବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଗମନା ଗମନର ଆଦୌ ସୁବିଧା ନଥିଲା କୌଣସି ସ୍ଥାନକୁ ଏପରିକି ରାଜଧାନୀ ଭୁବନେଶ୍ୱରକୁ ମଧ୍ୟ। ପାହାଡ଼ ପର୍ବତ ଘେରା ଓ ବନ ଜଙ୍ଗଲ ଭରା ଏଇ କୋରାପୁଟ ତଥା ନବରଙ୍ଗପୁର ଏଇ ସବୁ ଅଞ୍ଚଳ ବିଶାଖାପାଟଣା ଏଜେନ୍ସି ଜିଲ୍ଲା ତଥା ମାଦ୍ରାସ୍ ପ୍ରେସିଡେନ୍ସି ଅଧୀନରେ ଜୟପୁର ରାଜାଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେଇ ସମୟରେ ଇଂରେଜ୍ ସରକାରଙ୍କ ଦ୍ୱାରା ବେଥି, ଭେଟି, ଗଦମ୍, ଲଙ୍ଗଳ ଟିକସ, ଜିର୍ଜିଆ କର ଏପରି ଅନେକ ଟେକ୍ସ ବଳପୂର୍ବକ ଆଦାୟ କରାଯାଉ ଥିଲା। ପ୍ରଜାମାନଙ୍କୁ ଶୋଷଣ କର ଯାଉଥିଲା ଅତ୍ୟାଚାର ଓ ନିର୍ଯାତନା ବି ଦିଅ ଯାଉଥିଲା । କିନ୍ତୁ ସରଳ ଆଦିବାସୀ ଭାଇଭଉଣୀମାନେ ପ୍ରତିବାଦ ନକରି ଯାହା ହେଲେ ବି ସହି ଯାଉଥିଲେ। କିନ୍ତୁ ସଦାଶିବ ବାବୁଙ୍କ ନେତୃତ୍ୱରେ ମଞ୍ଜୁ ଘୋଷ ତ୍ରିପାଠୀ, ସୋମନାଥ ସାବତ, ବଲ୍ଲଭ୍ ସାବତ, ଉମେଶ ଚନ୍ଦ୍ର ମହାନ୍ତି, ଭୁବନାନନ୍ଦ ଦାସ ଶଗଡ଼ରେ ବସି ୧୯୩୪ ମସିହାରେ ଯାଇ ଏକ ସଭାରେ ଯୋଗ ଦେଇ ଚର୍ଚ୍ଚା ପରିସରକୁ ଥିଲେ। ସଦାଶିବ ବାବୁ ଓଡିଶାରୁ ଉପୋରକ୍ତ କୁ-ପ୍ରଥା ଲୋପ କରିବାକୁ ଦାବି ରଖିବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଭାରତ ସରକାରଙ୍କ ନିୟମ ୧୯୩୫ ଧାରା ପ୍ରକାରେ ଭାଷା ଗତ ସୂତ୍ରରେ କୋରାପୁଟ ଗଞ୍ଜାମ ପୁରୀ କଟକ ବାଲେଶ୍ୱର ଓ ସମ୍ବଲପୁର ଏହିପରି ଛୋଟ ଛୋଟ ଜିଲ୍ଲାକୁ ନେଇ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଜନ୍ମ ନେଲା। ସୁତରାଂ ପରାଧୀନ ଭାରତରେ ପ୍ରଥମ କରି ଭାଷା ଭିତ୍ତିକ ସ୍ୱାଧୀନ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇ ପାରି ଥିଲା। ବିଧାନ ସଭା ନିର୍ବାଚନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଜିଲ୍ଲା କଂଗ୍ରେସ ସଭାପତି ତଥା ବିପ୍ଳବୀ ନେତା କୋରାପୁଟିଆ ଗାନ୍ଧୀ ରାଧାକୃଷ୍ଣ ବିଶ୍ୱାସ ରାୟ, ରାଧା ମୋହନ ସାହୁ, ସଦାଶିବ ତ୍ରିପାଠୀ, ଇଂରେଜ୍ ସରକାର ଅମଳରେ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ୍ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ୧୯୩୭ ମସିହାରେ ନବରଙ୍ଗପୁର ନିର୍ବାଚନ୍ ମଣ୍ଡଳିରୁ ସଦାଶିବ ତ୍ରିପାଠୀ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ। ସଂଖ୍ୟା ଗରିଷ୍ଠତା ହାସଲ କରିଥିଲେ ହେଁ ବିଭିନ୍ନ କାରଣରୁ କଂଗ୍ରେସ ଦଳ ସରକାର ଗଠନ କରି ପାରି ନଥିଲା। ୧୯୩୭ ରୁ ୧୯୬୨ ପର୍ଯ୍ୟନ୍ତ କ୍ରମାଗତ ଭାବେ ସଦାଶିବ ବାବୁ ନିର୍ବାଚିତ ହୋଇ ଆସିଥିଲେ। ଏଥିରୁ ତାଙ୍କର ଲୋକପ୍ରିୟତା ବାରି ହୋଇ ପଡୁଥିଲା। ପୁନଃଶ୍ଚ ଶେଷଥର ପାଇଁ ୧୯୬୭ ମସିହାରେ ନିର୍ବାଚିତ ହୋଇ ୧୯୭୧ ପର୍ଯ୍ୟନ୍ତ ବିଧାନ ସଭାରେ ପ୍ରତିନିଧିତ୍ୱ କରିଥିଲେ। ୧୯୩୭ରେ ଗଠିତ ବିଶ୍ୱନାଥ ଦାସଙ୍କର ମନ୍ତ୍ରୀ ମଣ୍ଡଳ ଗାନ୍ଧିଜୀଙ୍କ ଆହ୍ୱାନରେ ଇସ୍ତଫା ଦେଲା। ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହେଲା। ସଦାଶିବ ବାବୁ ଏଇ ସତ୍ୟାଗ୍ରହରେ ଅଂଶ ଗ୍ରହଣ କରିଥିଲେ ଓ ଜେଲ ବି ଯାଇଥିଲେ। ପୁନର୍ବାର ଗାନ୍ଧିଜୀଙ୍କ ଡାକରାରେ ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ପୁନଃ କାରାବରଣ କଲେ। ଭାରତର ଗଣ୍ୟମାନ୍ୟ ନେତାମାନଙ୍କ ସହ ବ୍ରହ୍ମପୁର ଜେଲରେ ଅବସ୍ଥାପିତ ହେଲେ। ବିଭିନ୍ନ ମୁଖ୍ୟମନ୍ତ୍ରୀଙ୍କ ଶାସନ ସମୟରେ ସଦାଶିବ ବାବୁ ରଜସ୍ୱ ମନ୍ତ୍ରୀ ଥାଇ ବୈପ୍ଳବିକ୍ ପରିବର୍ତ୍ତନ ଆଣି ଥିଲେ। ଦୀର୍ଘ ୧୯ ବର୍ଷ କାଳ କେବିନେଟ୍ ପାହ୍ୟା ମନ୍ତ୍ରୀ ପଦରେ ରହି ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଥିଲେ। ତାଙ୍କରି ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମ୍ବଲପୁର୍ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା। ପରିଶେଷରେ ରାଜ୍ୟର ସର୍ବୋଚ୍ଚ ପଦବୀ ମୁଖ୍ୟମନ୍ତ୍ରୀ ଆସନ ଅଳଂକୃତ କରିବାରେ ତାଙ୍କର ଚରିତ୍ରିକ ନିଷ୍ଠା ଓ ଦକ୍ଷତା ପ୍ରମାଣିତ କରିଥାଏ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରଚେଷ୍ଟାରେ ସଦାଶିବ ବାବୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ୍ ହୋଇଥିଲେ। ତାଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ରାଉତରାୟ ଥିଲେ ଉପ - ମୁଖ୍ୟମନ୍ତ୍ରୀ। ଦୀର୍ଘ ଅସୁସ୍ଥତା ହେତୁ କଟକର ଏକ ଘରୋଇ ହସ୍ପିଟାଲରେ ୧୯୮୦ ମସିହା ସେପଟ୍ଟେମ୍ବର ମାସ ୯ ତାରିଖରେ ୭୦ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ ସଦାଶିବ ବାବୁ। ସେ ଥିଲେ ଜଣେ ସାରସ୍ୱତ ସାଧକ, ନିଷ୍ଠାପର ଦେଶ ସେବକ। କ୍ଷମତା ପାଇଁ ସେ ବ୍ୟାକୁଳ ନଥିଲେ। ରାଜନୀତିର ଚକ୍ରବ୍ୟୁହରେ ସେ ବେଶୀ ଦିନ ତିଷ୍ଠି ରହି ପରି ନଥିଲେ ମଧ୍ୟ ଦେଶ ତଥା ଜାତି ତାଙ୍କୁ ସର୍ବଦା ମନେ ରଖିବ ନିଶ୍ଚୟ।

+ ନବରଙ୍ଗପୁର, ଓଡିଶା।
(ମୋ)୯୪୩୭୭୮୮୮୬୦




## ସେଦିନ ସନ୍ଧ୍ୟାରେ

ଉମେଶ ଚନ୍ଦ୍ର ଜେନା



ସେଦିନ ସନ୍ଧ୍ୟା ରେ
ମନ୍ଦିରରେ ମୁଣ୍ଡିଆ ମାରି
ନିଜେ ନିଜେ ଉଠି
ଆପଣଙ୍କ ପାଦ ଛୁଇଁ ଥିଲି
ମୋ ମୁଣ୍ଡରେ ହାତ ଥୋଇ
ତଳୁ ଉଠେଇ ବସେଇଥିଲେ
ଆପଣ ।

ସେଠି ଝୁଣାର ଧୂଆଁ ଥିଲା
ଧୂପର ବାସ୍ନା ଥିଲା
ଶଙ୍ଖର ଧ୍ୱନି
ପ୍ରାର୍ଥନାରେ
ତାଳ ଦେଉଥିଲା ।

ସନ୍ଧ୍ୟାରେ ତ ଗୀତା ପଢାଯାଏନି
ଶୁଣେଇଥିଲେ ଭାଗବତର
କେଇ ପଦ କଥା
ଛାତିକୁ କଷ୍ଟ ହେଇଥିଲା
ପାହାଡ଼ରେ ମେଘ ପିଟି ହେଲାପରି
ମୁଁ କିନ୍ତୁ ହସୁଥିଲି
ହେଲେ
ଝରକା କାଚରୁ ଲୁହ ଝରୁଥିଲା ।

ଜୀବନର ଚାରି ଛକିରେ
ମୁଁ ଛିଡା ହେଇଛି
ଆପଣ ଜାଣିଥିଲେ
ଦିଗ ଚିହ୍ନା ଆଙ୍ଗୁଳି ରେ
ମୋ ଲୁହ ପୋଛି ଟିକେ
ମମତା ସ୍ନେହ ରେ ବାନ୍ଧି
ପଠାଇ ଥିଲେ ପୂର୍ବ ଦିଗକୁ
ସେବେଠୁ ମୁଁ
ଚାଲିଛି ଯେ ଚାଲିଛି ।

କଲ୍ୟାଣ ପୁର, ବିଂଝାରପୁର
ଯାଜପୁର
ମୋ--୯୯୩୮୩୧୬୭୩୨

## ଅଭିମାନ

ରଶ୍ମି ସାମଲ



ଅଭିମାନ ଆଜି ଗୁମୁରି କାନ୍ଦୁଛି
ନିରୋଳାରେ ବସି
ଦୂର ଆକାଶକୁ ଚାହିଁ
ଜହ୍ନଦେହେ ଥିବା କଳଙ୍କ ସବୁକୁ
ନିରେଖି ଚାହିଁଛି।
ଜୀବନ ରାସ୍ତାରେ ବନ୍ଧନଟା
ମୁକୁଳି ନଦୀ ଧାର ପରି
ବହି ଯାଉଛି
ଦେଖୁଛି ବସି ଭଗ୍ନ ହୃଦୟରୁ
କୁହୁଳି ଉଠୁଥିବା
ଆଲୋଡନର ଢେଉ ସବୁକୁ।

ଏକଲା ବସି ଗଣୁଛି
ଘୁଞ୍ଚି ଯାଉଥିବା ମନ ଆବେଗର
ଭାଷା ଓ ଅଙ୍କ ଗୁଡିକୁ
ମନ୍ଥନ ବ୍ୟର୍ଥତାର ସମୟକୁ
ତାରା ମେଳେ ବସି ଖୋଜୁଛି।

ପୃଥିବୀରୁ ଆଶା ସବୁ ତୁଟିଗଲା
ଜୀବନରେ ଆଙ୍କିଥିବା
ଚିତ୍ର ସବୁ ଲିଭାଇ
ରଙ୍ଗ ତୁଳି ଚିତ୍ରିତ ଦୁଃଖର
ଜହରକୁ ଫିଙ୍ଗିଦେଲା ଦୂରକୁ।

ଉଦାସ ମନ କଥାକୁ
କେତେ ବା ଲୁଚାଇବ
ପାଦ ସବୁ ହେଉଛି ବାଟବଣା
ସେହି ପାହାଡ଼ ପାଖର
ଜଙ୍ଗଲରେ
ମନର ପବିତ୍ରତା ଲୀନ ହୋଇ
ଆସିଲାଣି ।

ପାପର ଲୁହ ସବୁ ଆଖିରୁ
ଝରଣା ପରି ବହିଲାଣି।
ତଥାପି ଅଭିମାନର
ଉଚ୍ଛୁଳା ମନଟା
ଥରେ ନୁହେ ବାରମ୍ବାର
ସେହି ସମ୍ପର୍କର
ମନ୍ତ୍ରକୁ ଅକୁଣ୍ଠିତ ଚିତ୍ତରେ ଗାଉଛି।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

## ଲୋକଙ୍କ କଥା

ବିନୟ ମିଶ୍ର

ଲୋକଙ୍କର କାମ ଭଲରେ ମନ୍ଦରେ
ନିନ୍ଦା ପ୍ରଶଂସା କରିବେ,
କହିବାକୁ ପରା ପାଟି ପାଇଛନ୍ତି ମଲା ଯାଏ କହୁଥିବେ,
କାହାଠୁ ମିଳିବ କିସ,
ତୁମ ଭଲ ମନ୍ଦେ କେହି ଆସିବେନି ବିଶ୍ୱାସରେ ଦେବେ ବିଷ।
ଠିକ ଅବା ଭୁଲ ବୁଝୁ କେହି ତାକୁ ଗୁରୁତ୍ୱ ନ ଦେବା ଭଲ,
ପ୍ରଶଂସା କରୁ କି ନିନ୍ଦା କରିଥାଉ ତା କାମ ନ ଭାବି ଶଳ,
ନିଜ କାମ କରିଚାଲ,
ତୁମେ ଯଦି ଭଲ ମନେ କରୁଅଛ ସବୁ ହୋଇଯିବ ଭଲ।


ପିତା ପୁତ୍ର ଦୁହେଁ ଗଧଟିଏ ଧରି ହାଟ କରିବାକୁ ଗଲେ,
ଗଧ ପରେ ଲଦି ପଣ୍ୟ ଦ୍ରବ୍ୟ ସବୁ
ଚାଲି ଚାଲି ଯାଉଥିଲେ।
ବାଟରେ ପଡିଲା ଗାଁ,
କିଛି ଲୋକ ବସି କହିଲେ କେମିତି ନିର୍ଦ୍ଦୟ ମଣିଷ ଆହା।
ନିଜେ ଯାଉଛନ୍ତି ସୁଖେ ଚାଲି ଚାଲି ଗଧ ବୋହୁଅଛି ଭାର,
କିଛି ଯଦି ନିଜ ମୁଣ୍ଡରେ ମୁଣ୍ଡାନ୍ତେ-ଗଧ ଚାଲନ୍ତା ସୁଖର,
ଏହା ଶୁଣି ବାପ ପୁଅ,
ଗଧର ପିଠିରୁ ଦ୍ରବ୍ୟ ଆଣି ମୁଣ୍ଡେ ମୁଣ୍ଡାଇଲେ କରି ଭୟ।

ଆର ଗାଁ ଯେବେ ଆସିଲା ଶୁଣିଲେ କିଛି ଲୋକ କହୁଛନ୍ତି,
ଏଡ଼େ ଖରାଟାରେ ପୁଅକୁ ଚଲାଏ
ଗଧେ ବସାଇଲେ ଶାନ୍ତି
ଶୁଣି ବାପ ତାହା କଲା,
ମୁଣ୍ଡରେ ମୁଣ୍ଡାଇ ପୁଅକୁ ଗଧର ପିଠିପରେ ବସାଇଲା।
ଆର ଗାଁ ପାଖେ ଲୋକେ କୁହାକୁହି
କେମିତି ଟୋକାଟା ଦେଖ, ବୁଢା ବୋପାଟାକୁ ଚଲାଇ ନେଉଛି,
ନିଜେ ପାଉଅଛି ସୁଖ ।

ବାପ ବସିଲା ପିଠିରେ, ପୁଅ ଓହ୍ଲାଇକି ଚାଲିଲା ଆଗକୁ
ଖରା ବଢେ ଧୀରେ ଧୀରେ।
ଆଉ ଗୋଟେ ଗାଁ ଆସିଲା ଯେ
ବେଳେ ଲୋକେ କହିଲେ ଏ କଥା,
ମୂର୍ଖ ଏଇ ବୋପା ପୁଅକୁ ଚଲାଏ ଗଧକୁ ଦେଉଛି ବ୍ୟଥା,
ବାପଟି ଓହ୍ଲେଇ ଗଲା,
ଗଧ ଚାରିଗୋଡ଼ ବାନ୍ଧି ବାପ ପୁଅ ଦୁହେଁ
ବାଉଁଶ ଭାର କରିଲା।
କାନ୍ଧେ ବୋହି ଗଧ ମୁଣ୍ଡେ ଧରି ଦ୍ରବ୍ୟ
ଆଉ ଏକ ଗାଁ ପାଶେ,
ଦେଖିଲେ କେତେକ ହାତ ଦେଇ ନାକେ
ଫାଟି ପଡୁଛନ୍ତି ହସେ, ହେଉଛନ୍ତି କୁହାକୁହି,
ଗଧକୁ କାନ୍ଧେଇ ଏଡ଼େ ଖରାଟାରେ
ଏମିତି ମୂର୍ଖ କେ କାହିଁ ?
ବାପ ପୁଅ ଦୁହେଁ କଥା ହେଲେ
ବସି କେତେ ଆଉ ଶୁଣୁଥିବା
ଗଧ ପରେ ଲଦି ଜିନିଷ ସବୁକୁ ଆମେ ଦୁହେଁ ବସିଯିବା
ଯିଏ ଯାହା କହୁଥାଉ,
ଆମ ବାଟେ ଆମେ ଚାଲିବା ହାଟକୁ
ତାଙ୍କ କଥା ସେଣେ ଥାଉ।

+ନିଆଳ, ଖୋର୍ଦ୍ଧା



କାର୍ତ୍ତିକ ସାହୁ

ମିନା ଅପାଙ୍କ ରାମାୟଣ ଟୁଙ୍ଗି (୫୩)

# ରାମ ଲକ୍ଷ୍ମଣଙ୍କ ତପସ୍ୱିନୀ ଶବରୀଙ୍କ ସହିତ ସାକ୍ଷାତ




(ପୂର୍ବ ପ୍ରକାଶିତ ଉତ୍ତାରୁ)

"ରାମାୟଣର ଅରଣ୍ୟକାଣ୍ଡ ସରି ଆସୁଛି। ଜଟାୟୁଙ୍କ ଶବ ସଂସ୍କାର ଓ ପିଣ୍ଡଦାନ କରି ରାମ ଲକ୍ଷ୍ମଣ ସୀତାଙ୍କୁ ଖୋଜରେ ବାହାରିଲେ।" ମୀନା ଅପା ରାମାୟଣ କଥା ଆରମ୍ଭ କଲେ।

ରତ୍ନାକର ଗର୍ଗବଟୁଙ୍କ ରାମାୟଣରେ ଅନେକ ଛୋଟ ବଡ଼ ଚମତ୍କାର କଥାର ବର୍ଣ୍ଣନା ଅଛି। ଆମେ ସେଥିରୁ ଅଳ୍ପ କେତୋଟି ଘଟଣା ଏଠାରେ ଉପସ୍ଥାପନ କରିବା। ତୁମେମାନେ ଚାହିଁଲେ ରାମାୟଣ ପଢ଼ି ସେ ସବୁ ସଂପର୍କରେ ଅଧିକ କଥା ଜାଣି ପାରିବ।

ରାମାୟଣ ଯୁଗର ଗୋପାଳ ଦ୍ୱାପରରେ ନନ୍ଦରାଜା:

ସୀତାଙ୍କୁ ଖୋଜିବା ସମୟରେ ରାମ ଲକ୍ଷ୍ମଣ ଅନେକ ଗୋପାଳ ଓ ତାଙ୍କର ଗୋରୁଗାଈଙ୍କୁ ଦେଖିଲେ। ସୀତାଙ୍କ ବିରହରେ ଶ୍ରୀରାମ ଅନେକ ଦିନ ହେବ ଠିକରେ ଖିଆପିଆ କରିନଥିଲେ।



ଗୋପାଳଙ୍କୁ ଗୋରୁ ଗାଈଙ୍କ ସହିତ ଦେଖି ଲକ୍ଷ୍ମଣ ଖୁସି ହେଲେ ଓ ଗୋପାଳଙ୍କଠାରୁ କ୍ଷୀର ଆଣିବାକୁ ଗଲେ। ମାତ୍ର ଗୋପାଳମାନେ ଲକ୍ଷ୍ମଣଙ୍କ କଥା ହସିକରି ଉଡ଼ାଇ ଦେଲେ ଓ କ୍ଷୀର ଦେବାକୁ ମନା କରିଦେଲେ। ଲକ୍ଷ୍ମଣଙ୍କ ବାରମ୍ୱାର କହିବା ସତ୍ତ୍ୱେ ସେମାନେ କ୍ଷୀର ଦେବାକୁ ମନାକଲେ।

ଗୋପାଳମାନଙ୍କ ବ୍ୟବହାରରେ ଶ୍ରୀରାମ କ୍ରୋଧିତ ହୋଇ ଉଠିଲେ ଓ ସେ ଅଭିଶାପ ଦେଲେ ଯେ ଗାଈମାନଙ୍କ କ୍ଷୀର ରକ୍ତ ହୋଇଯିବ। ସତକୁ ସତ ଗାଈମାନଙ୍କ କ୍ଷୀର ରକ୍ତ ହୋଇଗଲା। ଏହା ଦେଖି ଗୋପାଳମାନେ ଭୟଭୀତ ହୋଇ ଉଠିଲେ। ସେମାନେ ଏବେ କିପରି ଜୀବିକା ନିର୍ବାହ କରିବେ ଚିନ୍ତା କଲେ।

ଗୋପାଳମାନେ ଶ୍ରୀରାମଙ୍କ ପାଖକୁ ଆସି କ୍ଷମା ପ୍ରାର୍ଥନା କଲେ ଓ ଆଉ ସେପରି ଭୁଲ କରିବେନି ବୋଲି ପ୍ରାର୍ଥନା କଲେ। ଶ୍ରୀରାମ ସଂଗେ ସଂଗେ ଅଭିଶାପକୁ ଫେରାଇ ଦେଲେ। ଗୋପାଳମାନେ ରାମ ଲକ୍ଷ୍ମଣଙ୍କୁ କ୍ଷୀର ପ୍ରଦାନ କଲେ।

କ୍ଷୀର ପାନ କରି ଶ୍ରୀରାମ ତୁଷ୍ଟ ହେଲେ ଓ ଗୋପାଳଙ୍କୁ ବର ମାଗିବାକୁ କହିଲେ। ଗୋପାଳମାନଙ୍କ ମୁଖିଆ ଥିଲେ ଜଣେ ବୃଦ୍ଧା ଓ ଶ୍ରୀରାମଙ୍କୁ କହିଲେ- ହେ ମହାଭାଗ, ମୋର କିଛି ସନ୍ତାନ ସନ୍ତତି ନାହାନ୍ତି। କୃପାକରି ମୋତେ ଆପଣଙ୍କ ପରି ସୁନ୍ଦର ପୁତ୍ର ଦିଅନ୍ତୁ।

ଶ୍ରୀରାମ ହସିଲେ ଓ କହିଲେ- ହେ ଗୋପାଳ, ଏ ଜନ୍ମରେ ଆମେ ଦଶରଥଙ୍କ ପୁତ୍ର। ତୁମର ଧର୍ମପୁତ୍ର ହେଲୁ। ଦ୍ୱାପରରେ ଆମେ ତୁମର ପୁତ୍ର ହେବୁ।

ଦ୍ୱାପରରେ ବୃଦ୍ଧ ଗୋପାଳ ନନ୍ଦରାଜା ହୋଇ ଜନ୍ମ ହେଲେ ଓ ରାମ ଲକ୍ଷ୍ମଣ ହେଲେ କୃଷ୍ଣ ବଳରାମ। ବାଟରେ ରାମ ଲକ୍ଷ୍ମଣ ଅନେକ ରାକ୍ଷସଙ୍କୁ ଭେଟିଲେ। ସେମାନେ ଆକ୍ରମଣ କରିବାମାତ୍ରେ ରାମ ଲକ୍ଷ୍ମଣ ତାଙ୍କୁ ବଧ କଲେ। ସେଇ ରାକ୍ଷସମାନଙ୍କ ଭିତରେ ଥିଲା ଏକ ଅଦ୍ଭୁତ ରାକ୍ଷସ କବନ୍ଧ। ସେ ରାକ୍ଷସର ମୁଣ୍ଡ ନଥିଲା। ତାର ପାଟି ତା ପେଟରେ ଥିଲା ଓ ସେ ସେହିପଟ ଦେଇ ତାର ଖାଦ୍ୟ ଗ୍ରହଣ କରୁଥିଲେ। ସ୍ଥୂଳଶିରା ନାମକ ଜଣେ ଋଷିଙ୍କଠାରୁ ଅଭିଶାପ ପାଇ ସେ ସେହି ରୂପ ଧାରଣ କରିଥିଲା।

କବନ୍ଧ ଅସୁର ରାମ ଲକ୍ଷ୍ମଣଙ୍କ ଆକ୍ରମଣ କଲା ଓ ଅଚିର ତାର ସ୍ୱର୍ଗପ୍ରାପ୍ତି ହେଲା। ମୃତ୍ୟୁ ଆଗରୁ ସେ ପମ୍ପାସର ଓ ସୁଗ୍ରୀବଙ୍କ ସମ୍ୟକ ସୂଚନା ଦେଇଥିଲା।

ରାମାୟଣରେ ଏକ ସୁନ୍ଦର ଘଟଣାର ବର୍ଣ୍ଣନା ହୋଇଛି ଆରଣ୍ୟ କାଣ୍ଡରେ। ଶ୍ରୀରାମଙ୍କ ସହିତ ତପସ୍ୱିନୀ ଶବରୀର ସାକ୍ଷାତ ଏକଥାର ପ୍ରମାଣ ଦିଏ ଯେ ଭଗବାନ ଭକ୍ତର ମନୋକାମନା ପୂର୍ଣ୍ଣ କରିବାକୁ ସଦା ତତ୍‌ପର। ତପସ୍ୱିନୀ ଶବରୀଙ୍କର ଏକମାତ୍ର ଇଚ୍ଛା ଥିଲା ଶ୍ରୀରାମଙ୍କ ଦର୍ଶନ କରିବା। ରାମାୟଣରେ କଥିତ ଅଛି ଯେ ଶବରୀଙ୍କୁ ଅନେକ ଜନ୍ମ ପ୍ରତୀକ୍ଷାରେ ବିତେଇବାକୁ ପଡ଼ିଥିଲା। ଶେଷକୁ ତ୍ରେତୟା ଯୁଗରେ ଶ୍ରୀରାମଙ୍କ ବନବାସ କାଳରେ ତାଙ୍କ ଇଚ୍ଛା ପୂର୍ଣ୍ଣ ହୋଇଥିଲା।

ପମ୍ପାସର ଦିଗରେ ଅଗ୍ରସର ହେଉଥିଲାବେଳେ ରାମ ଲକ୍ଷ୍ମଣ ଏକ ସୁନ୍ଦର ଆଶ୍ରମ ଦେଖିଥିଲେ। ସଂଧ୍ୟା ପ୍ରାୟ ଆଗତ ହୋଇ ସାରିଥିଲା। ଶ୍ରୀରାମ ସେ ଆଶ୍ରମରେ ରାତ୍ରିଯାପନ କରିବାକୁ ଚିନ୍ତାକଲେ ଓ ଦୁଇ ଭାଇ ଆଶ୍ରମରେ ପ୍ରବେଶ କଲେ। ସେଇ ଆଶ୍ରମରେ ତାଙ୍କର ପ୍ରତୀକ୍ଷାରେ ଥିଲେ ଶବରୀ। ଶ୍ରୀରାମ ଲକ୍ଷ୍ମଣଙ୍କ ଦର୍ଶନ ପରେ ତାଙ୍କର ଜୀବନ ଧନ୍ୟ ହୋଇଗଲା। ଗୋଟେ ଚମତ୍କାର କଥା ଥିଲା। ଶ୍ରୀରାମଙ୍କ ଖାଇବା ଲାଗି ଫଳକୁ ଶବରୀ ଆଗ ଚାଖୁଥିଲା ଓ ତାପରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଦେଉଥିଲେ। ଭଗବାନ ଭକ୍ତର ଉଚ୍ଛିଷ୍ଟକୁ ଖୁସିରେ ଗ୍ରହଣ କରୁଥିଲେ। ଭକ୍ତର ଭଗବାନ -ଏ କଥା ଯୁଗେ ଯୁଗେ ପ୍ରମାଣିତ ହୋଇଛି।

ପିଲାମାନେ, ଅରଣ୍ୟକାଣ୍ଡ ଏଇଠି ସରିଲା। ଏତିକି କହି ମିନା ଅପା ରାମାୟଣ କଥା ସାରିଲେ।


(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ମୂଳହିନ୍ଦୀ– ସମୀର ଗାଙ୍ଗୁଲି
ଅନୁସୃଜନ–
ବିନୟ କୁମାର ଦାସ

# ଡିବିଡିବା...



ଏକ ଜଂଗଲରେ ମାଙ୍କଡଟିଏ ବାସ କରୁଥିଲା। ସେ ଥିଲା ଭାରି ଦୁଷ୍ଟ ପ୍ରକୃତିର... ତେଣୁ ତାକୁ କେହି ଭଲ ପାଉ ନଥିଲେ । ସେ ଶୋଇଥିବା ଭାଲୁର କାନ ମୋଡି ଦିଏ... ଗଛରେ ବସିଥିବା ଚଢେଇମାନଙ୍କୁ ଡାଳ ହଲାଇ ଉଡାଇ ଦିଏ; ନହିଲେ କାହାର ବସା ଭାଙ୍ଗିଦିଏ। ବସାରୁ ଅଣ୍ଡା ଆଣି ଭୂଇଁ ରେ କଚାଡି ଦିଏ । ସେ ତ ମାଂକଡ... ମାଙ୍କଡାମୀ ଛାଡିବ କେମିତି...? ବେଳେବେଳେ ଅନ୍ୟମାନଙ୍କ ଆଗରେ ନାଚି ସେମାନଙ୍କୁ ହସାଏ।

ଦିନେ ସେ ପାଖ ସହରକୁ ଚାଲି ଆସିଲା। ଗୋଟିଏ କୋଠାଘରର ଛାତ ଉପରେ ବସି ପାଖରେ ଥିବା ଛକକୁ ଅନାଇଲା । ଦେଖିଲା.... ଜଣେ ମଦାରୀ ଗୋଟିଏ ତା ପରି ଗୋଟିଏ ମାଙ୍କଡକୁ ଲୁହା ଜଂଜିରରେ ବାନ୍ଧି ଖେଳ ଦେଖାଉଛି । ହାତରେ ଗୋଟିଏ ଡିବିଡିବା ଧରି ବଜାଉଛି.... ଯାଦୁ ଛଡି ହଲାଉଛି ଆଉ ସେ ଯାହା କହୁଛି ସେ ମାଂକଡଟି ସେୟା କରୁଛି । ଲୋକେ ଖେଳ ଦେଖି ପଇସା ଦେଉଛନ୍ତି ।

ତାର ସେଇ ଡିବିଡିବା ପ୍ରତି ଲୋଭ ହେଲା। ଯଦି ସେ ସେଇଟା ପାଇ ଯାଇପାରନ୍ତା ତେବେ ଜଂଗଲରେ ବହୁତ ମଜା କରନ୍ତା । ତେଣୁ ଖେଳ ସରିବା ପରେ ସେ ମଦାରୀ ପଛେ ପଛେ ଯାଇ ତା' ବସାଘର ଦେଖି ଆସିଲା । ରାତିରେ ଯାଇ ସେହି ଡିବିଡିବାଟିକୁ ଚୋରେଇ ଆଣିଲା ।

ଏବେ ସେ ଭାରି ଖୁସି । ଯେମିତି ଦିନ ହେଲା ସେ ଡିବିଡିବି ବଜାଇ ଭାଲୁକୁ କହିଲା.... କାନ ଧରି ଛିଡା ହୋ....। ହେଲେ ଭାଲୁ କାହିଁକି ବା ତା କଥା ମାନିବ? ପୁଣି ଡିବିଡିବି ବଜାଇ ଘୋଡାକୁ କହିଲା.... ନାଚରେ ଘୋଡା ନାଚ୍ । ଘୋଡା ବି ତା କଥା ମାନିଲା ନାହିଁ ।

ତହୁଁ ସେ ଭାବିଲା ବୋଧେ ଏ ଡିବିଡିବିରେ କିଛି ବିଶେଷ ଗୁଣ ନାହିଁ । ସେ ଯାଦୁ ବାଡିରେ ହିଁ ଅସଲ ଶକ୍ତି ଅଛି । ତେଣୁ ସେଇଟା ନେଇ ଆସିଲେ ତା ଉଦ୍ଦେଶ୍ୟ ପୂର୍ଣ୍ଣ ହେବ ।

ତହିଁ ପରଦିନ ରାତିର ଅନ୍ଧକାରରେ ସେ ମଦାରୀର ଯାଦୁ ବାଡି ନେଇ ଆସିଲା । ଏବେ ସେ ଜଂଗଲରେ ମଜା କରିପାରିବ। ମନେମନେ

ବହୁତ ଘିଅ ଖେଚୁଡି ଖାଇଗଲା । ସକାଳ ହେବା ମାତ୍ରେ ଯାଦୁବାଡି ଧରି ସେ ହାତୀକୁ କହିଲା... ହାତୀ ଅଜା... ମୋ ସାମ୍ନାରେ ବସି ଯା ଭୂଇଁରେ ମୁଁ ତୋ ପିଠିରେ ବସିବି । ହାତୀ ଏତକ ଶୁଣି ଫେଁ କିନା ହସିଦେଲା । କହିଲା.... ହଇରେ ତୁ ପାଗଳ ହୋଇଗଲୁଣି କି ? ମୁଁ କଣ ତୋ ଚାକର କି ? ମୋତେ କଣ ଏମିତି ଆଦେଶ କରୁଛୁ.... ଦେଖିବୁ ଏଇନା.. ତୋତେ ଧରି ମୋ ପାଦରେ ମକଚି ଦେବି ।

ଡରିଗଲା ମାଂକଡଟି । ତା ମାନେ ଏ ଯାଦୁ ବାଡିରେ ବି ସେହି ରହସ୍ୟମୟ ଶକ୍ତି ନାହିଁ । ତାହାଲେ କୋଉଠି ରହିଲା ସେ ଶକ୍ତି ଯାହା ସାହାଯ୍ୟରେ ସେ ଏତେ ଖେଳ ଦେଖାଇ ପାରୁଛି ? ସେ ମନେମନେ ସ୍ଥିର କରିନେଲା ସେ ଖେଳ ଦେଖାଉଥିବା ମାଂକଡ ନିଶ୍ଚୟ ଏହାର ସଠିକ ଉତ୍ତର ଦେଇପାରିବ ।

ତହିଁ ପରଦିନ ରାତିରେ ସେ ଯାଇ ଦେଖାକଲା ସେ ଖେଳ ଦେଖାଉଥିବା ମାଂକଡକୁ। ସବୁକଥା କହି ଅସଲ କଥା ପଚାରିବାରୁ ସେ ମାଂକଡ କହିଲା; 'ଆରେ ଅସଲ ଶକ୍ତି ତ ମଦାରୀର ମନ୍ତ୍ରରେ ରହିଛି । ସେ ଡିବିଡିବି ବା ଯାଦୁବାଡି ଖାଲି ଲୋକଦେଖାଣିଆ ଚିଜ ।'

'ତାହେଲେ ମୋତେ ସେ ମନ୍ତ୍ରଟି କହ ମୋ ଭାଇ ।'

'କି କଥା କହୁଚ ମୋତେ ? ସେ ମନ୍ତ୍ର ପରା ସେ ମନେମନେ କୁହେ....ମୁଁ ଜାଣିବି କେମିତି ? ତାପରେ ମୋର ବି ସେତକ ଜାଣିବା ସକାଶେ ଆଗ୍ରହ ନାହିଁ । ମୋର କଣ ଦରକାର ସେ ମନ୍ତ୍ରରୁ ? ମୋତେ ସେ ପେଟପୂରା ଖାଇବାକୁ ଦେଉଛି... ମୋର ଯାବତୀୟ ଯତ୍ନ ନେଉଛି । ମୁଁ ତ ଭଲରେ ଅଛି ।'

'ହଉ ତୋର ସିନା ଦରକାର ନାହିଁ ... ମୋର କିନ୍ତୁ ନିହାତି ଦରକାର । ତେଣୁ ତୁ ମୋତେ ଟିକେ ସାହାଯ୍ୟ କଲେ ମୋ ଉଦ୍ଦେଶ୍ୟ ସଫଳ ହୋଇପାରନ୍ତା । କହ.. ମୋତେ ସାହାଯ୍ୟ କରିବୁ ତ ?'

'ନ ପାରିବି କାହିଁକି ? କହ... କଣ କରିବି ମୁଁ ? ନିଶ୍ଚୟ କରିବି ତୋ ପାଇଁ । ଆରେ ଯେତେ ଯାହା ହେଲେ ବି ତୁ ତ ମୋ ପରି ଗୋଟିଏ ମାଂକଡ ।'

'ସାବାସ୍..ମୁଁ ଏତିକି ଜବାବ ତୋ ଠାରୁ ଚାହୁଁଥିଲି ମୋ ଭାଇ । ଶୁଣ୍ ତୁ ମୋତେ ତୋ ଜଂଜିରରେ ବାନ୍ଧି ଦେ.... ମୁଁ ଗୋଟିଏ ଦିନ ସେ ମଦାରୀ ସହିତ ଖେଳ ଦେଖାଇବି । ବାସ୍ ସେଇ ମଉକାରେ ତା ଠାରୁ ମନ୍ତ୍ର ବି ହାସଲ କରିନେବି । ତାପର ଦିନ ପୁଣି ତୁ ତୋର ପୂର୍ବ ପରି ଖେଳ ଦେଖାଇବୁ.... ଏଥିରେ ତୋର କିଛି ବି କ୍ଷତି ହବନି ।'

' ବାଃ....ବଢିଆ ତ !! ମୁଁ ରାଜି ।'

'ତାହେଲେ ଆଉ ଡେରି କାହିଁକି.... ମୋତେ ବାନ୍ଧି ଦେ... ମୁଁ ଏଇଠି ରହିଲି । ତୁ ଯା...ଆଜି ବାହାରେ ଟିକେ ବୁଲାବୁଲି କର।'

ତହୁଁ ମଦାରୀର ସେ ମାଙ୍କଡ ନିଜ ଜଂଜିରକୁ ଖୋଲି ସେ ଜଂଜିରରେ ଏ ମାଂକଡକୁ ବାନ୍ଧି ଦେଲା । ନିଜେ ମୁକ୍ତ ହୋଇଗଲା । କହିଲା..'ଭାଇ... ମୁଁ ତାହେଲେ ଚାଲିଲି .... ତୁ ରହିଲୁ ।'

'ହଁ ଯା ; ତୋର ଏ ସାହାଯ୍ୟ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ । ଆସନ୍ତାକାଲି ଆସି ତୁ ତୋ ଜାଗାରେ ରହିବୁ... ମୁଁ ମନ୍ତ୍ର ନେଇ ଚାଲିଯିବି ।'

'ସେ ସ୍ୱପ୍ନ ଆଉ ଦେଖନାରେ...ଏ ଜଂଜିରରେ ତୁ ହେଲୁ ଏବେ ଅଷ୍ଟମ ମାଂକଡ.... ମୁଁ ଥିଲି ସପ୍ତମ। ମୁଁ ମୁକ୍ତି ପାଇଗଲି.... ତୁ ଏବେ ଅପେକ୍ଷା କର ସେମିତି ଆଉ କେହି ମାଂକଡ ମନ୍ତ୍ର ନେବା ପାଇଁ ଆସିବା ଯାଏ... ବାଏ... ମୁଁ ଚାଲିଲି । ତୋ ସାହାଯ୍ୟ ମୁଁ ଭୁଲି ପାରିବି ନାହିଁ । ଭଗବାନ ତୋର ମଂଗଳ କରନ୍ତୁ ।'

ବିଚରା...ମାଙ୍କଡ !! ଏବେ ସେ ବନ୍ଦୀ ହୋଇ ରହିଲା ମଦାରୀ ପାଖରେ । ତାର ସବୁ ଆଶା... ସବୁ ସ୍ୱପ୍ନ ଧୂଳିରେ ମିଶିଗଲା ।'

+ଅଂଗାରଗଡିଆ ବାଲେଶ୍ୱର
ମୋ: ୭୯୭୮୮୬୦୩୬୩

ଧାରାବାହିକ ଉପନ୍ୟାସ ଭାଗ-୧୧

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମ ଘରର ପଶ୍ଚିମକୁ ଥାଆନ୍ତି ଐତିହାସିକ ବିନାୟକ ମିଶ୍ର। କଙ୍କୋଦର ଇତିହାସ ଆଉ ବଙ୍କାଡ଼ ଗଡ଼ର ଇତିହାସ ଏମିତି ଦୁଇଖଣ୍ଡ ମୂଲ୍ୟବାନ ପୁସ୍ତକ ଲେଖିଥିଲି। ତାର ସେ ପଟକୁ ଥିଲେ କଟକ କ୍ରାଇଷ୍ଟ କଲେଜର ଓଡ଼ିଆ ପ୍ରଫେସର ଶ୍ରୀଧର ଦାସ। ସେ ଆଗ ବାଣପୁର ହାଇସ୍କୁଲରେ ଶିକ୍ଷକ ଥିଲେ ବାଡ଼ିଆଡ଼େ ଶାଳିଆ ନଈ। କୁମ୍ଭୀର ମାଳମାଳ। ବେଳ ଗଡ଼ିଲେ ପଲପଲ ଭାଲୁ। ତେଣୁ ଚାରିଟା ବାଜିଗଲେ ଘରେ କୁମ୍ଭୀର କି ଭାଲୁ ପଶିଯିବା ଭୟରେ ସେମାନେ ଘରର ତାଟିକବାଟ କିଳି ଦେଉଥିଲେ। ଆମେ ମଧ୍ୟ। ଦିନେ ସକାଳୁ ସକାଳୁ ଦେଖିଲାବେଳକୁ ଆମ ଦାଣ୍ଡଦୁଆରେ ଗୋଟେ ମହାବଳ ବାଘ। ଜିଅନ୍ତା ନୁହେଁ, ମଲାଟା। ତାକୁ ଗୋଟେ ପୋତ ଶଗଡ଼ ଉପରେ ସିଏ ଡେଇଁବା ଭଙ୍ଗିରେ ବାନ୍ଧି ଦିଆଯାଇଛି। ସାଙ୍ଗରେ ବାଣୁଆ ଓ କିଛି ଲୋକ। ସେଇଟାକୁ ଥାନାକୁ ନେଉଛନ୍ତି। କଥାଟା ବୁଝୁବୁଝୁ ଜଣାଗଲା ଯେ, ଗତକାଲି ଉପରେବେଳା ଗୋଟେ ଶିକାରୀ ତାଙ୍କ ଗାଆଁପଛପାଖ ଗାଡ଼ିଆ ଆଡ଼େ ଶିକାର କରିବାପାଇଁ ଯାଇଥିଲା। ବେଳ ବୁଡ଼ିବା ଆଗରୁ ସେଇଠିକି ବଣରେ ହରୀଣ, ସମ୍ବର, ଜିଆଦ, କୁଟୁରା ବାରହା ଇତ୍ୟାଦି ପାଣି ପିଇବାକୁ ଆସନ୍ତି। ସିଏ ସେଇଠି ହାତରେ ଗୋଟେ ଛେରା ବନ୍ଧୁକ ନେଇ ଛପିଥିଲା। ସାମନାରେ ଗାଡ଼ିଆ । ତା ପଛକୁ ଅନ୍ଧାରିଆ ବଣ। ସିଏ ଆଗକୁ ଅନେଇଁଥାଏ।

ପ୍ରଥମେ ଆସିଲେ ଦଳେ ବଣ କୁକୁଡ଼ା। ସେମାନେ ପାଣିପିଇ ଚାଲିଗଲେ। ଶିକାରୀ ତାଙ୍କୁ ଛାଡ଼ିଦେଲା। ତାପରେ ଆସିଲେ ଦି'ଟା ଠେକୁଆ। ପାଣି ପିଇଲେ, ଗଲେ। ସେଇଠୁ ଆସିଲେ ଦଳେ ହରୀଣ। ସେମାନେ ପାଣିରେ ମୁହଁ ଲଗେଇବା ଆଗରୁ ଶିକାରୀ ତାଙ୍କୁ ଲକ୍ଷ୍ୟକରି ବନ୍ଧୁକ ଟେକିଲା। ମାତ୍ର, ପାଣି ନପିଇ ହରୀଣ ଦଳଟା ଚମକି ଯାଇ ଛତ୍ରଭଙ୍ଗ ଦେଲେ। ଅନୋଉ ଅନୋଉ ଶିକାରୀ ଦେଖିଲା ପାଣି ପିଇବାପାଇଁ ସାମନାରୁ ଆସିଲା ଏକ ବିରାଟ ମହାବଳ ବାଘ। ବାଘଟା ଆସିଲା ଗାଡ଼ିଆ ପାଖକୁ। ଚାକୁରୁ ଚାକୁରୁ



କରି ପାଣି ପିଇଲା, ସେଇଠୁ ପଶିଲା ଗାଡ଼ିଆ ଭିତରେ। ପାଣିରେ ଶୋଇଲା, ଗଡ଼ିଲା।

ଶିକାରୀ ଦେଖୁଥାଏ। ବାଘର ଏଇ ଔଧତ୍ୟ ତା ଦେହରେ ଗଲାନି। ସିଏ ଆଗରୁ ଅନେକ ମହାବଳ ବାଘ ମାରିଚି ତେଣୁ ସିଏ ବାଘର ଏ ଔଧତ୍ୟ ସମ୍ଭାଳିପାରିଲା ନାହିଁ। ଢ଼' କରି ଗୁଳି ଫୁଟେଇ ଦେଲା। ଗୁଳି ଅବଶ୍ୟ ବାଜିଲା ବାଘଠି ହେଲେ ବାଘଟା ମଲାନି। କାରଣ, ଛେରା ବନ୍ଧୁକରେ ବାଘ ମରେନାହିଁ। ସିଏ ଗାଉଁଗାଉଁ ହେଇ ବୁହାଏ ଡେଇଁଲା। ଆଉ ବଣରେ ପଶିଗଲା। ବଣରୁ ବାହାରି ଆସିଥିଲା ଗୋଟେ ଖୋଲା ପାଦଚଲା ବାଟ। ସେଇ ବାଟ କଡ଼ ଖାଲରେ ଘାଉଁଲଶ ବାଘଟା ପଡ଼ିରହିଲା। ସେଇବାଟେ ଗୋଟେ ଲୋକେ ତା ହଜିଲା ବଳଦଙ୍କୁ ଖୋଜିଖୋଜି ନପାଇ ତଳକୁ ତଳକୁ ଖସୁଥିଲା। ବିଚରାର କରମ ଫଟା। ଘାଉଁଲା ବାଘ ତାକୁ ଦେଖିଦେଲା। ଗାଉଁକରି ମାଡ଼ି ବସିଲା। ଲୋକଟା ପାଟିକଲା- ବାଘ ଖାଇଗଲା, ମରିଗଲି ହେ... ଧାଇଁ ଆସ, ଧାଇଁ ଆସ... ଶିକାରୀ ସେଇଠି ଘାଉଁଲା ବାଘକୁ ଖୋଜୁଥିଲା। ସିଏ ତା ଛେରା ବନ୍ଧୁକ ଥୋଇଦେଇ ଏଥର ଗୋଟେ ଡବଲ ବ୍ୟାରେଲ୍ ବନ୍ଧୁକ ହାତରେ ଧରିଥିଲା। ବଡ଼ ସାହସୀ ସିଏ। ଧାଁଇଲା, ଦେଖିଲା, ବାଘ ମଣିଷ ଗଡ଼ାଗଡ଼ି। କେମିତି ମାରିବ।

(କ୍ରମଶଃ)


+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

## ସାଧବ ବୋହୂ
### ଧ୍ରୁବଚରଣ ଘିବେଲା

ନାଲିଆ ଓଢ଼ଣୀ ମୁଣ୍ଡରେ ଥୋଇକି
କେଣେ ଯାଏ ସୁନା ବୋହୂ
ନାଲି ପାଟ ନାଇ ଘାସ ଗାଲିଚାରେ
ଚାଲି ଯାଉଥାଏ ବୋହୂ।
ବରଷା କାଳରେ ଦେଖାଦିଏ ବୋହୂ
ବୁଲୁଥାଏ ହରଷରେ
ଥିରି ଥିରି ଚାଲି ଦର୍ଶକ ଦେଖିଲେ
ଖୁସି ଲଭେ ଦର୍ଶନରେ।
ବରଷା ଆଗରୁ ଥାଏ ସେ କେଉଁଠି
କେଉଁ ଦେଶେ ବୋହୂ ଘର
ବରଷା ଆସିଲେ ବରଷା ସାଥିରେ
ବୋହୂ ଆସେ ତରତର।
ମଖମଲି ଦେହେ ବୋହୂ ଯେ ଝଟକେ
ସୁନ୍ଦରୀ ଭିତରେ ଗଣା
ଚାଲି ଯାଉଥିଲେ ଜନ ମନ ହରେ
ବୋହୂ ରୂପ ମନଜିଣା।
ବୋହୂ ଭଳି ବୋହୂ ସୁନ୍ଦରୀ ବୋହୂ ସେ
ବୁଲି ବାହାରେ ବର୍ଷାରେ
ଭିଜିବାର ମଜା ଜାଣିଥାଏ ବୋଲି
ବୋହୂ ଭିଜେ ହରଷରେ।
ବୋହୂ ଭିଜେ ବୋଲି ପିଲାମାନେ ତୁମେ
ବର୍ଷାରେ ଭିଜିବ ନାହିଁ
ବର୍ଷାରେ ଭିଜିଲେ କାଶ ଜ୍ୱର ହୋଇ
ଦୁଃଖ ଲଭିବ ତୁମେ ହିଁ।
ବୋହୂ ସେ ଚତୁରୀ ନ ଜାଣିଲା ପରି
ଯାଆ ଆସ କରୁଥାଏ
ପାଖେଇ ଆସିଲେ ତା' ପାଖକୁ କିଏ
ସେଠି ସେ ଅଟକି ଯାଏ।
ରୂପବତୀ ସିଏ ରଙ୍ଗବତୀ ସିଏ
ରୂପ ରଙ୍ଗ ତା' ସୁନ୍ଦର
ଦର୍ଶକ ଯେ ଦେଖେ ମନେ ମନେ କହେ
ଗଢ଼ଣ ସୁନ୍ଦର ତାର।

+ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ମୀନାବଜାରର ସାରଥୀ
### ନୀଳମଣି ଚାନ୍ଦ



କୁନି ପାଦରେ କୁନୁରି ଜୋତା
କୁନି କୁନି ତ ମୋଜା
ତା କୁନି ହାତ ପାଇଁଟି ହୁଏ
କୁନି ବେଲୁନ୍ ଖୋଜା।

ସେ କୁନିଟିଏ ପାଶେ ରହିଛି
ମିଠା ହସ ଯେ ଭରି
ସେ ଟିକି କଢ଼ି, ସମୟ ଦେବ
ତାକୁ ଯେ ଫୁଲ କରି।

ଫିକା ଦିଶଇ କୋହିନୂର
ହୀରାଟି ତା'ର ଆଗେ
ଧରମପଦ,ବାଜି ରାଉତ
ପରି ସିଏରେ ଲାଗେ।

ସିଏ ହସିଲେ ଦୁନିଆ ହସେ
ଏଇ କଥାଟି ସତ
ଶିଶୁର ମୂଲ ଅମୂଲ ମୂଲ
ଅନେକଙ୍କର ମତ।

ଏ କଥା ମାନ ଆଜି ସେ ସାନ
କାଲିକି ବଡ଼ ହେବେ
ଦେଶ ଶାସନ- ନାଆଟିକୁରେ
ନିଜେ ସେ ବାହି ନେବେ।

ନାନକ , ଯିଶୁ, ବିନୋବା,ବିଶୁ
ଥିଲେ ବି ଶିଶୁ ଦିନେ
ମୀନାବଜାର ସାରଥୀ ସିଏ
ତାଙ୍କୁ ଭଲ ମୁଁ ଚିହ୍ନେ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ:୯୫୮୩୨୦୨୩୫୭

କବିତା
ତୁମ ପାଇଁ

## ଶରତ ଆସିଛି
### ଲକ୍ଷ୍ମୀଧର ସିଂ



ଶରତ ଆସିଛି
ମରତ ହସୁଛି ଖିଲି ଖିଲି
କାଶତଣ୍ଡି ଫୁଲ
ମନକୁ ଲୋଭାଏ ଝୁଲି ଝୁଲି।
ବରଷା ଫେରିଛି
ଆକାଶ ସୁନୀଳ ଦିଶିଲାଣି
ପୋଖରୀ ଜଳରେ
କୁମୁଦ କମଳ ହସିଲାଣି ।
ଜହ୍ନର ଜୋଛନା
ରାତିକୁ ସୁନ୍ଦର କରିଅଛି
ସାରା ଆକାଶରେ
ଚିକି ମିକି ତାରା ପଡ଼ିଅଛି ।
ଧାନ ଖେତ ଦିଶେ
ସବୁଜ ସୁନ୍ଦର ମନ ଲୋଭା
ବାଡ଼ିରେ ସଞ୍ଜକୁ
ଜହ୍ନିଫୁଲ ଫୁଟି ଦିଶେ ଶୋଭା ।
ପାରବଣ ଋତୁ
ନିରମଳ ଶୋଭା ଜଗତରେ
ଜଗତ ଜନନୀଙ୍କ
ଆବାହନ ପାଇଁ ମରତରେ ।

+ ଅଁଳାପାଳ, ଗରଡିହ, ବାଲେଶ୍ୱର
ମୋ-୬୩୭୦୦୨୬୮୦୫

# ରାଜଧାନୀରେ ଆଦିତ୍ୟ ଆଲୁମିନା ପ୍ରକଳ୍ପ ବିସ୍ଥାପିତ ପ୍ରଭାବିତ ଅଂଚଳ ବାସୀଙ୍କ ଧାରଣା

ଭୁବନେଶ୍ୱର,୯/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ହରାଇ ବିସ୍ଥାପିତ ହୋଇଥିବା ଲୋକମାନେ ଧାରଣା ଦେଇଥିଲେ । ସେମାନଙ୍କର ମୁଖ୍ୟ ଦାବି ହେଉଛି କଂସାରୀଗୁଡାଠାରେ ତୁରନ୍ତ ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା କରାଯାଉ, ନଚେତ୍ ଇଡ୍‌କୋ ଦ୍ୱାରା ଦୀର୍ଘ ୧୮ ବର୍ଷ ତଳୁ ପ୍ରକଳ୍ପ ନାଁରେ ଅଧିଗ୍ରହଣ କରାଯାଇଥିବା ଆମ ଜମି ଗୁଡ଼ିକୁ ଫେରାଇ ଦିଆଯାଉ । ବିଶେଷକରି ତିନିଗୋଟି ଗ୍ରାମ ପଂଚାୟତ ଯଥା- ପୋଡ଼ପଡ଼ି, ବାଙ୍କସ୍ ଓ ଓଡ଼ିଆପେଣ୍ଠ ରୁ ୧୫୦୦ ଏକରରୁ ଉର୍ଦ୍ଧ୍ୱ ଜମି ଇଡ୍‌କୋ ଅଧିଗ୍ରହଣ କରି ହିଣ୍ଡାଲ୍‌କୋ କମ୍ପାନୀ ତରଫରୁ ଏକ ବୃହତ୍ ଆଲୁମିନା ବିଶୋଧନାଗାର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଥିଲା ଯାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଆମେସବୁ ବଡ଼ ଆଶାରେ ଶିଳ୍ପ ପ୍ରତିଷ୍ଠା ହେବ ଏବଂ ଆମର ପିଲାମାନେ ନିଯୁକ୍ତି ପାଇବେ ଏଥିପାଇଁ ଜମି ଅଳ୍ପ କିଛି ମୂଲ୍ୟରେ ଦେଇଥିଲୁ । କିନ୍ତୁ କମ୍ପାନୀ ଆଜି ପର୍ଯ୍ୟନ୍ତ ଶିଳ୍ପ ପ୍ରତିଷ୍ଠା କଲାନାହିଁ, ଆମେ ଜମି ହରାଇଲୁ, ଆମ ପିଲାମାନେ କୌଣସି ରୋଜଗାର ପାଇଲେ ନାହିଁ । ତେଣୁ ତୁରନ୍ତ ଆମ ଜମି ଫେରାଇ ଦିଆଯାଉ ବୋଲି ବାରମ୍ବାର ଦାବି କରିବା ସତ୍ତ୍ୱେ ସରକାର କୌଣସି କର୍ଣ୍ଣପାତ କରୁନାହାଁନ୍ତି । ଏପରିକି ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ଏବଂ ଆଦିତ୍ୟ ଆଲୁମିନାକୁ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଚିଠି ଦେଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କିଛି ଶୁଣୁ ନଥିବାରୁ ବଡ଼ ଦୁଃଖ ଏବଂ ଜଟିଳତା ଭିତରେ ଗ୍ରାମବାସୀମାନେ କାଳ କାଟୁଛନ୍ତି ବୋଲି କହିଛନ୍ତି । ଏଣୁ ଏଥରକ ମଧ୍ୟ ସରକାରଙ୍କୁ ପୁନର୍ବାର ଆଦିତ୍ୟ ଆଲୁମିନା କମ୍ପାନୀ ପ୍ରତିଷ୍ଠା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସଂଗେସଂଗେ ଯଥାଶୀଘ୍ର ପରିବେଶ ମଞ୍ଜୁରୀ ଏବଂ ଖଣି ସମସ୍ୟା ଓଏମ୍.ସି ସହ ଆଲୋଚନା କରି ପଦକ୍ଷେପ ନେବାପାଇଁ ଅନୁରୋଧ କରିବା ପରିପ୍ରେକ୍ଷୀରେ ଆଜି ବହୁ ସଂଖ୍ୟାରେ ବିସ୍ଥାପିତ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବା ଉଦ୍ଦେଶ୍ୟରେ ରାଜଧାନୀ ଆସିଛୁ ବୋଲି କହିଛନ୍ତି ଆଦିତ୍ୟ ଆଲୁମିନା ଆ ଲିକ ବିକାଶ ପରିଷଦର ସଭାପତି ଦୌଲ ଚୌଧୁରୀ । ସେହିଭଳି ସରକାର ଯଦି ଆମ ସମସ୍ୟା ତୁରନ୍ତ ସମାଧାନ ନ କରନ୍ତି ତେବେ ଆମେ ଏଠାରୁ ଆଉ ଯିବୁନାହିଁ, ଧାରଣା ଅବ୍ୟାହତ ରଖିବୁ ବୋଲି କହିଛନ୍ତି ରାୟଗଡ଼ା ଜିଲ୍ଲା ଦଳିତ ସେଲ୍‌ର ଅଧ୍ୟକ୍ଷ ତଥା ଜମି ହରାଇଥିବା ବିସ୍ଥାପିତ ସଂଘର ସମ୍ପାଦକ ରାଜେନ୍ଦ୍ର ଦୁରିଆ ।

# ଅକ୍ଟୋବର ୨୮ରେ ଧଉଳି ଶାନ୍ତିସ୍ତୁପର ସୁବର୍ଣ୍ଣ ଜୟନ୍ତୀ : ଯୋଗଦେବେ ୧୫୦ ବୌଦ୍ଧ ସନ୍ୟାସୀ

ଭୁବନେଶ୍ୱର,୯/୦୯ (ନି.ପ୍ର): ୧୯୭୨ ମସିହାରେ ଧଉଳି ପାହାଡରେ ପ୍ରତିଷ୍ଠିତ ବିଶ୍ୱବିଦିତ ଶାନ୍ତିସ୍ତୁପ ଏବଂ ବୌଦ୍ଧ ପୁଣ୍ୟପୀଠ ଚଳିତ ବର୍ଷ ୫୦ ବର୍ଷ ପୂରଣ କରୁଛି । ଏହାକୁ ସ୍ମରଣୀୟ କରିବା ନିମନ୍ତେ ଶାନ୍ତିସ୍ତୁପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଏଥିପାଇଁ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ ନିମନ୍ତେ ସ୍ଥିର ହୋଇଥିଲା । ଏଥିରେ ପୃଥିବୀର ବିଭିନ୍ନ ଦେଶରୁ ପ୍ରାୟ ୧୫୦ ବୌଦ୍ଧ ସନ୍ୟାସୀ ଯୋଗ ଦେବାର ସମ୍ଭାବନା ଅଛି । ମୁଖ୍ୟ ଉତ୍ସବ ଦିନ ଭୁବନେଶ୍ୱରରୁ ଧଉଳି ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହେବ ବୋଲି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି ।

ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଓଡ଼ିଶା ସରକାର ଏବଂ କଳିଙ୍ଗ ନିପ୍ପୋନ୍ ବୁଦ୍ଧ ସଂଘ ସହଭାଗିତାରେ ପ୍ରତିଷ୍ଠିତ ଏହି କିର୍ତୀସ୍ତମ୍ଭର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଆର୍ଥିକ ଏବଂ ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବ । ବର୍ତମାନ ଓଡ଼ଶା ସରକାରଙ୍କ ତରଫରୁ ପ୍ରାୟ ୧.୮୭ କୋଟି ଟଙ୍କା ବ୍ୟୟବରାଦରେ କରାଯାଉଥିବା ଶାନ୍ତିସ୍ତୁପ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚଳିତ ମାସ ଶେଷସୁଦ୍ଧା ସାରିବା ପାଇଁ ଶ୍ରୀ ମହାପାତ୍ର ପୁର୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶାନ୍ତିସ୍ତୁପକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ ଓ ଆଲୋକିକରଣ କାର୍ଯ୍ୟ ଉତ୍ସବର ବହୁ ଆଗରୁ ସାରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।

ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ମଂଚ ପ୍ରସ୍ତୁତି, ସାଜସଜ୍ଜା, ବିଭିନ୍ନ ଦେଶରୁ ଆସୁଥିବା ସନ୍ୟାସୀ ଓ ପ୍ରତିନିଧି ମାନଙ୍କର ଆଗମନ, ରହଣୀ, ଉତ୍ସବରେ ଯୋଗଦାନ, ଆତିଥ୍ୟ ଆଦି ବିଷୟରେ ସବିଶେଷ ଯୋଜନା ଏବଂ ଖର୍ଚ୍ଚ ଆକଳନ କରି ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାଖଲ କରିବା ପାଇଁ ଶ୍ରୀ ମହାପାତ୍ର ସ୍ଥାନୀୟ ଧଉଳି ଉନ୍ନୟନ କମିଟିଙ୍କୁ ପରାମର୍ଶ ଦେଇଥିଲେ । ଏହି କମିଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିବ । ଧଉଳିରେ ସ୍ଥାପନ କରାଯାଇଥିବା ବିଭିନ୍ନ ପ୍ରକାର ପର୍ଯ୍ୟଟକ ସୁବିଧା କେନ୍ଦ୍ର, ରାସ୍ତା ଆଲୋକ ଆଦିର ରକ୍ଷଣା ବେକ୍ଷଣ ଓ ପରିସରର ପରିଚ୍ଛନ୍ନତା ଆଦି କାର୍ଯ୍ୟ ନିୟମିତ ଭାବେକରିବା ପାଇଁ ଏହି ସ୍ଥାନୀୟ କମିଟିଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ କମିଟି ପ୍ରବେଶ ଟିକେଟ ଓ ପାର୍କିଂ ଟିକେଟ ଆଦିରୁ ସଂଗୃହିତ ରାଶି ବିନିଯୋଗ କରିବେ । ଶାନ୍ତିସ୍ତୁପ ପାଦଦେଶ ପ୍ଲାଟଫର୍ମର ନବୀକରଣ, ଆଲୋକ ଏବଂ ଶବ୍ଦ ପ୍ରଦର୍ଶନୀର ନବୀକରଣ ଏବଂ ପୁନଃଆରମ୍ଭ ଦୁରରୁ ସ୍ତୁପର ଦୃଶ୍ୟକୁ ଅବରୋଧ କରୁଥିବା ବୃକ୍ଷଡାଳ ଆଦିର ସଜ୍ଜୀକରଣ, ରାସ୍ତା ଆଲୋକିକରଣ, ହସ୍ତଶିଳ୍ପ ବଜାର ଏବଂ ସପିଂକମ୍ପେଲକ୍ସକୁ ବ୍ୟବସାୟ ଅନୁକୂଳ ଉପଯୁକ୍ତ ଯାଗାକୁ ସ୍ଥାନାନ୍ତରଣ ଆଦି ବିଷୟରେ ଆଲୋଚନା ହୋଇ ସେସବୁର ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯାଇଥିଲା ।

ପଦ୍ମ ବିଭୁଷଣ ସୁଦର୍ଶନ ସାହୁ. ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚ୍ଚିନ୍ ରାମଚନ୍ଦ୍ର ଯାଦବ, ସୂଚନା ଓ ଲୋକ ସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସଂସ୍କୃତି ନିର୍ଦ୍ଦେଶକ ରଂଜନ କୁମାର ଦାସଙ୍କ ସମେତ ଧଉଳିର ମୁଖ୍ୟ ସନ୍ୟାସୀ ଓ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କଂଗ୍ରେସ ସେବାଦଳର୨୦ ଜଣ ବରିଷ୍ଠ କର୍ମକର୍ତା ପାଇବେ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ

ଭୁବନେଶ୍ୱର,୯/୦୯ (ନି.ପ୍ର): ୨୦ ଜଣ କଂଗ୍ରେସ ସେବାଦଳ ଓ କଂଗ୍ରେସ କର୍ମକର୍ତାଙ୍କୁ ଆସନ୍ତା ୧୬ ତାରିଖରେ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଦଳକୁ ନିଷ୍ଠାର ସହ ଦୀର୍ଘ ୪୦ ବର୍ଷଧରି ସେବା ଦେଇଥିବା ୨୦ ଜଣ କଂଗ୍ରେସ ସେବାଦଳ ଓ କଂଗ୍ରେସ କର୍ମକର୍ତାଙ୍କୁ ଆସନ୍ତା ୧୬ ତାରିଖରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ-୨୦୨୨, ପ୍ରଦାନ କରିବେ । କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତିରେ ଏହା ଜଣାଇଛନ୍ତି । ସମ୍ବର୍ଦ୍ଧିତ ହେବାକୁ ଥିବା କର୍ମକର୍ତାମାନେ ହେଲେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ, ଅବଦୁଲ କୁଦୁଶ, ଅଶୋକ କୁମାର ସିଂହ, ବିଧାନ ଚନ୍ଦ୍ର ରାୟ, ଜ୍ୟୋତିଷ କୁମାର ସାହୁ, କରୁଣାକର କର, ରାମ ପରିଡ଼ା, ରବିନ୍ଦ୍ର କୁମାର ରାଉତ, ମୁନା ତ୍ରିପାଠୀ, ସୀତାବଲ୍ଲଭ ମହାପାତ୍ର, ସୁଶ୍ରୀ ରଞ୍ଜିତା ମଲ୍ଲିକ, କିଶୋର କାପୁର, ବସନ୍ତ କୁମାର ସାମଲ, ପ୍ରଫୁଲ୍ଲ କୁମାର ପାଢ଼ୀ, ରବିନ୍ଦ୍ର କୁମାର ସାବୁତ, ମୁନୁ ସରାଫ, ଲଳିତ କୁମାର ଡାଲୁଆ, ବିପିନ ନାୟକ, ଜବାହର ଜେନା ଓ ଆଶିଷ କୁମାର ପତି ।

# ସଂସ୍କୃତି ଅଧିକାରୀମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୯/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗ ଦର୍ଶନରେ ୨୦୧୧ ମସିହାରେ ବ୍ଲକ କଳା ସଂସ୍କୃତି ସଂଘ ଓ ଜିଲ୍ଲା କଳାକାର ସଂଘ ଗଠନ ହୋଇଥିବା ଓ ପରେ ନଗର କଳା ସଂସ୍କୃତି ସଂଘ ଏବଂ ରାଜ୍ୟ କଳା ସଂସ୍କୃତି ସଂଘ ଗଠନ କରାଯାଇଛି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ପ୍ରଚାର ପ୍ରସାର ଓ ଜନସଚେତନତା ସୃଷ୍ଟିକାରୀ କାର୍ଯ୍ୟକ୍ରମରେ ଲୋକ କଳାକାରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଆସିଛି । ତେବେ ଗତ ଦୁଇ ବର୍ଷ ଧରି କରୋନା କଟକଣା ଥିବା ସମୟରେ ଲୋକ କଳାକାରମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେମାନଙ୍କର କଳା ପ୍ରଦର୍ଶନର ସୁଯୋଗ ବ୍ୟାଘାତ ହେବା ସାଙ୍ଗକୁ ଜୀବିକାର୍ଜନରେ ମଧ୍ୟ ଗଭୀର ପ୍ରଭାବ ପଡିଥିଲା । ଏବେ କରୋନା କଟକଣା କୋହଳ ପରେ ସେମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ସରକାର ଆଗକୁ ସେମାନଙ୍କୁ କିପରି ଅଧିକ ସାହାଯ୍ୟ କରିପାରିବେ ସେ ଦିଗରେ ଗୁରୁତ୍ୱ ଦେଉଛନ୍ତି ଏବଂ ଲୋକକଳାକାରଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ଆଜି ରାଜ୍ୟ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ବ୍ଲକ କଳା ସଂସ୍କୃତି ସଂଘ, ଜିଲ୍ଲା କଳା ସଂସ୍କୃତି ସଂଘ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କ ନିମନ୍ତେ ଆୟୋଜିତ ଦୁଇ ଦିନିଆ ପ୍ରଶିକ୍ଷଣ ଓ ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା , ସାହିତ୍ୟ, ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରକାଶ କରିଛନ୍ତି । ସ୍ଥାନୀୟ ଭଞ୍ଜ କଳାମଣ୍ଡପ ସମ୍ମିଳନୀ କକ୍ଷରେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢୀ ଯୋଗଦେଇ କହିଲେ ଯେ, ରାଜ୍ୟରେ ଲୋକ କଳାକାରମାନଙ୍କ ଉନ୍ନତି ପାଇଁ ବ୍ଲକ ତଥା ଜିଲ୍ଲା ସଂସ୍କୃତି ସଂଘଗୁଡିକୁ ସହଯୋଗ କରିବା ନିମନ୍ତେ ପୂର୍ବରୁ ରାଜ୍ୟରେ ୧୦ ଜିଲ୍ଲାରେ ଜିଲ୍ଲା ସଂସ୍କୃତି ଅଧିକାରୀ ଥିବା ବେଳେ ଇତି ମଧ୍ୟରେ ମୋଟ ୨୭ ଟି ଜିଲ୍ଲାରେ ଜିଲ୍ଲା ସଂସ୍କୃତି ଅଧିକାରୀ ପଦବୀ ପୂରଣ ହୋଇ ସାରିଛି ଅନ୍ୟ ଜିଲ୍ଲାରେ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଦାୟିତ୍ୱରେ ରହିଛନ୍ତି । ସଂସ୍କୃତି ବିଭାଗରେ କମ୍ପ୍ୟୁଟରୀକୃତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଏକ ନୂଆ ବ୍ୟବସ୍ଥା ଓ ଏ ସଂପର୍କରେ ସମସ୍ତେ ଅବଗତ ହେବା ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢୀ ଗୁରୁତ୍ୱାରୋପ କରିଥିଲେ । ବ୍ଲକ ଜରିଆରେ ବିଭିନ୍ନ ବିଭାଗର ସୂଚନା, ଶିକ୍ଷା ଓ ଯୋଗାଯୋଗ(ଆଇ.ଇ.ସି) କାର୍ଯ୍ୟକ୍ରମ କରାଯାଉଥିବା ବେଳେ ସଂସ୍କୃତି ବିଭାଗର ସହଯୋଗରେ କିପରି ଲୋକ କଳାକାରମାନେ ଅଧିକରୁ ଅଧିକ କଳା ପ୍ରଦର୍ଶନର ସୁଯୋଗ ନେଇ କର୍ମନିଯୁକ୍ତି ପାଇପାରିବେ, ସେ ଦିଗରେ ଦୃଷ୍ଟି ଦିଆଯାଉଛି ବୋଲି ଶ୍ରୀ ପାଢୀ କହିଥିଲେ । ୨୦୧୧ରୁ ଅଦ୍ୟାବଧି ପ୍ରାୟ ୫୦ କୋଟି ଟଙ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକ କଳାକାରମାନଙ୍କ ଦ୍ୱାରା କରାଯାଇଥିବା ପ୍ରକାଶ କରିଥିଲେ । ତେବେ ୨୦୨୦-୨୧ରେ କରୋନା ସଂକ୍ରମଣ ପ୍ରଭାବରୁ ଅର୍ଥନୀତି,ମନୋରଞ୍ଜନ, ପର୍ଯ୍ୟଟନ ଆଦି ବହୁ କ୍ଷେତ୍ର ପ୍ରଭାବିତ ହୋଇଥିବା ସ୍ଥଳେ ଏବେ କଟକଣା କୋହଳ ହେବା ପରେ ସମସ୍ତଙ୍କୁ ନୂତନ ମନୋବଳ ନେଇ ଆଗକୁ ବଢିବାର ଅଛି ବୋଲିଶ୍ରୀ ପାଢୀ ପ୍ରକାଶ କରିଥିଲେ । ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ ଯୋଗଦେଇ କହିଲେ ଯେ, ଓଡିଶାର ଜିଲ୍ଲା, ବ୍ଲକ ତଥା ରାଜ୍ୟ କଳାକାର ସଂସ୍କୃତି ସଂଘ ସମଗ୍ର ଦେଶରେ ମଡେଲ ହୋଇଛି ।

# ଜଳବାୟୁ ପରିବର୍ତ୍ତନ ପଦକ୍ଷେପ ଉପରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୯/୦୯ (ନି.ପ୍ର): ଶିଳ୍ପ ସଂସ୍ଥାଗୁଡ଼ିକ ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ରାଜ୍ୟର ସମସ୍ତ ଶିଳ୍ପ ସଂସ୍ଥା ପାଇଁ ଆଇପି କ୍ୟାମେରା ଲଗାଇବା ବାଧ୍ୟତାମୂଳକ ହୋଇଛି । ଏହି କ୍ୟାମେରାଗୁଡ଼ିକୁ ସିଧାସଳଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ସହ ସଂଯୋଗ କରାଯାଇଛି । ଯଦି କୌଣସି ଶିଳ୍ପ ସଂସ୍ଥା ଲଗାତାର ୧୫ ମିନିଟ୍ ଧରି ପ୍ରଦୂଷଣ କରୁଥିବା ନଜରକୁ ଆସେ ତେବେ ତାହା ଜଣାପଡ଼ିବ । ଏଥିପାଇଁ ଏସ୍‌ପିସିବିରେ ରାଜ୍ୟସ୍ତରୀୟ କେଣ୍ଟ୍ରାଲ ରୁମ୍ ଖୋଲାଯିବା ସହ ସେଠାରେ ପର୍ଯ୍ୟାପ୍ତ ମାନବ ସମ୍ବଳ ନିଯୁକ୍ତି ଦିଆଯାଇଛି । ଏଥିସହ କୋରାପୁଟ ଓ ବଲାଙ୍ଗୀରରେ ବୋର୍ଡର ଦୁଇଟି ଆଞ୍ଚଳିକ କାର୍ଯ୍ୟାଳୟ ଖୋଲାଯାଇଛି । ଏଥିସହ ଜଳ ପ୍ରଦୂଷଣ ରୋକିବାକୁ ଜିରୋ ଲିକ୍ୟୁଇଡ୍ ବେସ୍‌ଡ କରିବାକୁ ସମସ୍ତ ଶିଳ୍ପ ସଂସ୍ଥାକୁ କୁହାଯାଇଛି ବୋଲି ଏସ୍‌ପିସିବିର ସଦସ୍ୟ ସଚିବ କେ ମୁରୁଗସେନ୍ କହିଛନ୍ତି । ଏସ୍‌ପିସିବି ଓ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି) ଓଡ଼ିଶାର ମିଳିତ ସହଯୋଗରେ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ରେ ଆୟୋଜିତ 'ଜଳବାୟୁ ପରିବର୍ତ୍ତନ ପଦକ୍ଷେପ-ନେଟ୍ ଜିରୋ ହାସଲ କରିବା ପାଇଁ ବିକଳ୍ପ ଶକ୍ତି ଏବଂ ଗତିଶୀଳତା ସମାଧାନ' ଶୀର୍ଷକ ଜାତୀୟ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ମୁରୁଗନେସ୍ ଏହା କହିଛନ୍ତି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର କାର୍ଯ୍ୟକାରୀ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଗ୍ଲୋବାଲ୍ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାନବ ସଭ୍ୟତା ବିପଦପୂର୍ଣ୍ଣ ହେଉଛି । ଏଥିସହ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ଦେଖାଯାଉଛି । ଯାହାକି ମାନବ ସଭ୍ୟତା ପାଇଁ ସତର୍କ ଘଣ୍ଟି । ସମସ୍ତେ ଏଥିପ୍ରତି ଯତ୍ନବାନ ଦେବାକୁ ସେ ପରାମର୍ଶ ଦେଇଥିଲେ ।

# ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ : ୩୨ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୯/୦୯ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ ରହିଛି । ଗତକାଲି ୨୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୪୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୦୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୩୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୪ଟି ଜିଲ୍ଲାରୁ ୨୫୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୫ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨, ବରଗଡ଼ ଜିଲ୍ଲାରୁ ୩, ଭଦ୍ରକରୁ ୩, ବଲାଙ୍ଗୀରରୁ ୧୧ ଜଣ, କଟକରୁ ୨୭ ଜଣ, ଦେବଗଡ଼ରୁ ୧, ଗଞ୍ଜାମରୁ ୬, ଜଗତସିଂହପୁରରୁ ୫ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୨, କଳାହାଣ୍ଡି ଜିଲ୍ଲାରୁ ୧୧ ଜଣ, କନ୍ଧମାଳରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୫୫, କୋରାପୁଟରୁ ୪, ମୟୂରଭଞ୍ଜରୁ ୮ ଜଣ, ନବରଙ୍ଗପୁରରୁ ୧୫ ଜଣ, ନୟାଗଡ଼ ଜିଲ୍ଲାରୁ ୧୨ ଜଣ, ନୂଆପଡ଼ାରୁ ୯, ପୁରୀରୁ ୮ ଜଣ, ରାୟଗଡ଼ାରୁ ୪, ସମ୍ବଲପୁରରୁ ୧୭ ଜଣ, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୩୦ ଜଣ ଓ ଷ୍ଟେଟପୁଲରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୯, ୭୨୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩, ୧୮, ୭୯୮ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୬୯୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ବନ୍ୟା କ୍ଷୟକ୍ଷତି ରିପୋର୍ଟ ନେଇ ଶ୍ୱେତ ପତ୍ର ଜାରି କରନ୍ତୁ ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୯/୦୯ (ନି.ପ୍ର): ରାଜ୍ୟ ସରକାର ବନ୍ୟା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । - ଏବେ ସରକାର ଯେଉଁ କ୍ଷୟକ୍ଷତି ରିପୋର୍ଟ ଦେଇଛନ୍ତି ତାହା ତରବରିଆ ତିଆରି ହୋଇଛି । ତେଣୁ ବନ୍ୟା କ୍ଷୟକ୍ଷତି ରିପୋର୍ଟ ନେଇ ରାଜ୍ୟ ସରକାର ଶ୍ୱେତ ପତ୍ର ଜାରୀ କରନ୍ତୁ ବୋଲି ବିଜେପି ପକ୍ଷରୁ ଦାବି କରାଯାଉଛି । ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଏଠାରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୧୨୮ କୋଟି ଟଙ୍କା ସହାୟତା ରାଶି ଘୋଷଣା ସମ୍ପୂର୍ଣ୍ଣ ତ୍ରୁଟି ପୁର୍ଣ୍ଣ । ସେ କହିଛନ୍ତି ଯେ ସରକାର କେତେବେଳେ ସର୍ଭେ କଲେ ଓ କେଉଁ ସରକାରୀ ଅଫିସର ବୁଲି କେଉଁ ଅଂଚଳ ବୁଲି କେବେ ସର୍ଭେ କଲେ ସେ ସମ୍ପର୍କରେ ସୂଚନା ଦିଅନ୍ତୁ । ରାଜ୍ୟ ସରକାର ଏକ ଶ୍ୱେତ ପତ୍ର ଜାରି କରନ୍ତୁ ବୋଲି କହିଛନ୍ତି । ଏଥିରେ ନାମ, ଘର, ବ୍ଲକ ଆଦି କ୍ଷତିଗ୍ରସ୍ତଙ୍କ ତାଲିକା ବାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି ।

# ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲା ପରିକ୍ରମା କରିଛି 'ଅହିଂସା ରଥ'

ଭୁବନେଶ୍ୱର,୯/୦୯ (ନି.ପ୍ର): ସ୍ୱାଧୀନତା ସଂଗ୍ରାମର ବାର୍ତା ତଥା ଜାତିର ଜନକ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରର ରାଜ୍ୟବ୍ୟାପୀ ପ୍ରସାରଣ ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ଆଜି ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ଆଜି ଦ୍ୱିତୀୟ ଦିନ ନବରଙ୍ଗପୁର ଜିଲ୍ଲା ପରିକ୍ରମାରେ ଜିଲ୍ଲାର ଦଶଟି ବ୍ଲକ୍ ଓ ଦୁଇଟି ପୌରପାଳିକାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି । ବିଭିନ୍ନ ବ୍ଲକ୍ ଓ ପୌର ପରିଷଦର ଅଧିକାରୀ, ଲୋକପ୍ରତିନିଧି, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଜନସାଧାରଣ ଆନନ୍ଦ ଉଲ୍ଲାସର ସହିତ ଅହିଂସା ରଥକୁ ସ୍ୱାଗତ କରିଛନ୍ତି । ନବରଙ୍ଗପୁର ସହରରେ ଏକ ବିରାଟ ଶୋଭଯାତ୍ରା ସ୍ୱାଧିନତା ସଂଗ୍ରାମୀ ମହମ୍ମଦ ବାଜିଙ୍କ ପ୍ରତିମୂର୍ତ୍ତିରୁ ବାହାରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ପାର୍କ ପର୍ଯ୍ୟନ୍ତ ପ୍ରାୟ ଚାରି କିଲୋମିଟର ରାସ୍ତା ଅତିକ୍ରମ କରିଥିଲା । ହଜାର ହଜାର ଜନସାଧାରଣ ନାଚଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକଶହ ଫୁଟର ତ୍ରିରଂଗା ଧରି ସହର ପରିକ୍ରମା କରିଥିଲେ । ଏଥିରେ ବିଧାୟକ ନବରଙ୍ଗପୁର ସଦାଶିବ ପ୍ରଧନୀ, ପୌରପାଳିକା ଅଧକ୍ଷ ନବରଙ୍ଗପୁର କୁନୁ ନାୟକ, ଜିଲ୍ଲାପାଳ ଡକଫର କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇତ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରନୀକର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟକୃଷ୍ଣ ବେହେରା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପୌରପାଳିକାର କର୍ମଚାରୀ, ସରକାରୀ ବେସରକାରୀ ଅନୁଷ୍ଠାନର କର୍ମକର୍ତା, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମିଶନ ଶକ୍ତି ସଦସ୍ୟା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

ଆଜି କେଉଁଝର ଜିଲ୍ଲାର ପାଟଣା ବ୍ଲକ୍ ର ମଲ୍ଲୀପଶି ଛକଠାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମଲ୍ଲୀପଶିର ଜନତା ହାଇସ୍କୁଲ ଏବଂ ପାଟଣାର ଜି.ଏନ୍. ହାଇସ୍କୁଲଠାରେ ସଭା ଅନୁଷ୍ଠିତ ହୋଇଥିଲା । ଏହିସବୁ ସ୍ଥାନରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ପାଟଣା ବିଧାୟକ ଜଗନ୍ନାଥ ନାଏକ, ପଞ୍ଚାୟତ ସମିତି ଅଧକ୍ଷା ସୁକାନ୍ତି ନାୟକ, ବିଡ଼ିଓ ଈଶ୍ୱର ଚନ୍ଦ୍ର ନାଏକ, ତହସିଲଦାର ତାପସ ରଞ୍ଜନ ଦେହୁରୀ, ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସମିତି ଉପାଧକ୍ଷା ବୀଣାପାଣି ନାଏକ, ସ୍ୱାଧୀନତା ସଂଗ୍ରାମୀ କାହ୍ନୁଚରଣ ଦାଶଙ୍କ ଧର୍ମପତ୍ନୀ ପାର୍ବତୀ ଦାଶ ଓ ପୁତ୍ର ବୀରକିଶୋର ଦାଶ, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦର ସଦସ୍ୟସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ସାହାରପଡ଼ା ବ୍ଲକ୍‌ର କପୁଣ୍ଡି ଛକଠାରେ ଅହିଂସା ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବ୍ଲକ୍ ର ବିଭିନ୍ନ ଅଂଚଳରେ ରଥ ପରିକ୍ରମା କରିବା ଅବସରରେ ଖଜୁରୀଡିହା ହାଇସ୍କୁଲ, ସିଲିପଦା ମଣ୍ଡପ, ଉଦୟପୁର ହାଇସ୍କୁଲ, ସାହାରପଡ଼ା ହାଇସ୍କୁଲଠାରେ ସଭା ଅନୁଷ୍ଠିତ ହୋଇଥିଲା । ସେହିପରି ଘସିପୁରା ବ୍ଲକ୍ ଠାରେ ଅହିଂସା ରଥ ପହଂଚିବା ପରେ ଘସିପୁରା ପଂଚାୟତ ସମିତି ଅଧକ୍ଷା ସୁଜାତା ସାହୁ, ବିଡ଼ିଓ ଅସିତ କୁମାର ମହାନ୍ତି, ତହସିଲଦାର ବାବୁଲ ପେରେଇ, ପଂଚାୟତ ସମିତି ଉପାଧକ୍ଷ ପଂଚାନନ ବେହେରା, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ଆନନ୍ଦପୁର ବ୍ଲକ୍ ଠାରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ପଂଚାୟତ ସମିତି ଅଧକ୍ଷା ଅଞ୍ଜଳି ବାରିକ, ବିଡ଼ିଓ ପଂଚାନନ ନାୟକ, ଏବିଡ଼ିଓ ବିନିତ୍ର ଚନ୍ଦ୍ର, ଆନନ୍ଦପୁର ପୌରପାଳିକା ଅଧକ୍ଷା ରଜନୀରାଣୀ ଖଟୁଆ, ଉପାଧକ୍ଷ ଦୁର୍ଗାଚରଣ ଦଳେଇ, ନିର୍ବାହୀ ଅଧିକାରୀ ଲଳିତ ନାଏକ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପଂଚାୟତିରାଜ ପ୍ରତିନିଧିବୃନ୍ଦ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ରଥ ବ୍ଲକ ଅଂଚଳ ପରିକ୍ରମା ସମୟରେ ତରତରା ଗ୍ରାମପଂଚାୟତ, ଶାଳବଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟଠାରେ ସଭା ଅନୁଷ୍ଠିତ ହୋଇଥିଲା । ଏହିସବୁ ସ୍ଥାନରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଭିଡ଼ିଓ ସୋ ପ୍ରଦର୍ଶିତ ହୋଇଥିଲା ।

# ୫-ଟି ହାଇସ୍କୁଲ ରୂପାନ୍ତରୀକରଣର ସଫଳତା : ଅଭିଭାବକଙ୍କୁ ବୁଝାଇବେ ଶିକ୍ଷକ

ଭୁବନେଶ୍ୱର ,୯/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ(ହାଇସ୍କୁଲ)ରେ ଜାରି ରହିଥିବା ସ୍କୁଲ ରୂପାନ୍ତରୀକରଣକୁ ତ୍ୱରାନ୍ୱିତ କରିବାକୁ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ରୂପାନ୍ତରୀକରଣ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରିବାକୁ ଆସନ୍ତା ୧୦ ତାରିଖ ତଥା ଶନିବାର ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ(ପିଟିଏମ୍) ଅନୁଷ୍ଠିତ ହେବ । ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯିବ । ଶିକ୍ଷକମାନେ ୫-ଟି ସ୍କୁଲ ରୂପାନ୍ତରଣ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଇବେ । ରୂପାନ୍ତରୀକରଣ କାର୍ଯ୍ୟକ୍ରମର ବିଭିନ୍ନ ବିଷୟବସ୍ତୁ ଯଥା ଏକାଡେମିକ, ଭିତ୍ତିଭୂମି ବିକାଶ, ସ୍ମାର୍ଟ ବୋର୍ଡରେ କ୍ଲାସରୁମ୍ ଶିକ୍ଷା, ଇ-ଲାଇବ୍ରେରି, ସାଇନ୍ସ ଲାବରୋଟାରି, ପାନୀୟ ଜଳ, ସ୍ୱଚ୍ଛତା ଆଦି ଏଥିରେ ସ୍ଥାନିତ କରାଯିବ । ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ, ପଞ୍ଚାୟତ ପ୍ରତିନିଧି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଅଂଶୀଦାର ବିଷୟରେ ଆଲୋଚନା ହେବ । ସ୍କୁଲ ରୂପାନ୍ତରୀକରଣ ସମ୍ପର୍କରେ ଅଭିଭାବକଙ୍କ ମତାମତ ଗ୍ରହଣ କରାଯିବା ସହ ତାହା କିଭଳି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ, ସେ ଦିଗରେ ପ୍ରଧାନଶିକ୍ଷକମାନେ ଗୁରୁତ୍ୱ ଦେବେ । ରୂପାନ୍ତରୀକରଣ ହୋଇଥିବା ହାଇସ୍କୁଲଗୁଡ଼ିକରେ ସ୍ମାର୍ଟ ବୋର୍ଡ, ଇ-ଲାଇବ୍ରେରି ପରିଚାଳନା, ଲାବରୋଟାରି ଆଦି ବିଷୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ଦିଆଯାଉଛି । ସେ ସମ୍ପର୍କରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଅବଗତ କରିବା ଲାଗି ପିଟିଏମ୍‌ର ବ୍ୟବସ୍ଥା ହୋଇଛି । ଦୁଇ ଘଣ୍ଟା ଧରି ଏହି ବୈଠକ ଚାଲିବ । ନିୟମିତ କ୍ଲାସ ଯେପରି ପ୍ରଭାବିତ ନ ହୁଏ, ସେଥିପ୍ରତି ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଦୃଷ୍ଟି ଦେବେ । 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ଇତି ମଧ୍ୟରେ ସ୍କୁଲ ପ୍ରଧାନଶିକ୍ଷକଙ୍କୁ 'ହାଇସ୍କୁଲ ୫-ଟି ହ୍ୟାଣ୍ଡବୁକ୍' ପ୍ରଦାନ କରାଯାଇଛି । ଅଭିଭାବକଙ୍କୁ ସଚେତନ କରିବା ଲାଗି ସେମାନେ ଏହାକୁ ବ୍ୟବହାର କରିବେ । ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଡିପିସି)ମାନେ ଜିଲ୍ଲା ଓ ବ୍ଲକସ୍ତରରେ ବୈଠକର ତଦାରଖ କରିବେ । ଡିଆଇଇଟି ଅଧକ୍ଷ, ବରିଷ୍ଠ ଶିକ୍ଷକ, ସମସ୍ତ ଜିଲ୍ଲା/ବ୍ଲକସ୍ତରୀୟ ଅଧିକାରୀ ଓ ସିଆରସିସିଙ୍କୁ ନେଇ ମନିଟରିଂ ଟିମ୍ ଗଠନ କରିବେ । ହାଇସ୍କୁଲଗୁଡ଼ିକରେ ପିଟିଏମ୍ ଠିକ୍ ଭାବେ ହେଉଛି କି ନାହିଁ ସେମାନେ ଯାଞ୍ଚ କରି ରିପୋର୍ଟ ଦେବେ ।

# ଯୁଗେଯୁଗେ ଗୁରୁ-ଶିଷ୍ୟ ସଂପର୍କର ଅତୁଟ ବନ୍ଧନ ରହିଛି : ୫୫ଜଣ ଗୁରୁ ସମ୍ବର୍ଦ୍ଧିତ



ଭଦ୍ରକ, ୦୯/୦୯ (ନି.ପ୍ର): ଭାରତୀୟ ଗୁରୁ-ଶିଷ୍ୟ ପରମ୍ପରାରେ ଗୁରୁ କେବଳ ଜଣେ ବ୍ୟକ୍ତି ନୁହଁନ୍ତି, ସେ ଏକ ଶକ୍ତିର ଉତ୍ସ ଓ ଜୀବନ ଗଢିବାର ମହାସୂତ୍ର ବୋଲି ସଂସ୍କୃତି ଭବନଠାରେ ଆୟୋଜିତଓଡିଶା ତେଜସ୍ୱିନୀ ମହିଳା ସଂଗଠନ ଓ ସ୍ୱରାଜବାର୍ତ୍ତା ପକ୍ଷରୁ ଗୁରୁ ସମ୍ମାନ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି। ଅଧ୍ୟାପକ ନିହାର ରଂଜନ କରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦୁ ମିଶ୍ର ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ ମହାବିଦ୍ୟାଳୟ ଅଧ୍ୟକ୍ଷ ଶିକ୍ଷାବିତ ଲକ୍ଷ୍ମୀଧର ରାଉତ, ମୁଖ୍ୟବକ୍ତାଭବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ସଂଗଠନର ସଭାନେତ୍ରୀ କଳ୍ପନା ଜେନା, ସଂପାଦିକା ଅଂଜନା ମିଶ୍ର ପ୍ରମୁଖ ଯୋଗଦେଇ ଭାରତୀୟ ଗୁରୁ-ଶିଷ୍ୟ ପରମ୍ପରା ଅତୁଟ ବୋଲି କହିଥିଲେ।ସ୍ୱରାଜବାର୍ତ୍ତାର ମୁଖ୍ୟ ସଂପାଦକ ତଥା ମାର୍ଗଦର୍ଶକ ରବି ନାରାୟଣ ଖିଲାର ମଂଚ ଆମନ୍ତ୍ରଣ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଭାକର ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ତଥା ଉପଦେଷ୍ଟା ଜାନକୀ ପାଢୀ, ଉପସଭାପତି ଶିକ୍ଷୟତ୍ରୀ ମନୋରମା ରାୟ,ଉପସଭାପତି କବି ଚୈତାଳି ଖିଲାର,ଆବାହକ ରେଣୁବାଳା ଖିଲାର,ସହସଂପାଦିକା ସୁଜାତା ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ କଣ୍ଠଶିଳ୍ପୀ ଶୁଭସ୍ମିତା ରାଉତ ଗୁରୁ ବନ୍ଦନା ଗାନ କରିଥିଲେ । ଶିକ୍ଷକ ଅରୁଣ କୁମାର ମଲ୍ଲିକ ବେଦ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବେହେରା ସାମ୍ବାଦିକ ସନ୍ତୋଷ ଦାସ,ଅଭୟ ସାହୁ,ତୁଷାର କାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।ଏହି ଅବସରରେ ୫୫ ଜଣ ଗୁରୁଙ୍କୁ ପୂର୍ବବର୍ଷଭଳି ସଂଗଠନ ପକ୍ଷରୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ, ବ୍ୟାଚ, କଲମ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା । ଗୁରୁମାନଙ୍କ ମଧ୍ୟରେ ଗଣେଶ ଚନ୍ଦ୍ର ମହାପାତ୍ର,ଚନ୍ଦ୍ରକାନ୍ତ ଶୁକ୍ଲ, ଗୋପବନ୍ଧୁ ବାରିକ,ସତ୍ୟ ସୁନ୍ଦର ପରିଡା,ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ,ସରୋଜିନୀ ନାୟକ,ମନୋରମା ସାମଲ,ସୁନିତି ମହାନ୍ତି, ଅଶୋକ ଖିଲାର, ଗିରୀଶ ବିହାରୀ ମିଶ୍ର,ରମେଶ ଚନ୍ଦ୍ର ଗାହଣ, ରମେଶ ଚନ୍ଦ୍ର ପତି, କୌଶଲ୍ୟା ଜେନା, ସୁମିତ୍ରା ମିସ୍ତ୍ରୀ, ପ୍ରଶାନ୍ତ କୁମାର ବାରିକ, ଅରୁଣ କୁମାର ମଲିକ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା, ସୁବୋଧ କୁମାର ସାହୁ, ସୁରେନ୍ଦ୍ର କୁମାର ସେଠୀ, ପିତବାସ ଯେନା, ସନାତନ ମୁର୍ମୁ, ଭୀମସେନ ହାନ୍ସଦା, ସଂଜୀବ କୁମାର ଗୋସ୍ୱାମୀ, ସଂଜୟ କୁମାର ପାଢୀ, ଶରତ ଚନ୍ଦ୍ର ଜେନା, ପ୍ରମୋଦ କୁମାର ଜେନା , ସଂଜୟ କୁମାର ଦାସ,ସୁରଜିତା ନାୟକ, ଅକ୍ଷୟ କୁମାର ମହାନ୍ତି,.ରମେଶ ଚନ୍ଦ୍ର ଦତ୍ତ, ମୋହନ ପରିଡା, ହବିବୁଲ କରିମ, ନିରାକାର ରାଉତ, ଏସ.କେ.ଶମସୁଦ୍ଦିନ, ସଂଜୟ ବିନ୍ଧାଣି, ଗୋବିନ୍ଦ ମାଝୀ, ଅଭୟ କୁମାର ଦାଶ, ରୁପକ କୁମାର ମିଶ୍ର, ସଂଜୟ ବିନ୍ଧାଣି, ପ୍ରଶାନ୍ତ କୁମାର ବେହେରା, ଅଭୟ କୁମାର ସାହୁ, ପ୍ରଦୀପ ଦାଶ, ମନୋଜ କୁମାର ସିଂହ, ପ୍ରଦୀପ କୁମାର ପତି ,ଜୟଶ୍ରୀ ଜେନା,ପ୍ରଦୀପ କୁମାର ପତି ପ୍ରମୁଖ ଶିକ୍ଷକଶିକ୍ଷୟତ୍ରୀ ଙ୍କୁ ସମ୍ମାନୀତ କରାଯାଇଥିଲା । ।

## ଯୁବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୦୯/୦୯ (ନି.ପ୍ର): ରାଜଧାନୀରେ ଆଉ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱରର ଅଂଚଳରେ ଥିବା ଏକ ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ହେଲେ ରଚନା ନାୟକ। ସେ ଲୁଗାରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ରାଜଧାନୀରେ ୪୬ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୪୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୮୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୨୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୧୬୨ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୧୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୮୬୮ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

# ରାଜ୍ୟରେ ନାରୀ ସୁରକ୍ଷା ଉପେକ୍ଷିତ : ବିଜେପି ମହିଳା ମୋର୍ଚ୍ଚାର ଶୋଭାଯାତ୍ରା



ଜଳେଶ୍ୱର, ୦୯/୦୯ (ନି.ପ୍ର): ରାଜ୍ୟରେ ନାରୀ ସମାଜ ସୁରକ୍ଷିତ ନୁହନ୍ତି। ଏ ସମ୍ପର୍କରେ ଆଜି ବିଜେପି ମହିଳାମୋର୍ଚ୍ଚାର ଏକ ଶୋଭାଯାତ୍ରା ପୁର୍ଣ୍ଣ ଡାକବଂଗଳାରୁ ବାହାରି ଷ୍ଟେସନଛକଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନଗର ସଭାନେତ୍ରୀ ଦେବଯାନୀ ଅଣ୍ଡିଆ ନେତୃତ୍ୱ ନେଇଥିଲେ । ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାଇ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ବୋଲି ପ୍ରକାଶ ପାଇଛି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ମହିଳା ନେତ୍ରୀ ଅଭିପ୍ସା ନାୟକ, ସୁମତୀ ରାଣୀ ଦେ, ପିଙ୍କି ପ୍ରଧାନ, ସୁମତୀ ରଣା, ସସ୍ମିତା ଚାନ୍ଦ, ମୁକ୍ତରାଣୀ ପାଲ, ସସ୍ମିତା ପଣ୍ଡା, ମଂଜୁଳିକା ଘୋଷ, ସୁବାସିନୀ ଜେନା, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ପୌରପାଳ ପ୍ରବୀର ପ୍ରଧାନ, ଅରୁଣ ବେଜ, ରଂଜନ ମହାନ୍ତି, ଜଗନ୍ନାଥ ଗୋଚ୍ଛାୟତ, ସତ୍ୟବ୍ରତ ପଣ୍ଡା, ସଂଜିବ ପ୍ରଧାନ, ତନ୍ମୟ ଚାନ୍ଦ, ବିଶ୍ୱରୂପ ଦାସ, ତରୁଣ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ତ୍ରିଦୀପ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ରଜ୍ୟରେ ମହିଳା, ଶିଶୁ ଓ ନାବାଳିକା ମାନେ କେତେ ଅସୁରକ୍ଷିତ ସେ ସଂପର୍କରେ କହିଥିଲେ ।

# ଗୋଳିହା ଗ୍ରାମରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ

ଖଇରା,୦୯/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗୋଳିହା ଗ୍ରାମରୁ ଗୁରୁବାର ରାତିରେ ୨ ପରିବାର ଲୋକଙ୍କ ଅନୁପସ୍ଥିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଖଇରା ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛି। ଗ୍ରାମର ମହେଶ୍ୱର ନାୟକ ଓ ତାଙ୍କ ଭାଇ ଉଦୟ ନାୟକଙ୍କ ଘରୁ ଏହି ଚୋରୀ ହୋଇଥିବା ନେଇ କୁହାଯାଉଛି । ମହେଶ୍ୱର ଓ ତାଙ୍କ ସ୍ତ୍ରୀ ନୂଆପଡାରେ ଶିକ୍ଷକ ଚାକରୀରେ ଥିବା ଯୋଗୁଁ ସେଠାରେ ପରିବାର ସହ ରହୁଛନ୍ତି। ଗୁରୁବାର ରାତିରେ ଚୋର ମାନେ ତାଙ୍କ ଘରତାଲା ଭାଙ୍ଗି ଝିଅ ବାହାଘର ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇ ପଳାଇଥିଲେ । ସେହିଭଳି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦୟ ନାୟକ ଓ ତାଙ୍କପତ୍ନୀ କୌଶସୀ କାମରେ ଗୁରୁବାର ବାଲେଶ୍ୱର ଯାଇ ରାତିରେ ଫେରିନଥିଲେ । ଏହି ମୌକାରେ ଚୋରମାନେ ମଧ୍ୟ ତାଙ୍କ ଘରେ କଳାକନା ବୁଲାଇ ଦେଇଛନ୍ତି । ତେବେ ମହେଶ୍ୱର ଗୋଳିହାରେ ପହଞ୍ଚିନଥିବାରୁ ମାମଲା ରୁଜୁ ହୋଇ ପାରିନାହିଁ । ଶନିବାର ପହଞ୍ଚି ଲିଖିତ ଅଭିଯୋଗ ପରେ ଯାଞ୍ଚ ପ୍ରକ୍ରିୟାକୁ ଅଧୀକ ତ୍ୱରାନ୍ୱିତ କରାଯିବ ବୋଲି ଆଇଆଇସି ଗଣେଶ୍ୱର ପ୍ରଧାନ କହିଛନ୍ତି ।

## ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନରେ ସାମିଲ ହେବାକୁ ରାଜ୍ୟପାଳଙ୍କ ନିବେଦନ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଶୁକ୍ରବାର ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଭିଡ଼ିଓ କନ୍‌ଫରେନ୍ସିଙ୍ଗ ମାଧ୍ୟମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଏହି ଅଭିଯାନରେ ନି-କ୍ଷୟ ମିତ୍ର ଭାବରେ ସହଯୋଗ କରିବା ପାଇଁ ବ୍ୟବସ୍ଥା ରହିଛି । ବ୍ୟକ୍ତି , ଅନୁଷ୍ଠାନ, ସମବାୟ ସଂସ୍ଥା, କରପୋରେଟ୍ , ନିର୍ବାଚିତ ଲୋକ ପ୍ରତିନିଧି , ବ୍ୟବସାୟ ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନ, ରାଜନୈତିକ ଦଳ ଆଦି ନି-କ୍ଷୟ ମିତ୍ରଭାବରେ ଯକ୍ଷ୍ମା ରୋଗୀମାନଙ୍କୁ ଅତିରିକ୍ତ ଖାଦ୍ୟ ଓ ପୋଷଣ ସହାୟତା ଏବଂ ଥଇଥାନଆଦି ଅନ୍ୟାନ୍ୟ ସହାୟତା ଯୋଗାଇ, ଓଡ଼ିଶାରୁ ଯକ୍ଷ୍ମାରୋଗର ମୂଳୋତ୍ପାଟନ ନିମନ୍ତେ ସହଯୋଗ କରିବାକୁ ରାଜ୍ୟପାଳ ନିବେଦନ କରିଛନ୍ତି।

## ବିଏସ୍ଏଫ୍ ଏକ ବଙ୍ଗଳାଦେଶୀ ନାଗରିକଙ୍କୁ ସୀମାରେ କଲା ଗିରଫ

ନୂଆଦିଲ୍ଲୀ, ୦୯/୦୯ : ସୀମା ସୁରକ୍ଷା ବଳ(ବିଏସ୍ଏଫ୍) ଦକ୍ଷିଣ ବଙ୍ଗାଳା ସୀମାନ୍ତ ଅନ୍ତର୍ଗତ ୬୮ତମ ବାଟାଲିୟନର ସୀମା ଚୌକି ରନଘାଟ ମୁସ୍ତୈଦ ଯବାନ ସଠିକ୍ ଖବର ଆଧାରରେ ଏକ ବ୍ୟକ୍ତିଙ୍କୁ ଭାରତୀୟ ସୀମାରେ ଅନୁପ୍ରବେଶ ସମୟରେ ହିରାସତରେ ନେଇଥିଲା। ଯାହାର ପରିଚୟ ଖାଲିଦ ହସନ ହଦୟା(୨୭)ଙ୍କ ରୂପେ ହୋଇଥିଲା। ବହଗାଓଁ-କରଘାଟୀ, ଜିଲ୍ଲା-ଗୋପାଳଗଞ୍ଜ, ବଙ୍ଗଳାଦେଶର ବୋଲି ଜଣାପଡ଼ିଛି।

# ରାସ୍ତା ପ୍ରଶସ୍ତିକରଣ କାମର ଉଦ୍‌ଘାଟନ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଆଜି ୟୁନିଟ୍-୪ସ୍ଥିତ ରବୀନ୍ଦ୍ର ମଣ୍ଡପ ପଛପାଖ ରାସ୍ତା ଓ ବିଧାନସଭା ସମ୍ମୁଖ ରାସ୍ତା ଯାହାକି ୪ ନମ୍ବର ମାର୍କେଟ, କର କ୍ଲିନିକ୍, ମସ୍‌ଜିଦ୍ ଆଡକୁ ଥିବା ରାସ୍ତାର ପ୍ରଶସ୍ତିକରଣ ପାଇଁ ଆଜି ଶୁଭ ଉଦ୍‌ଘାଟନ ହୋଇଯାଇଛି । ୬୨ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ରାସ୍ତା ପ୍ରଶସ୍ତିକରଣ କାମକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ନଡ଼ିଆ ଭାଙ୍ଗି ଶୁଭ ଉଦ୍‌ଘାଟନ କରିଥିଲେ। ଏହା ଏକ ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବାରୁ ଏବଂ ପାଖରେ ଏମ୍.ଏଲ୍.ଏ. କଲୋନୀ, ବିଧାନସଭା, ରବୀନ୍ଦ୍ରମଣ୍ଡପ, ମାର୍କେଟ୍, ଏବଂ ଡାକ୍ତରଖାନା ମସ୍‌ଜିଦ୍ ଗଳି ବହୁ ଅନୁଷ୍ଠାନ ଥିବାରୁ ଏହି ରାସ୍ତାର ପ୍ରଶସ୍ତିକରଣ ପାଇଁ ଲୋକଙ୍କ ସୁବିଧା ପାଇଁ ପୂର୍ବରୁ ବାରମ୍ବାର ସ୍ଥାନୀୟ ବାସିନ୍ଦାମାନେ ଦାବି କରିଆସୁଥିଲେ । ସରକାର ଆଜି ସେମାନଙ୍କର ଦାବି ପୂରଣ ପାଇଁ ଆଗେଇ ଆସିଛନ୍ତି ବୋଲି ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି। ସେହିଭଳି ୩୬ ନମ୍ବର ୱାର୍ଡର କର୍ପୋରେଟର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାସ୍ତା ନିର୍ମାଣ ଦ୍ୱାରା ହଇରାଣ ହେବାକୁ ଯାଉଥିବା ଉଠାଦୋକାନୀ ଭାଇମାନଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶୁଭ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୩୫ ନମ୍ବର ୱାର୍ଡର କର୍ପୋରେଟର ରଞ୍ଜୁଲତା ରାୟ, ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ଏସ୍.ଡି.ଓ, ଆସିଷ୍ଟା ଇଂଜିନିୟର ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ । ସ୍ଥାନୀୟ ବାସିନ୍ଦାମାନେ ବହୁ ମାତ୍ରାରେ ଏକାଠି ହୋଇ ଏହି ଶୁଭ ଉଦ୍‌ଘାଟନକୁ ଖୁବ୍ ପ୍ରଶଂସା କରିବା ସଂଗେସଂଗେ ଖୁବ୍ ଶୀଘ୍ର ଏହାର କାମ ସାରିବା ପାଇଁ ବିଧାୟକଙ୍କୁ କହିଥିବାରୁ ଏହିମାସ ଶେଷ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବ ବୋଲି ବିଧାୟକ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି ।

# ଭଦ୍ରକ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ




ଭଦ୍ରକ, ୦୯/୦୯ (ନି.ପ୍ର): ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ଭୀମଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନେଇ ଭଦ୍ରକ ଜିଲ୍ଲା ପ୍ରଶାସନ ଦ୍ୱାରା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିଶୁକ୍ରବାର ଭଦ୍ରକ ପଞ୍ଚାୟତ ସମିତି ଦ୍ୱାରା ଭଦ୍ରକ ବ୍ଲକ୍ ପାଇଁ ଏହି ଶିବିର ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏହି ଶିବିର ଭଦ୍ରକ ବ୍ଲକ୍ ଏରେଇଁ ଗ୍ରାମପଞ୍ଚାୟତର ଚୁନଟି ଉନ୍ନୀତ ଉଚ୍ଚ ବିଦ୍ୟାପୀଠ ପରିସରରେ ଆୟୋଜନ କରାଯାଇଥିଲା। ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍ ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏ.ବି.ଡ଼ି.ଓ. ଗୁଲ ଫିର୍ଦୌସ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ଉପାଧକ୍ଷ ମୁକୁନ୍ଦ ଦେବ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ମଳୟ କୁମାର ଜେନା, ପଞ୍ଚାୟତ ସମିତି ସଦସ୍ୟ ନୟନ ବୈଦ୍ୟ ଏରେଇଁ ସରପଞ୍ଚ ଉର୍ମିଳା ଜେନା ଚୁନଟୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶ୍ୱିନୀ ରଣା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଯୋଗୀ ଘଡ଼େଇ, ପୂର୍ବତନ ସରପଞ୍ଚ ରତ୍ନାକର ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ ଲାଗି ଉଦ୍ଦିଷ୍ଟ ଥିବା ସରକାରୀ ଯୋଜନା, ସୁବିଧା, ସୁଯୋଗ, ସେମାନଙ୍କ ଚିହ୍ନଟ ପାଇଁ ଏହି ଶିବିର ଆୟୋଜନ ଜରିଆରେ ସୁଯୋଗ ପ୍ରଦାନ କରାଯିବା ସହ ଶିବିରରେ ସୁବିଧା ନେଇ ପାରି ନଥିବା ଦିବ୍ୟାଙ୍ଗ ମାନଙ୍କ ଚିହ୍ନଟ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସପ୍ତାହକୁ ୨ ଦନ ଶୁକ୍ରବାର ଓ ମଙ୍ଗଳବାରରେ ସୁଯୋଗ ଥିବା ସମ୍ବନ୍ଧରେ ବିଧାୟକ ସବିଶେଷ ସୂଚନା ଦେଇଥିଲେ। ଆଜିର ଏହି ଶିବିରରେ ସମୁଦାୟ ପଞ୍ଜିକୃତ ୩୫୪ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରେ ଶାରିରୀକ ଭିନ୍ନକ୍ଷମ ଥିବା ୧୩୮ ରୁ ୧୩୮, ଦୃଷ୍ଟିବାଧିତ ୫୫ ରୁ ୫୪, ଶ୍ରୁତିବାଧିତ ୫୩ ରୁ ୩୨, ମାନସିକ ଭିନ୍ନକ୍ଷମ ୬୬ ରୁ ୪୫ ଏବଂ ଶୂନରୁ ୧୨ ବର୍ଷ ପର୍ଯ୍ୟନ୍ତ ୪୨ ରୁ ୩୨ ସମୁଦାୟ ୩୦୧ ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ହୋଇଛନ୍ତି। ପୁଣି ଏମାନଙ୍କ ମଧ୍ୟରେ ଓର୍ଥୋସିସ୍ ୫ ଜଣ, ପି.ଏସ୍.ଏସ୍. ୩ଜଣ, ହ୍ୱିଲ୍‌ଚେୟାର ୭ଜଣ, ୱାକିଂ ଷ୍ଟିକ୍ ୨ ଜଣ, ତିନିଚକିଆ ସାଇକେଲ ୧ ଜଣ, ୱାକର ୧ ଜଣ ସମୁଦାୟ ୨୨ ଜଣ ଉପକରଣ ପାଇବାକୁ ଯୋଗ୍ୟ ହୋଇଛନ୍ତି। ପରେ ସଂପୃକ୍ତ ହିତାଧିକାରୀ ମାନଙ୍କୁ ପ୍ରମାଣପତ୍ର ଓ ଉପକରଣ ଯୋଗାଇ ଦିଆଯିବ। ସୂଚନା ଯୋଗ୍ୟ କି ଅନ୍‌ଲାଇନ୍ ମାଧ୍ୟମରେ ସମୁଦାୟ ୧,୭୧୯ ଜଣ ଦିବ୍ୟାଙ୍ଗ ଦରଖାସ୍ତ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ଅନେକେ ପୂର୍ବରୁ ଚିହ୍ନଟ ପ୍ରମାଣ ପତ୍ର ପାଇସାରିଛନ୍ତି। ଚିକିତ୍ସା ବିଭାଗ ତରଫରୁ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ଏମ୍ ମନୋଜ, କର୍ଣ୍ଣ, ନାସା, ଗଳା ବିଶେଷଜ୍ଞ ଡା ସୀତାଶ୍ରୀ ସେଠୀ, ଚକ୍ଷୁ ବିଶେଷଜ୍ଞ ଡା ସନ୍ତୋଷ କୁମାର ସିଂ, ଭେଷଜ ବିଶେଷଜ୍ଞ ଡା. ମୀନକେତନ ମହାନ୍ତି, ଶିଶୁରୋଗ ବିଶେଷଜ୍ଞ ଡା ଉମେଶ କୁମାର ଜେନା ଏହି ଶିବିରରେ ଉପସ୍ଥିତ ରହି ନିଜ ନିଜ ବିଭାଗ ଅନୁଯାୟୀ ଦିବ୍ୟାଙ୍ଗ ମାନଙ୍କର ପରୀକ୍ଷା କରି ଚିହ୍ନଟ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଟ୍ରେନ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କୁ ....

ଫ୍ରାନ୍ସର ଶାସକ ଚତୁର୍ଦ୍ଦଶ ଲୁଇସ୍ ଏହି ତାଲିକାରେ ସବୁଠୁ ଆଗରେ ଅଛନ୍ତି । ଏଲିଜାବେଥ୍ ଗଣମାଧ୍ୟମକୁ ଖୁବ୍ କମ୍ ସାକ୍ଷାତକାର ଦେଉଥିଲେ । ବିଶେଷକରି ରାଜନୈତିକ ବିଷୟଗୁଡ଼ିକରେ ସେ ମନ୍ତବ୍ୟ ଦେବାରୁ ଦୂରେଇ ରହୁଥିଲେ । ବିଶ୍ୱର ପ୍ରାୟ ୬ ଶହ ସଂଗଠନ ସହ ସେ ଜଡ଼ିତ ଥିଲେ । ନିଜ ଶାସନ ସମୟରେ ୧୫ଜଣ ପ୍ରଧାନମନ୍ତ୍ରୀ ଶପଥ କରାଇଥିଲେ । ଏଲିଜାବେଥ ୨ୟ ବ୍ରିଟେନର ମହାରାଣୀ ହେବା ପଛରେ ଏକ ରୋଚକ କାହାଣୀ ରହିଛି । ବିଟ୍ରେନର କିଙ୍ଗ ଜର୍ଜ ପଂଚମଙ୍କର ୧୯୩୬ ମସିହାରେ ପରଲୋକ ହୋଇଥିଲା । ତାଙ୍କ ମୃତ୍ୟୁପରେ ରାଜଗାଦୀରେ ତାଙ୍କ ବଡ ପୁଅ ଡେଭିଲ ବସିଥିଲେ । ସେ ନିଜ ରାଜକୀୟ ନାମ ଏଡୱାର୍ଡ ଅଷ୍ଟମ ରଖିଥିଲେ । କିନ୍ତୁ ନିଜ ପ୍ରେମ ସମ୍ପର୍କ କାରଣରୁ ତାଙ୍କୁ ତୀବ୍ର ବିରୋଧ କରାଯିବାରରୁ ବାଧ୍ୟରେ ସେ ଗାଦି ଛାଡିଥିଲେ । ତାଙ୍କୁ ଗାଦିରୁ ହଟାଇ ଏଲିଜାବେଥଙ୍କ ପିତା ଆଲବର୍ଟ ରାଜଗାଦିରେ ବସାଯାଇଥିଲା ଏହା ପରେ ଏଲିଜାବେଥଙ୍କ ପାଇଁ ମହାରାଣୀ ହେବାକୁ ବାଟ ଫିଟିଥିଲା ।

## ବଜାରରେ ବୁଲୁଛି ନକଲି ....

ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି । ଚଢ଼ାଉ ସମୟରେ ଯେଉଁ ଦୋକାନରେ ଟେଲମା-୪୦ର ଏକ ନିର୍ଦ୍ଦିଷ୍ଟ ବ୍ୟାଚର ଔଷଧ ରହିଛି ସେଗୁଡିକୁ ଫେରାଇ ନିଆଯାଇଛି । ଟେଲମା-୪୦ର ନକଲି ଔଷଧ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମିଳୁଛି । ଏହା ଏକ ଅତି ଜରୁରୀ ଔଷଧ ହୋଇଥିବାରୁ ନକଲି ହୋଇଥିଲେ ବହୁ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି । ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ରାଜ୍ୟରେ ଥିବା ସମସ୍ତ ଔଷଧ ଦୋକାନୀ ଓ ହୋଲସେଲର ମାନଙ୍କୁ ଡ୍ରଗସ କଣ୍ଟ୍ରୋଲରଙ୍କ ପକ୍ଷରୁ ଟେଲମା-୪୦ର ସେହି ବ୍ୟାଚର ଔଷଧ ବିକ୍ରି ଓ କିଣିବା ବନ୍ଦ କରିବାକୁ ଚିଠି କରାଯାଇଛି । ନକଲି ବୋଲି ସନ୍ଦେହ କରାଯାଉଥିବା ଟେଲମା-୪୦ର ସାମ୍ପୁଲକୁ ଟେଷ୍ଟ ପାଇଁ ଲାବରୋଟୋରୀକୁ ପଠାଯାଇଛି । ଯେପର୍ଯ୍ୟନ୍ତ ରିପୋର୍ଟ ନଆସିଛି ସେପର୍ଯ୍ୟନ୍ତ ଏହି ନିର୍ଦ୍ଦିଷ୍ଟ ବ୍ୟାଚର ମେଡିସିନ ଲୋକଙ୍କ ପାଖକୁ ନଯିବାକୁ ଜୋର ଦିଆଯାଉଛି । ଟେଲମା-୪୦ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ବ୍ୟବହାର ହୋଇଥାଏ । ହେଲେ ଯଦି ଏହି ଔଷଧ ନକଲି ହୁଏ ତେବେ ଓଲଟା ପ୍ରଭାବ ପଡିବାର ଆଶଙ୍କା ରହିଛି । ଯାହା ଅତ୍ୟନ୍ତ ଚିନ୍ତାଜନକ ।

## ବିଜେପି ଫୋକସରେ....

କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେ, ଭୂପେନ୍ଦ୍ର ଯାଦବ ଓ ବିଶେଶ୍ୱର ଟୁଡୁଙ୍କର ଭୁବନେଶ୍ୱରରେ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ପୁରୀ ଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ଆସିବାକୁ ଥିବା କେନ୍ଦ୍ରମନ୍ତ୍ରୀ ନିଶିଥ ପାରମାଣିକ କେନ୍ଦ୍ରାପଡ଼ା ଯାଇ ଦଳୀୟ ସଂଗଠନ କଥା ବୁଝିବେ। "ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ" ଆଧାରରେ ଏହି ସମସ୍ତ ଯୋଜନାର ସଫଳତା ଏବଂ ରାଜ୍ୟଗୁଡିକରେ ଏହାର କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦେଉଛନ୍ତି ମୋଦି ସରକାର। ଓଡିଶାରେ କେନ୍ଦ୍ର ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସଂପର୍କରେ ବିସ୍ତୃତ ଅବଗତ ହେବା ପାଇଁ କେନ୍ଦ୍ରମନ୍ତ୍ରୀମାନେ ଓଡିଶା ଗସ୍ତ କରୁଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ, ହିତାଧିକାରୀ ତାଲିକା, ବଂଚିତ ହିତାଧିକାରୀଙ୍କ ସଂପର୍କରେ ଅବଗତ ହେବା ସହିତ ଆଗାମୀ ଦିନରେ ଉକ୍ତ ଯୋଜାନକୁ ତୃଣମୂଳ ସ୍ତରରେ ପହଂଚାଇବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ । ଏହି ଅବସରରେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର, ଅର୍ଜୁନ ମୁଣ୍ଡା ଯାଜପୁର, ନିତ୍ୟାନନ୍ଦ ରାୟ କଟକ, ଅଶ୍ୱନୀ ଚୌବେ ଭୁବନେଶ୍ୱର, ବିଶେଶ୍ୱର ଟୁଡୁ ମୟୁରଭଂଜ ଏବଂ ଆସନ୍ତା କାଲି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଭୁବନେଶ୍ୱର, ନିଶିଥ୍ ପରମାଣିକ କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାର ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାଙ୍କ ସହିତ ଦଳୀୟ ସଂଗଠନ ସଂପର୍କରେ ମଧ ଆଲୋଚନା କରିବେ ବୋଲି ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ସୂଚନା ଦେଇଛନ୍ତି ।

## ୨୦୨୪ ପାଇଁ ବିଜେଡିର....

ଜିତିବାରେ ସମର୍ଥ ହୋଇନଥିଲା ବିଜେପି, ତେବେ ୭୬ ଲକ୍ଷ ୯୦ ହଜାର ଭୋଟ ପାଇଥିଲା, ଯାହା ଥିଲା ୩୨ ପ୍ରତିଶତରୁ ଅଧିକ । କିନ୍ତୁ ଦଳର ଖାତାକୁ ଯାଇଥିଲା ମାତ୍ର ୨୩ ସିଟ୍ । ୨୦୨୨ ପଞ୍ଚାୟତ ନିର୍ବାଚନରେ ଦଳର ଭୋଟ ହ୍ରାସ ୬୩ ଲକ୍ଷ ୨୩ ହଜାର ରହିଥିଲା । ୪୨ ଜିଲ୍ଲା ପରିଷଦ ଆସନ ଜିତିଥିଲେ ବି କୌଣସି ଜିଲ୍ଲାରେ ପରିଷଦ ଗଠନ କରିପାରିନଥିଲା । ତେବେ ୨୦୨୪ ପାଇଁ ଦଳ କିପରି ରଣନୀତି ପ୍ରସ୍ତୁତ କରୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର...ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଯାଉଛି ବିଜେଡିର ପଦଯାତ୍ରା । ଯାହାକୁ ବଡ ଆକାରରେ ପାଳନ କରିବାକୁ ଯାଉଛି ଦଳ । ଡିସେମ୍ବର ୨୬ ପ୍ରତିଷ୍ଠା ଦିବସକୁ ବ୍ୟାପକ ଆକାରରେ ପାଳନ କରିବା ପାଇଁ ଦଳ ପକ୍ଷରୁ ମଧ ନିଷ୍ପତ୍ତି ନିଆଯାଇଛି । ସରକାରଙ୍କ ଯୋଜନା, ନବୀନଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଦଳ ପକ୍ଷରୁ ଆରମ୍ଭ ହୋଇଛି ରଣନୀତି ।

## ୨୦୨୪ ପାଇଁ 'ସେନାପତି'....

ଡକ୍ଟର ରାଧାମୋହନ ଅଗ୍ରୱାଲଙ୍କୁ କେରଳ, ପଙ୍କଜା ମୁଣ୍ଡେ ଏବଂ ଡକ୍ଟର ରମାଶଙ୍କର କଠେରିଆଙ୍କୁ ମଧ୍ୟପ୍ରଦେଶ, ନରିନ୍ଦର ସିଂହ ରୈନାଙ୍କୁ ପଞ୍ଜାବ, ଅରବିନ୍ଦ ମେନନଙ୍କୁ ତେଲେଙ୍ଗାନା, ବିଜୟା ରାହଟକରଙ୍କୁ ରାଜସ୍ଥାନ, ଅମିତ ମାଲବୀୟ ଓ ଆଶା ଲକଡାଙ୍କୁ ପଶ୍ଚିମବଙ୍ଗ ଓ ରିତୁରାଜ ସିହ୍ନାଙ୍କୁ ପୂର୍ବୋତ୍ତର ରାଜ୍ୟର ସହ ପ୍ରଭାରୀ ନିଯୁକ୍ତ କରାଯାଇଛି ।

## ୩୬ ଘଂଟାରେ ସୁଦୃଶ ଲଘୁଚାପ....

ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି, ନୟାଗଡ, ଗଂଜାମ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୦ ତାରିଖରୁ ବର୍ଷାର ପରିମାଣ ବଢ଼ିପାରେ। ୧୦ରୁ ୧୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, ଖୋର୍ଦ୍ଧା,ନୟାଗଡ ଓ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନୂଆପଡା, ବଲାଙ୍ଗିର, ସୋନପୁର, ବୌଦ୍ଧ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## କୋଣାର୍କରୁ ବାଲି କାଢ଼ିବାକୁ ....

ଗୁରୁତ୍ୱ ନଦେବାରୁ ୨୦୦୯ରେ ଜଗମୋହନରୁ ୬ଥର ପଥର ଖସିଥିବା କୁହାଯାଉଛି । ଏବେ ପୁଣି ଏଏସଆଇର ମନମୁଖୀ କାର୍ଯ୍ୟକୁ ନେଇ ପ୍ରଶ୍ନ କରିଛି କୋଣାର୍କ ସୁରକ୍ଷା ସମିତି । ୧୨୦ ବର୍ଷ ତଳେ ୧୩୦ ଫୁଟ ଉଚ୍ଚର ବାଲି ଭର୍ତ୍ତି କରାଯାଇଥିଲା । ତାଞ୍ଚାକୁ ସୁରକ୍ଷା ଦେବା ପାଇଁ ବ୍ରିଟିଶ ସରକାର ଏପରି କରିଥିଲେ । ବିଶିଷ୍ଟ ସ୍ଥପତି ବିଶେନ ସ୍ୱରୂପଙ୍କ ନେତୃତ୍ୱରେ ବାଲି ଭର୍ତ୍ତି କରାଯାଇଥିଲା । ୧୨୦ ବର୍ଷ ଭିତରେ ବାଲି ଦବି ଯାଇଥିବାରୁ ବିପଦରେ ଅଛି କୋଣାର୍କ । ବିଶେଷଜ୍ଞ କହିଛନ୍ତି ଯେଉଁ ରାସ୍ତାଦେଇ ବିସେନ ସ୍ୱରୂପ ପଦାକୁ ଆସିଥିଲେ ଏବେ ସେହି ବାଟେ ବାଲି କାଢିବାକୁ ଯୋଜନା କରୁଛି ଏଏସଆଇ । କେମିତି ବାଲିମୁକ୍ତ ହେବ ବ୍ଲାକ ପାଗୋଡା ତାକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ରହିଛି । ବିଶେଷଜ୍ଞ ମଧ ଆଶଙ୍କା କରୁଛନ୍ତି ବାଲି ବାହାର କରିବା ପରେ ଜଣାପଡିବ କଣସବୁ ଆହ୍ୱାନ ଆଗକୁ ଆସିବ । ତେଣୁ କୋଣାର୍କକୁ ନେଇ କଣ ଆକଳନ କରିଛି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ କିଭଳି ଏହି ବାଲିକଢା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବ ସେନେଇ ବିସ୍ତୃତ ସୂଚନା ସାର୍ବଜନୀନ କରିବାକୁ ଦାବି ଉଠୁଛି ।


**OFFICE OF THE SUPERINTENDING ENGINEER**
BALASORE (ROADS & BUILDINGS) DIVISION-II
**AT/PO- BHASKARGANJ, BALASORE**

CONTACT NO :- 06782-263149
E-Mail ID :-eepwdbls2@gmail.com

**SHORT TENDER CALL NOTICE**

BID INVITATION NO. SE (R and B) BIS-II-30/2022-23
No. 5622 dt. 06.09.22

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 1 No. |
| 3 | Nature of work : | : | Road work of Balasore (R&B) Division-II |
| 4 | Class of Contractor : | : | D & C Class of Contractor |
| 5 | Approx. value of work | : | Rs. 12.71 Lakhs |
| 6 | Tender Cost. : . | : | Rs.6000.00 per work |
| 7 | Availability of Bid Documents in the website : | : | From 10.00 Hours of dt. 12.09.2022 to 16:00 hours of dt 19.09.2022. |
| 8 | Date of Opening of Bid : | : | Dt. 19.09.2022 at 16.30 Hours. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR : 34155/11/0008/2223

Superintending Engineer
Balasore (R & B) Division-II

ଧ୍ୱନି ପ୍ରତିଧ୍ୱନି



# ନଭେମ୍ବର ୮ରୁ କଟକ ବାଲିଯାତ୍ରା

ଭୁବନେଶ୍ୱର,୦୯/୦୯ (ନି.ପ୍ର): କଟକର ପ୍ରସିଦ୍ଧ ବାଲିଯାତ୍ରା ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତିସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଲୋକସେବା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉତ୍ସବର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ବାଲିଯାତ୍ରା ନଭେମ୍ବର ୮ ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଅଧିକ ସଙ୍ଖ୍ୟକ କଳାକାର ଓ ଶିଳ୍ପୀମାନଙ୍କୁ ସାମିଲ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା ପଡିଆକୁ ରାସ୍ତା ସଂଯୋଗ, ଟ୍ରାଫିକ୍ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ଷ୍ଟଲ ପାଇଁ ସ୍ଥାନ ନିର୍ଦ୍ଧାରଣ, ବିଦ୍ୟୁତ ସଂଯୋଗ, ପରିମଳ, ସ୍ୱାସ୍ଥ୍ୟ ସେବା ଓ ଆଇନ୍ ଶୃଙ୍ଖଳା ଆଦି ଉପରେ ଗୁରୁତ୍ୱ ଆରୋପ କରି ଏସବୁର ଉତମ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରିବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାତ୍ରା ପଡିଆରେ ଅଧିକ ସଙ୍ଖ୍ୟକ ପାନୀୟ ଜଳ ଟ୍ୟାଙ୍କ, ଅସ୍ଥାୟୀ ବାଇଓ ଟଏଲେଟ୍ ଆଦି ଲଗାଇବାକୁ କଟକ ପୌର ପରିଷଦ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ କୁହାଯାଇଥିଲା । ଯାତ୍ରା ପଡିଆରେ କେବୁଲ ମାଧ୍ୟମରେ ବିଦ୍ୟୁତ ସଂଯୋଗ କରିବାକୁ ଶ୍ରୀ ମହାପାତ୍ର ବିତରକ କଂପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା ସମୟରେ ନଦୀରେ ଜଳ କ୍ରୀଡା ଏବଂ ଡେଜର୍ଟ ବାଇକ୍ ରାଇଡ଼ିଂ ଆଦିର ବ୍ୟବସ୍ଥା ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥଇଲା। ଏ ବର୍ଷ ଅଧିକ ସଂଙ୍ଖ୍ୟକ ଲୋକ କଳା, ସଂଗୀତ ଏବଂ ନୃତ୍ୟ ଟ୍ରୁପ୍ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କହିଥିଲେ। ଏନ୍.ଜି.ଟି.ର ଗାଇଡ୍ ଲାଇନ୍ ଅନୁସାରେ ଯାତ୍ରାର ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

# ସହିଦ ବୀର ବାଘାଯତୀନଙ୍କ ବଳିଦାନ ଦିବସ



ବାଲେଶ୍ୱର,୦୯/୦୮ (ନି.ପ୍ର): 'ମୁକ୍ତିଯୋଦ୍ଧା ସହିଦ ବାଘାଯତୀନ ଓ ଯୋଗୀ ହରିଗୋଲାମ ଦାସ ସ୍ମୃତି କମିଟି'ପକ୍ଷରୁ ବାଘାଯତୀନଙ୍କ ୧୦୭ତମ ରକ୍ତତୀର୍ଥ ଚଷାଖଣ୍ଡ ଯୁଦ୍ଧ ତଥା ବଳିଦାନ ଦିବସ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାସଭାପତି ବିଧାନଚନ୍ଦ୍ର ରାୟ ଏଥିରେ ସଭାପତିତ୍ୱ କରିଥିଲେ। ତ୍ରିବେଣୀ ତୀର୍ଥ ଆଶ୍ରମର ମହନ୍ତ ମହାରାଜ ବାବଜୀ ଦୟାନନ୍ଦ ଦାସଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ଅରୁଣ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। 'ଆସ ଆମେ ସହିଦଙ୍କୁ ଜାଣିବା, ଦେଶକୁ ଭଲପାଇବା, ମାଆ, ମାଟି ପାଇଁ କାମ କରିବା' ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ କିଶୋର ଦାଶ ଯୋଗଦେଇ ବିପ୍ଳବୀ ବୀର ସହିଦ ବାଘାଯତୀନ ଓ ସାଥୀଙ୍କ ଲୋମହର୍ଷଣକାରୀ ଖଣ୍ଡଯୁଦ୍ଧ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନଙ୍କ ସ୍ମୃତିରକ୍ଷା ପାଇଁ ସାମୂହିକ ଉଦ୍ୟମ ପାଇଁ ସେ ଆହ୍ୱାନ ଦେଇଥିଲେ। ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ରାଉତ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସହିଦଙ୍କ ବୀରତ୍ୱର କାହାଣୀ ସହ ଉତ୍ତର ପିଢ଼ିଙ୍କୁ ଅବଗତ କରାଇବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ଶିକ୍ଷାବିତ ଡ. ଭାଗବତ ପ୍ରସାଦ ଦାସ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା, ବିପିନ ବିହାରୀ ବାରିକ, କରୁଣାକର ଖଟୁଆ, ଚକ୍ରଧର ଦାସ, ଯୋଗେଶ୍ୱର ପ୍ରଧାନ, ଗଂଗାଧର ଦାସ, ତୁଷାରକାନ୍ତି ମହାପାତ୍ର, ଅମୀୟ ମହାନ୍ତି, ରମେଶ ଚନ୍ଦ୍ର ଜେନା, ରାମଚନ୍ଦ୍ର ସାହୁ, ଅଜୟ ବାରିକ, ସନ୍ତୋଷ ଦାସ, ନିରଞ୍ଜନ ଗିରି, ସୁରଜିତ୍ ପୋଥାଳ, ପଦ୍ମଲୋଚନ ପଣ୍ଡା, ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଘାଯତୀନ୍ ଓ ତାଙ୍କ ସାଥୀଙ୍କ ଚଷାଖଣ୍ଡ ଯୁଦ୍ଧର କାହାଣୀ, ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସଭା ପୂର୍ବରୁ ବାବାଜୀ ଦୟାନନ୍ଦ ଦାସଙ୍କ ପୌରହିତ୍ୟରେ ବୁଢ଼ାବଳଙ୍ଗ ନଦୀତଟ ତ୍ରିବେଣୀଘାଟରେ ବିଧିପୂର୍ବକ ସହିଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା।

# ବନ୍ୟା କ୍ଷୟକ୍ଷତି : କୃଷି ଇନ୍‌ପୁଟ ବୃଦ୍ଧି ଓ ସହାୟତା ଦାବିରେ ବିକ୍ଷୋଭ



ଜଳେଶ୍ୱର, ୦୯/୯(ନି.ପ୍ର): ଗତ ଅଗଷ୍ଟ ମାସରେ ବର୍ଷା ଓ ସୁବର୍ଣ୍ଣରେଖା ନଦୀରେ ଦେଖା ଦେଇଥିବା ବନ୍ୟା ବ୍ୟାପକ କ୍ଷତି ହୋଇଥିବା ବେଳେ ଅଦ୍ୟାବଧି କୌଣସି ସହାୟତା ଓ କୃଷି ଇନ୍‌ପୁଟ୍ ଦିଆଯାଇନଥିବାରୁ ଆଜି ସିପିଆଇ(ଏମ୍) ପକ୍ଷରୁ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବା ସହିତ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଚଳିତ ସେପ୍ଟେମ୍ବର ମାସ ଶେଷରେ ଆନ୍ଦୋଳନ ହେବ ବୋଲି ଓଡିଶା କୃଷକ ସଭା ଓ କ୍ଷେତ ମୂଲିଆ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ସୁବର୍ଣ୍ଣରେଖା ବନ୍ୟାରେ ଜଳେଶ୍ୱର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବ୍ଲକ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ୨୮ଟି ପଂଚାୟତର ୧୩୪ ଗାଁ ଜଳାର୍ଣ୍ଣବ ହୋଇଥିବା ବେଳେ ପ୍ରାୟ ୫ହଜାର ହେକ୍ଟର ଜମିର ଚାଷ ବୁଡି ଯାଇଥିଲା। ଏଥିରେ ୨୨୩ ଜଣଙ୍କ ଘର ଭଂଗିଥିବା ବେଳେ ମାତ୍ର ୧୨୨୦ ହେକ୍ଟର ଜମିର ଚାଷ ନଷ୍ଟ ହୋଇଥିବା ଦର୍ଶାଯାଇଛି। ଏଥିରେ ୨୮୯ଟି ପଂଚାୟତ ସମିତି ଓ ପଂଚାୟତ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ୫କୋଟି ୬୯ଲକ୍ଷ ଟଙ୍କା ମରାମତି ଲାଗି ଆବଶ୍ୟକ ବୋଲି ଦର୍ଶାଯାଇଛି । ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର ସଂପୂର୍ଣ୍ଣ ରାସ୍ତା ମରାମତି ଲାଗି ୧୦କୋଟି ଟଙ୍କାର ଆବଶ୍ୟକତା କୁହାଯାଇଛି। ଅଧିକ ଜମିରେ ଚାଷ ନଷ୍ଟ ହୋଇଥିବା ବେଳେ ମାତ୍ର ୧୨୪୦ ହେକ୍ଟର ଜମି କ୍ଷତି ସଂପର୍କରେ ଦର୍ଶାଯାଇଥିବାରୁ ଓଡିଶା କୃଷକ ସଭା ଓ କ୍ଷେତ ମୂଲିଆ ସଂଗଠନ କ୍ଷୋଭ ପ୍ରକାଶ କରିଛି । ଇନ୍‌ପୁଟ୍ ସବ୍‌ସିଡ ହେକ୍ଟରକୁ ୬ହଜାର ୮ଶହ ଟଙ୍କା ଥିବା ବେଳେ ଏହାକୁ ବୃଦ୍ଧି କରିବାକୁ ଦାବିପତ୍ରରେ ଦର୍ଶାଯାଇଛି । ମାତ୍ର ୧୦ଟି ପଂଚାୟତର ୩୧ଟି ଗାଁ କ୍ଷତିଗ୍ରସ୍ତକୁ ସମାଲୋଚନା କରାଯାଇଛି । ବନ୍ୟାକୁ ୨୦ଦିନ ବିତିଯାଇଥିଲେ ହେଁ କଷି ଇନ୍‌ପୁଟ କିମ୍ବା ଘରଭଂଗା ଟଙ୍କା ମିଳି ପାରିନାହିଁ । ରିଲିଫ କୋର୍ଡ ଅନୁଯାୟୀ ୭ଦିନର ରିଲିଫ ବଦଳରେ ଅସ୍ଥାୟୀ ଶିବିରରେ ମାତ୍ର ୩ଦିନର ରନ୍ଧାଖାଦ୍ୟ ଦିଆଯାଇଥିବାକୁ ସେମାନେ ନାପସନ୍ଦ କରିଛନ୍ତି । ଅନ୍ୟଏକ ଲଘୁଚାପ ଦେଖାଦେଇଥିବା ବେଳେ ଲୋକେ କ୍ଷତିକ୍ଷତି ସଠିକ ଆକଳନ କରି କୃଷି ଇନ୍‌ପୁଟ ବଢାଇବା, ଯୁଦ୍ଧକାଳୀନ ଭିତ୍ତିରେ ଘରଭାଂଗି ସହାୟତା ଯୋଗାଇଦେବା, ବନ୍ୟାଂଚଳର କୃଷକଙ୍କ ଋଣ ଛାଡ କରିବା, ନୂତନ କୃଷିଋଣ ଯୋଗାଇଦେବା, ବନ୍ୟାଂଚଳର ଛାତ୍ରଛାତ୍ରୀଙ୍କ ଟିଉସନ୍‌ଫି ଓ ପରୀକ୍ଷା ଫି ଛାଡ କରିବା ଦାବିରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ତହସିଲଦାର ସ୍ମୃତରଂଜନ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲା ଉପସଭାପତି ଦିଲ୍ଲିପ କୁମାର ଗିରି, ବ୍ଲକ ସଂପାଦକ ରବିନ୍ଦ୍ର ବାରିକ, କ୍ଷେତମୂଲିଆ ସଂଗଠନର ସଂପାଦକ ସେକ୍ ଅବଦୁଲ ସାଦିକ, ପଲ୍ଟୁ ଦାସ, ଜୀବନ ପରିଡା, ମଦନ ମାହାଲି, ଚନ୍ଦନ ଶତପଥି, ଅଜିତ୍ ଦାସ, ସପନ ଜେନା, ନରେନ୍ଦ୍ର ସିଂ, ପବିତ୍ର ସେନାପତି, ମମତା ରାଜ, ରାଜକୁମାର ଆଚାର୍ଯ୍ୟ, ପରମେଶ୍ୱର ପଲାଇ ପ୍ରମୁଖ ବିକ୍ଷୋପ ପ୍ରଦର୍ଶନ କରିବା ସହ ଉପସ୍ଥିତ ଥିଲେ ।

# ଧବଳେଶ୍ୱର ପୀଠରେ ନିର୍ମାଣ ହେବ ବିଜେ ପୂଜକ ସମାଜ ଘର

ଭୁବନେଶ୍ୱର,୦୯/୦୯ (ନି.ପ୍ର): ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀଧବଳେଶ୍ୱର ପୀଠରେ ଭକ୍ତ ଓ ଦର୍ଶନାର୍ଥୀଙ୍କୁ ସୁବିଧା ଯୋଗାଇବା ସହିତ ପୀଠକୁ ଅଧିକ ଆକର୍ଷଣୀୟ କରିବା ପରିପ୍ରେକ୍ଷୀରେ ନିର୍ମାଣାଧିନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ଭିତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ଶ୍ରୀ ଧବଳେଶ୍ୱର ବିଜେ ପୂଜକ ସମାଜର ଘର ନିର୍ମାଣ କରାଯିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ପୂଜକ ସମାଜର ଏହି ଘର ନିର୍ମାଣ ନିମନ୍ତେ ପ୍ରଶାସନିକ ମଂଜୁରୀ ନିମନ୍ତେ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୩ ତାରିଖ ଦିନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଆଠଗଡ଼ର ଉପଜିଲ୍ଲାପାଳ ଏବଂ ଚାରବାଟିଆ ରାସ୍ତା ଓ ଗୃହନିର୍ମାଣ ଡିଭିଜନ୍ ର ଅଧୀକ୍ଷଣ ଯନ୍ତ୍ରୀ ଉପସ୍ଥିତ ରହିବେ। ଉକ୍ତ ବୈଠକରେ ପୂଜକ ସମାଜର ଘର ନିର୍ମାଣର ବ୍ୟୟ ଅଟକଳକୁ ଯାଂଚ କରାଯିବା ସହିତ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି । ବୈଠକରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନି, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର ଯାଦବ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଏ.ଏନ୍.ଏସ୍ ଲାଗୁରି, ଚାରବାଟିଆ ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ୍ ର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଆଠଗଡ଼ର ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସମେତ ସ୍ଥପତି ଏସ୍ ଆଣ୍ଡ ଜେ ଆସୋସିଏଟସ୍ ର ପ୍ରତିନିଧି ଯୋଗଦେଇଥିଲେ ।

# ନିଟ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୯/୦୯ (ନି.ପ୍ର): ସର୍ବଭାରତୀୟ ଦକ୍ଷତା ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବାଲେଶ୍ୱରର ଛାତ୍ରଛାତ୍ରୀଙ୍କୁ ମଡର୍ଣ୍ଣ ପବ୍ଲିକ ସ୍କୁଲର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ସେ ସାଧୁବାଦ ଜଣାଇବା ସହ ଏହି ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣର ଗୁରୁ ଦାୟିତ୍ୱ ବେଶ୍ ସୁଚାରୁରୂପେ ତୁଲାଇ ପାରିଛି ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀମାନେ ହେଲେ ୬୫୫ ନମ୍ବର ରଖିଥିବା ସାତିକ ଭୋଇ, ୬୦୩ ନମ୍ବର ରଖିଥିବା ଶ୍ୱେତା ପ୍ରଧାନ ଓ ୫୮୭ ନମ୍ବର ରଖିଥିବା ମାମାଲି ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଛାତ୍ରବତ୍ସଳ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ଓ ସମସ୍ତଙ୍କ ଆଶୀର୍ବାଦରୁ ଆଜି ସେମାନଙ୍କୁ ସଫଳତା ମିଳି ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି।

# ବାଘାଯତୀନଙ୍କ ୧୦୮ ତମ ବଳିଦାନ ଦିବସ ଆଜି

## ସମ୍ବର୍ଦ୍ଧିତ ହେବେ ଜିତେନ୍ଦ୍ର, କଳିଙ୍ଗ, ସମୀର, ଶ୍ୱେତାଲିସା

କପ୍ତିପଦା,୦୯/୦୮ (ନି.ପ୍ର): ଶହୀଦ ବାଘାଯତୀନଙ୍କ କର୍ମଭୂମି କପ୍ତିପଦାର ମହୁଲଡ଼ିହାଠାରେ ଶହୀଦଙ୍କ ୧୦୮ତମ ବଳିଦାନ ଦିବସ ଚଳିତ ମାସ ୧୦ ତାରିଖ ଶନିବାର ପାଳିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲାର ୫ ପ୍ରତିଭା ସମ୍ବର୍ଦ୍ଧିତ ହେବେ। ବାରିପଦା ପୌର ପରିଷଦର ପ୍ରାକ୍ତନ ଉପନଗରପାଳ ସମାଜସେବୀ ଜିତେନ୍ଦ୍ର ମହାନ୍ତି, ଭଂଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ପ୍ରଶାସନିକ ସେବା କ୍ଷେତ୍ରରେ ସମୀର କୁମାର ଜେନା, କଣ୍ଠଶିଳ୍ପୀ ତଥା ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ ଛାତ୍ରୀ ଶ୍ୱେତାଲିସା ଶୁଭଦର୍ଶିନୀ, ଆଦିବାସୀ ପରମ୍ପରା ଓ ସଂସ୍କୃତି ସୁରକ୍ଷା କ୍ଷେତ୍ରରେ ଦାନ୍ତ ହାଁସଦାଃ ସମ୍ବର୍ଦ୍ଧିତ ହେବେ। ଏହି ଅବସରରେ ସକାଳ ୮ ଘଟିକା ସମୟରେ ଶହୀଦଙ୍କ ସ୍ମୃତିପୀଠରେ ଜାତୀୟ ପତାକା ଉତ୍ତୋଳନ କରିବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ। ପୂର୍ବାହ୍ନ ୯ ଘଟିକାରେ ଶହୀଦ ସ୍ମାରକୀ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସ୍ମୃତିପୀଠରେ ପହଞ୍ଚିବା ପରେ ସାଧାରଣ ସଭା ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଜଳଶକ୍ତି, ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ବିଶିଷ୍ଟ ଅତିଥିଭାବେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ମୁଖ୍ୟବକ୍ତା ଭାବେ ଧର୍ମଜାଗରଣ କ୍ଷେତ୍ରୀୟ ପ୍ରମୁଖ ବିନୟ କୁମାର ଭୂୟାଁ, ସମ୍ମାନିତ ବକ୍ତାଭାବେ ସେବା ନିବୃତ୍ତ ବୈଜ୍ଞାନିକ ବଦ୍ରି ମହାନ୍ତି, ଉଦଳା ବିଧାୟକ ଭାସ୍କର ମଢ଼େଇ, ମୟୂରଭଂଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, କ୍ରାନ୍ତିକାରୀ ଶତାବ୍ଦୀ ଆୟୋଜନ ସମିତି, ଦେବାସ୍, ମଧ୍ୟପ୍ରଦେଶର ଆବାହକ ରବୀନ୍ଦ୍ର ଭରଦ୍ୱାଜ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, କପ୍ତିପଦା ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ ପ୍ରମୁଖ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାକୁ ସଭାପତି ଇଂ ଅଶୋକ କୁମାର ଚକ୍ରବର୍ତ୍ତୀ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସଂପାଦକ ସୁଶାନ୍ତ ମିଶ୍ର, ସହସଂପାଦକ ସୁଶାନ୍ତ ମହାନ୍ତି ତଥା ସ୍ମୃତି ପରିଷଦର ସମସ୍ତ ସଦସ୍ୟସଦସ୍ୟା ନିବେଦନ କରିଛନ୍ତି।

# ଟାଉନ ହାଇସ୍କୁଲରେ ସ୍ମାର୍ଟ କ୍ଲାସରୁମ ଉଦ୍‌ଘାଟିତ



ବାଲେଶ୍ୱର,୦୯/୦୯ (ନି.ପ୍ର): ଏସଡିଏଫସି ବ୍ୟାଙ୍କ ସହାୟତାରେ ପ୍ରତିଷ୍ଠା ହୋଇଥିବା ଟାଉନ ହାଇସ୍କୁଲ ସ୍ମାର୍ଟ କ୍ଲାସରୁମର ଶୁଭ ଉଦଘାଟନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଏହି କ୍ଲାସରୁମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଚଡିଏଫସି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହଯୋଗକୁ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନରେ ଏହା ବେଶ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଟାଉନ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନମିତା ମହାପାତ୍ରଙ୍କ ପୌରୋହିତ୍ୟରେ ଅୟୋଜିତ କାର୍ଯ୍ୟକ୍ରମରେ ଏଚଡିଏଫସି ବ୍ୟାଙ୍କ କ୍ଲଷ୍ଟର ମୁଖ୍ୟ ଦେବବ୍ରତ ନାୟକ, ଶାଖା ପରିଚାଳକ ଅସିତ କୁମାର ରାୟ ଓ ସୁଜିତ କୁମାର ରାଉଳଙ୍କ ସମେତ ସ୍ଥାନୀୟ କାଉନସିଲର ଗୌରୀ ଦାଶ ଏବଂ ପଦ୍ମଲୋଚନ ଲେଙ୍କା, ବିଦ୍ୟାଳୟର ଆଲୁମିନି କର୍ମକର୍ତ୍ତା ଓ ସଦସ୍ୟ, ଏସଏମସି ସଦସ୍ୟ ସଦସ୍ୟା ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଶିକ୍ଷକ ଅକ୍ଷୟ କୁମାର ପାତ୍ର ଓ ଦାମୋଦର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ପୂର୍ବରୁ ୫-ଟି ରୂପାନ୍ତରୀଣ ଯୋଜନାରେ ବିଦ୍ୟାଳୟର ୪ ଗୋଟି ସ୍ମାର୍ଟ କ୍ଲାସରୁମ ସ୍ଥାପନ କରାଯାଇଥିବା ବେଳେ ଏଚଡିଏଫସି ବ୍ୟାଙ୍କ ସହଯୋଗରେ ଏହି ୫ମ ସ୍ମାର୍ଟ କ୍ଲାସରୁମ ପ୍ରତିଷ୍ଠା କରାଯାଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଚନ୍ତି।

# ପୁରୀ ଜିଲ୍ଲା ସ୍କୁଲରେ ଚିତା ପୁନର୍ବାସ ସଚେତନତା କାର୍ଯ୍ୟକ୍ରମ

ପୁରୀ /ଭୁବନେଶ୍ୱର,୦୯/୦୯ (ନି.ପ୍ର): ପୁରୀ ଜିଲ୍ଲା ସ୍କୁଲରେ ଚିତା ପୁନର୍ବାସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୨୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଚିତା ପୁନର୍ବାସ ସମ୍ପର୍କରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଜାତୀୟ ପ୍ରାକୃତିକ ଇତିହାସ ସଂଗ୍ରହାଳୟ (ଏନଏମଏନଏଚ) ଓ ଏହାର ଆଂଚଳିକ କେନ୍ଦ୍ରଗୁଡିକ ଚଳିତ ମାସରେ ଦେଶର ବିଭିନ୍ନ ରାଜ୍ୟରେ ଅଫଲାଇନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ଭାରତରୁ ବିଲୁପ୍ତ ଏହି ପ୍ରଜାତିର ପୁନର୍ବାସନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମନରେ କୌତୁହଳ ଓ ସଚେତନତା ସୃଷ୍ଟି ପାଇଁ ଏନଏମଏନଏଚର ରିସୋର୍ସ ପର୍ସନମାନେ ୧୫ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରାଳୟଙ୍କ ଅଧୀନସ୍ଥ ଜାତୀୟ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ମୁଖ୍ୟାଳୟ ଦିଲ୍ଲୀ ଏବଂ ମହୀଶୂର, ଭୁବନେଶ୍ୱର, ଭୋପାଳ ଓ ସୱାଇ ମାଧୋପୁରରେ ଏହାର ଆଂଚଳିକ କାର୍ଯ୍ୟାଳୟ ରହିଛି ।

# ଡ୍ରେନ ନିର୍ମାଣର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ



ଖଇରା,୦୯/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମ ନିକଟରେ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା ଡ୍ରେନ କାର୍ଯ୍ୟ କୁ ବେପରୁଆ ଭାବେ କରାଯିବାକୁ ନେଇ ମହତୀପୁର ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରବଳ ବର୍ଷା ସମୟରେ ନାଳରେ ପାଣି ଭର୍ତ୍ତୀ ଥିବା ବେଳେ କଂକ୍ରିଟ ଢଳେଇ କରାଯିବାରେ ଏହାର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଗୁରୁବାର ଅପରାହ୍ନରେ କିଛି ଗ୍ରାମବାସୀ ଏହି ନିମ୍ନମାନର କାମ ବନ୍ଦପାଇଁ ଦାବୀ କରିଥିଲେହେଁ ଠିକାଦାର ଏଥିପ୍ରତି କର୍ଣ୍ଣପାତ ନକରି କାର୍ଯ୍ୟ ଜାରି ରଖିଥିବାର ଅଭିଯୋଗ ହୋଇଛି । ବର୍ଷାଋତୁରେ ଢଳେଇ କାର୍ଯ୍ୟ ବନ୍ଦ କରାନଗଲେ ଗ୍ରାମବାସୀ ସୋର-କୁପାରୀ ରାସ୍ତାରେ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି । ୧କିମି ଡ୍ରେନ ନିର୍ମାଣ ପାଇଁ ପାଖାପାଖି ୧କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏପ୍ରିଲ ୧୭ ତାରିଖରେ ଏହାର ଭୂମି ପୂଜା କରାଯାଇଥିଲା। କାର୍ଯ୍ୟଗ୍ରାହୀ ଗ୍ରୀଷ୍ମ ଋତୁରେ ପାଗ ଶୁଖିଲା ଥିବା ବେଳେ କାମ କରିବା ପରିବର୍ତ୍ତ ୪ମାସ ପରେ ଧାରା ଶ୍ରାବଣରେ କାର୍ଯ୍ୟ ଆରମ୍ଭ କରିଥିଲେ । ଯାହା ନିମ୍ନ ମାନର କାର୍ଯ୍ୟ କରିବାକୁ ଖୋରାକ ଯୋଗାଇଥିଲା । ଏବେ ରାସ୍ତା ଉପରେ ଡ୍ରେନ ଖୋଳା ପରେ କାଦୁଅ ପଚପଚ ମାଟିକୁ ଜମାକରି ରଖିବା ଯୋଗୁଁ ଯାତ୍ରୀ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସଂପୂର୍ଣ୍ଣ କାର୍ଯ୍ୟ ପାଇଁ ଡ୍ରେନ ସଂଲଗ୍ନ ପରିବାର ଗୁଡିକ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି। ସିମେଣ୍ଟ,ରଡ୍, ଚିପ୍ସ ଓ ବାଲିର ଭାଗମାପ ରେ ବ୍ୟାପକ ଅନ୍ତର ଯୋଗୁଁ ଏହା କେତେ ବେଳେ ଯେ ଭୁଷୁଡିବ ତାହା କହି ହେବ ନାହିଁ । ଯନ୍ତ୍ରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ଏଭଳି ଅନିମିୟତତା ପାଇଁ ପ୍ରୋତ୍ସାହନ ଯୋଗାଉଥିବାର ଯାତ୍ରୀ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ହରିଶ ଚନ୍ଦ୍ର ଦ୍ୱାରୀଙ୍କୁ ଯୋଗାଯୋଗ କରିବାରେ ସେ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ଏହାର ତଦାରଖ କରିବେ ବୋଲି କହିଛନ୍ତି ।

# ବିଜେପିର ଜିଲ୍ଲା ସାଂଗଠନିକ ବୈଠକ ଅନୁଷ୍ଠିତ




ବାରିପଦା, ୦୯/୦୯ (ନି.ପ୍ର): ବିଜେପି ମୟୂରଭଞ୍ଜ (ପୂର୍ବ) ସାଂଗଠନିକ ଜିଲ୍ଲାର ଏକ ସାଂଗଠନିକ ବୈଠକ ବାରିପଦା ହେମଚନ୍ଦ୍ରପୁରସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କାନ୍ଦ୍ରା ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଜେପି ରାଜ୍ୟ ଉପସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢେଇ, ବିଧାୟକ ପ୍ରକାଶ ସୋରେନ ଓ ଡା. ବୁଡାନ ମୁର୍ମୁ, ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ ସହରାଂଚଳ କମିଟିର ସଂଯୋଜକ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଉଦଳା ପୌରପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି ପ୍ରମୁଖ ଯୋଗଦେଇ ଆଗାମୀ ସେପଟେମ୍ବର ଓ ଅକ୍ଟୋବର ଦୁଇ ମାସର ରାଜ୍ୟ ପ୍ରଦତ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଶକ୍ତିକେନ୍ଦ୍ର ଓ ବିଧାନସଭା ସ୍ତରୀୟ କର୍ମଶାଳା, ସେପଟେମ୍ବର ୧୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ଆରମ୍ଭ ହୋଇ ସପ୍ତାହେ ଧରି ସେବା ପକ୍ଷ ପାଳନ, ସେପ୍ଟେମ୍ବର ୨୫ ତାରିଖ ଦିନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀରେ ମନ କି ବାତ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବୁଥରେ ପାଳନ କରିବା, ଅକ୍ଟୋବର ୨ରେ ଗାନ୍ଧୀଜୟନ୍ତୀ ପାଳନ କରିବା, ବୁଥ କମିଟି ଗଠନ, ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ, ସେପ୍ଟେମ୍ବର ୨୯ ଓ ୩୦ରେ ରାଷ୍ଟ୍ରୀୟ ସଭାପତି ଜଗତ ପ୍ରସାଦ ନଡ୍ଡାଙ୍କର ହେବାକୁଥିବା ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ବୁଥସ୍ତରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମୂହକୁ ପହଂଚାଇ ଅଧିକ ଜନ ସଚେତନତା ସୃଷ୍ଟି କରାଇବା ସହ ଲୋକମାନଙ୍କ ସମସ୍ୟା ସହିତ ଯୋଡି ହେବାକୁ କାର୍ଯ୍ୟକର୍ତା ମାନଙ୍କୁ ପରାମର୍ଶ ଦିଆ ଯାଇଥିଲା । ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଇଂ. ବିଜୟ କୁମାର ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ । ଅନ୍ୟତମ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ବୈଠକରେ ବୀବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ବରିଷ୍ଠ ନେତ୍ରୀ ସୁମନ ସିଂ, ଜିଲ୍ଲା ଉପସଭାପତି ସୁନିଲ ଦାଶ, ପ୍ରଦୀପ କୁମାର ପରିଡ଼ା, ପ୍ରଦୀପ କୁମାର ମହାନ୍ତି, ଦୋଳଗୋବିନ୍ଦ ବେହେରା, ଜିଲ୍ଲା ସମ୍ପାଦକ କୁମାର ମଙ୍ଗଳମ, ମମତା ମଣ୍ଡଳ, ଟୁନାରାମ ଥୟାଲ, ଯୁବ ମୋର୍ଚ୍ଚା ସଭାପତି ଇଂ. ବଳରାମ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ କିସ୍କୁ, ଓବିସି ମୋର୍ଚ୍ଚା ସଭାପତି ବ୍ରଜମୋହନ ବେହେରା, କୃଷକ ମୋର୍ଚ୍ଚା ସଭାପତି ଶିରିଷ ଚନ୍ଦ୍ର ମହାନ୍ତ, ଜିଲ୍ଲା କୋଷାଧ୍ୟକ୍ଷ ପ୍ରକାଶ ଅଗ୍ରୱାଲା, ୨୧ନଂ କାଉନସିଲର ଲକ୍ଷ୍ମୀଧର ହାବଡା, ୩ନଂ କାଉନସିଲର ରାଜ ଗୁପ୍ତାଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ମଣ୍ଡଳ ପ୍ରଭାରୀ ଓ ଜିଲ୍ଲା ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

# ରାଜ୍ୟରେ ନୂଆ ୨୫୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୫୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୯୭୨୬ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୫୪ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୯ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୦୫ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୩୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୪୮ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୮୭୯୮ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୯୧ ରହିଛି। ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୫୪ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୨, ବରଗଡ଼ ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗିର ଜିଲ୍ଲାରେ ୧୧, କଟକ ଜିଲ୍ଲାରେ ୨୭, ଦେବଗଡ଼ ଜିଲ୍ଲାରେ ୧, ଗଞ୍ଜାମ ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରେ ୫, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡ଼ା ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୧୧, କନ୍ଧମାଳ ଜିଲ୍ଲାରେ ୨, କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୪, ମୟୂରଭଞ୍ଜ ଜିଲ୍ଲାରେ ୮, ନବରଙ୍ଗପୁର ଜିଲ୍ଲାରେ ୧୫, ନୟାଗଡ ଜିଲ୍ଲାରେ ୧୨, ନୂଆପଡ଼ା ଜିଲ୍ଲାରେ ୯, ସୁନ୍ଦରଗଡ ଜିଲ୍ଲାରେ ୩୦ ଓ ଷ୍ଟେଟ ପୁଲରେ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo